RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-299 •MONDAY •27 APRIL 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୨୯୯ •ସୋମବାର •୨୭ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



**ମୋହସିନ୍‌ଙ୍କୁ ୫ ୱିକେଟ୍**

▶ପୃଷ୍ଠା ୧୨ ଦେଖନ୍ତୁ...

## ଭୋଜି ସମାବେଶରେ ୭ ରାଉଣ୍ଡ ଗୁଳି

# ଅଳ୍ପକେ ବର୍ତ୍ତିଗଲେ ଟ୍ରମ୍ପ

■ ୱାସିଂଟନ୍, ୨୬।୪ (ଏଜେନ୍ସି): ୱାସିଂଟନ୍‌ର ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଡିନରରେ ଏକ ବଡ଼ ଧରଣର ସୁରକ୍ଷା ଉଲ୍ଲଂଘନ ଘଟିଛି। ଆମେରିକା ସମୟ ଅନୁସାରେ ଶନିବାର ରାତିରେ ୱାସିଂଟନ୍ ହଲଟନ୍ ହୋଟେଲ ବାହାରେ ଜଣେ ସଶସ୍ତ୍ର ବ୍ୟକ୍ତି ଗୁଳି ଚଳାଇ ଆତଙ୍କ ସୃଷ୍ଟି କରିଥିବା ଜଣାପଡ଼ିଛି। ଗୁଳିକାଣ୍ଡ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ସେଠାରୁ ସୁରକ୍ଷିତ ଭାବେ ବାହାର କରି ନିଆଯାଇଥିଲା।

**ଆକ୍ରମଣକାରୀ ଗିରଫ**

ସ୍ଥାନୀୟ ସମୟ ରାତି ପ୍ରାୟ ୮:୩୪ରେ ରାଷ୍ଟ୍ରପତି ଟ୍ରମ୍ପ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଆସୋସିଏସନର ସଭାପତି ୱେଜିଆ ଜିଆଙ୍ଗ ଏବଂ ମେଣ୍ଟାଲିଷ୍ଟ ଓଜ୍ ପର୍ଲମ୍ୟାନଙ୍କ ସହ କଥାବାର୍ତ୍ତା କରୁଥିଲେ। ସେହି ସମୟରେ ହୋଟେଲ ବାହାରେ ଗୁଳି ଶବ୍ଦ ଶୁଣାଯାଇଥିଲା। ଗୁଳି ଶବ୍ଦ ହେବା ମାତ୍ରେ ସିକ୍ରେଟ୍ ସର୍ଭିସ ଏବଂ ଅନ୍ୟାନ୍ୟ ସୁରକ୍ଷା କର୍ମୀମାନେ ଟ୍ରମ୍ପ, ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପ, ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ତାଙ୍କ ପତ୍ନୀ ଉଷା ଭାନ୍ସଙ୍କୁ ସୁରକ୍ଷା ପ୍ରଦାନ କରି ବଲରୁମ୍ ବାହାରକୁ ନେଇଯାଇଥିଲେ। ଏହି ଗୁଳିକାଣ୍ଡ ପରେ ହୋଟେଲରେ ତୁରନ୍ତ ଲକଡାଉନ୍ ଜାରି କରାଯାଇଥିଲା। ଡିନରରେ ଉପସ୍ଥିତ ଥିବା ରାଜନେତା, ସାମ୍ବାଦିକ ଏବଂ ଅନ୍ୟାନ୍ୟ ଅତିଥିମାନେ ଭୟଭୀତ ହୋଇ ଟେବୁଲ ତଳେ ଲୁଚି ଯାଇଥିଲେ। ଜଣେ ସି-ସ୍ୱାନ୍ ସାମ୍ବାଦିକଙ୍କ ଅନୁଯାୟୀ, ସେଠାରେ କ୍ରମାଗତ ୪ଟି ଗୁଳି ଶବ୍ଦ ଶୁଣିବାକୁ ମିଳିଥିଲା। ପୁଲିସ ଆକ୍ରମଣକାରୀକୁ କାଲିଫର୍ଣ୍ଣିଆର ୩୧ ବର୍ଷୀୟ କୋଲ୍ ଟୋମାସ୍ ଆଲେନ ଭାବେ ଚିହ୍ନଟ କରିଛି ଏବଂ ତାଙ୍କୁ ଗିରଫ ▶ପୃଷ୍ଠା-୭



### ଆକ୍ରମଣକାରୀକୁ 'ଲୋନ୍ ୱଲ୍ଫ' କହିଲେ ଟ୍ରମ୍ପ

ୱାସିଂଟନ୍ ହିଲଟନ୍ ହୋଟେଲରେ ଆୟୋଜିତ ହାଇ-ପ୍ରୋଫାଇଲ୍ ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଆସୋସିଏସନ୍ ଡିନରରେ ଶନିବାର ରାତିରେ ସୁରକ୍ଷା ବିଭ୍ରାଟ ଘଟିଛି। ଜଣେ ସଶସ୍ତ୍ର ବ୍ୟକ୍ତି ସୁରକ୍ଷା ଯାଞ୍ଚ କେନ୍ଦ୍ରରେ ଗୁଳି ଚଳାଇବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା। ଟ୍ରମ୍ପଙ୍କ ସୂଚନା ଅନୁଯାୟୀ, ▶ପୃଷ୍ଠା-୭

## ଦିଲ୍ଲୀରେ ସ୍ୱିସ୍ ବିମାନରେ ନିଆଁ: ୬ ଯାତ୍ରୀ ଆହତ, ୨୩୨ ଉଦ୍ଧାର

■ ନୂଆଦିଲ୍ଲୀ, ୨୬।୪ (ଏଜେନ୍ସି): ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ରବିବାର ଏକ ବଡ଼ ଧରଣର ବିମାନ ଅଘଟଣ ଟଳିଯାଇଛି। ଦିଲ୍ଲୀରୁ ସ୍ୱିଜରଲାଣ୍ଡର ଜ୍ୟୁରିକ୍ ଅଭିମୁଖେ ଯାତ୍ରା କରୁଥିବା ସ୍ୱିସ୍ ଏୟାରଲାଇନ୍ସର ଏକ ବିମାନ ଉଡ଼ିବା ଆରମ୍ଭ କରିବା ସମୟରେ ଏହାର ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ତେବେ ପାଇଲଟଙ୍କ ଠିକ୍ ସମୟରେ ଉପଯୁକ୍ତ ନିଷ୍ପତ୍ତି ଯୋଗୁଁ ବିମାନରେ ଥିବା ୨୩୨ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ସ୍ୱିସ୍ ଏୟାରଲାଇନ୍ସର ଏୟାରବସ୍ ଏ୩୩୦ (ଫ୍ଲାଇଟ୍ ଏଲ୍‌ଏକ୍ସ୧୪୭) ବିମାନଟି ରବିବାର ରନୱେ ୨୮ ରୁ ଉଡ଼ାଣ ଆରମ୍ଭ କରୁଥିଲା। ବିମାନଟି ପ୍ରାୟ ୧୦୪ ନଟ୍ ଗତିରେ ଥିବାବେଳେ ଏହାର ଏକ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା ଏବଂ ନିଆଁ ଲାଗିଯାଇଥିଲା। ବିପଦକୁ ଆଖିରେ ରଖି କ୍ରୁ ସଦସ୍ୟମାନେ ତୁରନ୍ତ ଟେକ୍-ଅଫ୍ ବାତିଲ କରିଥିଲେ। ଏହାପରେ ରନୱେ ଉପରେ ହିଁ ଯାତ୍ରୀମାନଙ୍କୁ ସ୍ଥାନାନ୍ତର କରିବାକୁ ▶ପୃଷ୍ଠା-୭



## ଆକାଶରୁ ଖସୁଛି ନିଆଁ

# ଆଜି ଜାଳିବ, ୨୮ରୁ କାଳବୈଶାଖୀ

■ ଭୁବନେଶ୍ୱର, ୨୬।୪ (ସମିସ): ରାଜ୍ୟରେ ପ୍ରବଳ ତାତି ସାଙ୍ଗକୁ ଗୁଳୁଗୁଳି ସ୍ଥିତି ଜାରି ରହିଛି। ଆଭ୍ୟନ୍ତରୀଣ ଓଡ଼ିଶା ବିଶେଷ କରି ପଶ୍ଚିମାଞ୍ଚଳରେ ଥିବା ଅନେକ ଜିଲ୍ଲାରେ ତାତି ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ପାଇ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଏହାସହିତ ଉପକୂଳରେ ତାତି ସାଙ୍ଗକୁ ଗୁଳୁଗିଳି ଯୋଗୁଁ ଲୋକେ ତାତିରୁ ମୁକ୍ତିକୁ ଚାହିଁ ରହିଛନ୍ତି। ତେବେ ଏଭଳି ସ୍ଥିତି ଆହୁରି ପ୍ରାୟ ୨ ଦିନ ଲାଗି ରହିବା ସହ ୨୭ ତାରିଖରେ ତାତି ପିକ୍‌ରେ ପହଞ୍ଚି ୨୮ ଅପରାହ୍ଣ ପରେ ପାଗରେ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ଏମିତି କି ୨୯ ତାରିଖରୁ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଭୀଷଣ କାଳବୈଶାଖୀ ସ୍ଥିତିର ଆଶଙ୍କା ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ରାଜ୍ୟର ୧୮ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି। ପୂର୍ବ ଭଳି ଆଜି ମଧ୍ୟ ଝାରସୁଗୁଡ଼ାରେ ତାପମାତ୍ରା ସର୍ବାଗ୍ରେ ରହିଛି। ଏଠାରେ ତାପମାତ୍ରା ୪୪.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସୋନପୁରରେ ତାପମାତ୍ରା ୪୩.୭ ଡିଗ୍ରୀ ରେକର୍ଡ ହୋଇଛି। ଏହାସହିତ ଟିଟିଲାଗଡ଼ ୪୩.୬, ଭାବନୀପାଟଣାରେ ୪୩.୪, ବଲାଙ୍ଗିର ୪୩.୧, ସମ୍ବଲପୁର ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୪୩ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି। ସୋମବାର ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା

**୫ଦିନ ବଜ୍ରପାତ, ବର୍ଷା**

**ପବନ ବେଗ ୭୦ ଛୁଇଁବ**

ଯଥା ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଜିଲ୍ଲାଗୁଡ଼ିକରେ ଗୁଳୁଗୁଳିର ମାତ୍ରା ଅଧିକ ରହିବା ସହ ଅନ୍ୟ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ତାତି ୪୩-୪୪ ଡିଗ୍ରୀ ଉପରେ ରହିବା ନେଇ ଆଶଙ୍କା କରାଯାଇଛି। ହେଲେ ୨୮ ପରଠାରୁ ବିହାରରୁ ମହାରାଷ୍ଟ୍ର ଯାଏଁ ଏକ ନିମ୍ନଚାପ ରେଖା ପ୍ରଭାବରେ ବଙ୍ଗୋପସାଗର ଅଞ୍ଚଳରୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ ସହ ଏହା ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସି ପ୍ରତିକ୍ରିୟାଶିଳ ହେବ ଓ ଅତି ବିପଦଜନକ କାଳବୈଶାଖୀ ପ୍ରକ୍ରିୟା ସୃଷ୍ଟି କରିବାରେ ସହାୟକ ହେବ। ▶ପୃଷ୍ଠା-୭

# ପୁଣି କାୟା ମେଲାଇଲାଣି ମ୍ୟାଲେରିଆ

## ୨୦୨୭ ସୁଦ୍ଧା ମ୍ୟାଲେରିଆମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା

■ ଭୁବନେଶ୍ୱର, ୨୬।୪ (ସମିସ): ଓଡ଼ିଶାରୁ ୨୦୨୭ ମସିହା ସୁଦ୍ଧା ମ୍ୟାଲେରିଆକୁ ସଂପୂର୍ଣ୍ଣ ଭାବେ ମୂଳୋତ୍ପାଟନ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିବାବେଳେ ଧାର୍ଯ୍ୟ ସମୟ ସୁଦ୍ଧା ମ୍ୟାଲେରିଆମୁକ୍ତ ଓଡ଼ିଶା ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ଗତ ୩ବର୍ଷ ହେଲା ମ୍ୟାଲେରିଆ ତା'ର କାୟା ମେଲାଇ ଚାଲିଥିବା ବେଳେ ଚଳିତ ବର୍ଷ ରୋଗୀଙ୍କ ସଂଖ୍ୟା ୬୦ ହଜାର ପାର୍ କରିଛି। ବ୍ୟାପକ ସଚେତନତା ସହ ଔଷଧ ଏବଂ ମଶାରି ବଣ୍ଟନ ସତ୍ତ୍ୱେ ମ୍ୟାଲେରିଆ ପ୍ରଭାବ ବିସ୍ତାର କରିବା ଏବେ ସାଧାରଣରେ ଚିନ୍ତାର କାରଣ ପାଲିଟିଛି।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ୨୦୧୬ରେ ୪ ଲକ୍ଷ ୪୪ହଜାର ୮୪୨ଜଣ ମ୍ୟାଲେରିଆ ପଜିଟିଭ ଚିହ୍ନଟ ହୋଇଥିଲେ। ୨୦୧୭ରେ ଏହା କମି ୩ ଲକ୍ଷ ୪୭ ହଜାର ୮୬୦ ପଜିଟିଭ ହୋଇଥିଲା। ବିଶେଷ ଭାବେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ସୁନ୍ଦରଗଡ଼,



**ପୂର୍ବ ସରକାର ଅମଳରେ କ୍ରମାଗତ ହ୍ରାସ ପାଉଥିଲା ରୋଗୀ ସଂଖ୍ୟା**

**ବରଦାନ ସାଜିଥିଲା 'ଦମନ'**

ରାୟଗଡ଼ା, ନୂଆପଡ଼ା, ବୌଦ୍ଧ, ବଲାଙ୍ଗିର ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଅଧିକ ମ୍ୟାଲେରିଆ ରୋଗୀ ବାହାରିଥିଲେ। ସେହିପରି ୨୦୧୬-୧୭ରେ ତତ୍କାଳୀନ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇ 'ଦମନ' ଅଭିଯାନ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆକୁ ପ୍ରତିହତ କରିବାରେ ବଡ଼ ଭୂମିକା ନେଇଥିଲା। ଫଳସ୍ୱରୂପ, ୨୦୧୮ରେ ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇ ମୋଟ ୬୬ ହଜାର ୩୧୧ଜଣ ରୋଗୀ ଚିହ୍ନଟ ହୋଇଥିଲେ। ସେହିପରି ପରବର୍ତ୍ତୀ ବର୍ଷଗୁଡ଼ିକରେ ମଧ୍ୟ ▶ପୃଷ୍ଠା-୭

## ଘାତକ ହେଉଛି 'ଉଷ୍ମ ରାତି'

# ଅତ୍ୟଧିକ ବିପଦ ଜୋନ୍‌ରେ ୯ ଜିଲ୍ଲା

■ ଭୁବନେଶ୍ୱର, ୨୬।୪ (ସମିସ): ପ୍ରଚଣ୍ଡ ଖରାରେ ଜଳୁଛି ସାରା ଦେଶ। ତାତି ଓ ଗୁଳୁଗୁଳି ଯୋଗୁଁ ଦିନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟକର ମନେ ହେଉଛି। ମାତ୍ର ତାତି ଓ ଗୁଳୁଗୁଳି କେବଳ ବିଳମ୍ବିତ ସକାଳ, ମଧ୍ୟାହ୍ନ ଓ ଆଦ୍ୟ ଅପରାହ୍ନରେ ସୀମିତ ନାହିଁ। ସୂର୍ଯ୍ୟାସ୍ତ ପରେ ମଧ୍ୟ ଏଥିରୁ ତ୍ରାହି ମିଳୁନାହିଁ। ମଧ୍ୟରାତ୍ରି ପର୍ଯ୍ୟନ୍ତ ଘରର ଛାତ ଓ କାନ୍ଥରୁ ନିଆଁ ବାହାରିବା ପରି ଲାଗୁଛି। ପଙ୍ଖା ଢ଼ାଳୁଛି ଗରମ ପବନ, କୁଲର ଓ ଏସି ବି ବିଶେଷ ପ୍ରଭାବ ପକାଇ ପାରୁନାହିଁ। ବୈଜ୍ଞାନିକମାନେ

**ଦେଶର ୨୬୬ ଜିଲ୍ଲାର ଜନସାଧାରଣଙ୍କ ଉପରେ ବିପଦ**

**୧୦୫ କୋଟି ଭାରତୀୟଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ**

**ପ୍ରତିବର୍ଷ ୬ ପ୍ରତିଶତ ବୃଦ୍ଧି ପାଉଛି ନୀରବ ହୃଦଘାତ ଆଶଙ୍କା**

ରାତିରେ ଏପରି ଅବସ୍ଥାକୁ 'ଗ୍ରୀଷ୍ମ ରାତି' ବୋଲି ଅଭିହିତ କରିଛନ୍ତି। ଏପରି ଗରମ ଓ ରାତିଗୁଡ଼ିକ ସମ୍ପ୍ରତି ଲୋକମାନଙ୍କ ହୃଦୟ, ବୃକକ୍ ଓ ନିଦ୍ରାକୁ ପ୍ରଭାବିତ କରୁଛି। ଦେଶର ୭୩୪ ଜିଲ୍ଲା ମଧ୍ୟରୁ ୪୦୭ ଜିଲ୍ଲା ଏହିପରି ଉଚ୍ଚ ବା ଅତ୍ୟଧିକ ଗରମ ବିପଦ ଅଞ୍ଚଳରେ ରହିଛି। ଦେଶର ୭୬ % ଜନସଂଖ୍ୟା ଅର୍ଥାତ୍ ୧୦୦ କୋଟି ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ଓଡ଼ିଶାର ୯ଟି ଜିଲ୍ଲା ରହିଛି। ଖୋର୍ଦ୍ଧା ଜିଲ୍ଲା ସବୁଠୁ ବିପଦାଞ୍ଚଳର ମାନ୍ୟତା ପାଇଛି। ଉଷ୍ମ ରାତି ଖୋର୍ଦ୍ଧା ଜିଲ୍ଲାରେ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛି। ଏହାବ୍ୟତୀତ ଅନ୍ୟ ଆଠଟି ଜିଲ୍ଲାରେ ସ୍ଥିତି ଗମ୍ଭୀର ଥିବା କୁହାଯାଉଛି। ରାତିର ସର୍ବନିମ୍ନ ତାପମାତ୍ରା ▶ପୃଷ୍ଠା-୭

# ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ନାବାଳକର ମୃତ୍ୟୁ !



■ ଭଦ୍ରକ/ବାସୁଦେବପୁର, ୨୬।୪ (ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ଜଣେ ୧୪ ବର୍ଷର ନାବାଳକର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ନାବାଳକଜଣଙ୍କ ହେଲେ, ପଦ୍ମପୁର ପଞ୍ଚାୟତ ମେଳକ ସାହି ଗ୍ରାମର ଦେବକାନ୍ତ ବାରିକଙ୍କ ପୁଅ ମୁକେଶ ବାରିକ (ରକି)।

**ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**

**ରାସ୍ତାରେ ଶବ ରଖି ଟାୟାର ଜାଳି ୬ ଘଣ୍ଟା ଅବରୋଧ**

ସୂଚନାନୁଯାୟୀ, ରବିବାର ସକାଳେ ରକି ନିଜ ବାଡ଼ିରେ ଖେଳୁଥିବା ବେଳେ ତା' ଆଣ୍ଠୁରେ ଏକ ବାଉଁଶକଣ୍ଟା ପଶି ଯାଇଥିଲା। ପରିବାରଲୋକେ ତୁରନ୍ତ ତାକୁ ଚିକିତ୍ସା ପାଇଁ ଏଡ଼ତାଳ ଓ ପରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରିବାରଲୋକଙ୍କ କହିବା ମୁତାବକ, ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଓ ନର୍ସ ରକିଙ୍କୁ ୩ଟି ଇଞ୍ଜେକ୍ସନ୍ ଦେଇଥିଲେ। ଏହାର କିଛି ସମୟ ପରେ ରକିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରେ ଲାଗିଥିଲା ଏବଂ ଶେଷରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୁଲ୍ ଚିକିତ୍ସା ଓ ଡାକ୍ତରଙ୍କ ଅବହେଳା ଯୋଗୁଁ ପିଲାଟିର ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାରଲୋକେ ଓ ସ୍ଥାନୀୟ ବାସିନ୍ଦା ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେମାନେ ମୃତଦେହକୁ ରଖି ଡାକ୍ତରଖାନା ସମ୍ମୁଖରେ ହୋ-ହଲ୍ଲା କରିବା ସହ ରାସ୍ତାରେ ଟାୟାର୍ ଜାଳି ରାସ୍ତାରୋକ କରିଥିଲେ। ଉପଯୁକ୍ତ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ ▶ପୃଷ୍ଠା-୭



ରଥଖଳାରୁ...

# ତୁମ୍ବରେ ହେଲା ବିନ୍ଧ ଅନୁକୂଳ



ପୁରୀ, ୨୬।୪(ସମିସ): ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। ଏହାପରେ ଧୀରେଧୀରେ ଏବେ ଚଳଚଞ୍ଚଳ ହେଲାଣି ରଥଖଳା। ମହାପ୍ରଭୁଙ୍କ ରଥ ନିର୍ମାଣରେ ଲାଗି ପଡ଼ିଛନ୍ତି ସେବକ। ପ୍ରାଥମିକ ପର୍ଯ୍ୟାୟରେ ତିନିରଥର ତୁମ୍ବ ନିର୍ମାଣ କାର୍ଯ୍ୟ ଚାଲିଛି। ଶନିବାର ସୁଦ୍ଧା ତିନିରଥର ୪୨ଟି ଯାକ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଥିବା ବେଳେ ସୂତାବାଡ଼ିଆ କାର୍ଯ୍ୟ ମଧ୍ୟ ସରିଥିଲା। ରବିବାର ତୁମ୍ବରେ ବିନ୍ଧ ଅନୁକୂଳ ହୋଇଛି। ମଧ୍ୟାହ୍ନ ବିରତି ପରେ ତିନି ରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ତୁମ୍ବ ବିନ୍ଧ ଅନୁକୂଳ ପୂଜା ପରେ ତିନିରଥ ମହାରଣା ସେବକମାନେ ତୁମ୍ବରେ ବିନ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରତି ତୁମ୍ବରେ ୧୬ ଯୋଡ଼ା ଅର୍ଥାତ୍ ୩୨ଟି ଲେଖାଏଁ ବିନ୍ଧ କରାଯିବ। ସମୁଦାୟ ୪୨ ତୁମ୍ବରେ ୧,୩୪୪ ବିନ୍ଧ ହେବ। ପ୍ରତି ଚକରେ ୧୬ଟି ଲେଖାଏଁ ଅର ଏବଂ ୪ଟି ଲେଖାଏଁ ପହି ଲାଗିବ। ତେବେ ଶନିବାର ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ତାଳଧ୍ୱଜ ରଥର ୧୪ ତୁମ୍ବରେ ୮ଯୋଡ଼ା, ଦେବୀ ରଥର ୧୨ଟି ତୁମ୍ବରେ ୭ ଯୋଡ଼ା ଏବଂ ନନ୍ଦିଘୋଷ ରଥର ୧୬ଟି ତୁମ୍ବରେ ୮ଯୋଡ଼ା ବିନ୍ଧ ଶେଷ ହୋଇଛି। ଏଥିସହ କରତି ମହାରଣାମାନେ ତିନିରଥର ୪ ଗୋଟି ଲେଖାଏଁ ତୁମ୍ବର ଘେର (ବଳକା ଅଂଶ) କଟା କାର୍ଯ୍ୟ ଶେଷ କରିଛନ୍ତି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ୩ଗୋଟି ଲେଖାଏଁ ଚକ ପାଇଁ ଅର କଣ୍ଟା ତିଆରି କରୁଛନ୍ତି। ଏଥିସହ ତିନିରଥର ତୁମ୍ବ ପାଇଁ ୪ଟି ଲେଖାଏ ପଦାରୀ ବଳା ନିର୍ମାଣ ଶେଷ କରିଛନ୍ତି।

# ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବିଜେପି ନାଟକ କରୁଛି

## ମହିଳାଙ୍କୁ ସାମ୍ବିଧାନିକ ପଦରେ ଅବସ୍ଥାପିତ କରିବାରେ ବିଜେଡି ସର୍ବାଗ୍ରେ

ଭୁବନେଶ୍ୱର,୨୬।୪(ସମିସ): ନାରୀ ଶକ୍ତି ବନ୍ଦନ ଅଧିନିୟମ ନାମରେ ମହିଳା ସଂରକ୍ଷଣ ବିଲ୍ ଗତ ୨୦୨୩ ମସିହାରେ ସଂସଦର ଉଭୟ ଗୃହରେ ପାରିତ ହେବା ସହିତ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ହେଲେ ଏହାକୁ ୨୦୨୪ ନିର୍ବାଚନରେ ଲାଗୁ କରି ନ ଥିବା ବିଜେପି ଏବେ ବିରୋଧୀଙ୍କ ଅସହଯୋଗ ଯୋଗୁଁ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇପାରିଲାନି ବୋଲି ମିଛ ଅଭିଯୋଗ କରି ଜନଆକ୍ରୋଶ ରାଲି ନାମରେ ନାଟକ କରୁଛି। ମହିଳାମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରିଥିବା ବିଜେପି ସେହି ମହିଳାମାନଙ୍କୁ ବ୍ୟବହାର କରି ତାଙ୍କୁ ଭ୍ରମିତ କରିବାକୁ ଅପଚେଷ୍ଟା କରୁଛି ବୋଲି କହି ବିଜେପି ଉପରେ ବିଜେଡିର ଦୁଇ ବରିଷ୍ଠ ନେତ୍ରୀ ବର୍ଷିଛନ୍ତି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡଃ ଲେଖାଶ୍ରୀ ସାମନ୍ତସିଂହାର ବିଜେପିର ଏହି ମିଛ ପ୍ରଚାରକୁ କଠୋର ସମାଲୋଚନା କରିଛନ୍ତି।

ଏହି ଅବସରରେ ଶ୍ରୀମତୀ ଦେଓ କହିଥିଲେ, ଦେଶର ସମସ୍ତ ରାଜନୈତିକ ଦଳର ସମର୍ଥନରେ ୨୦୨୩ରେ ଦେଶର ସଂସଦ ଓ ବିଧାନସଭାରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିଲା। ସମସ୍ତେ ଆଶା କରିଥିଲେ, ଏହାକୁ ତୁରନ୍ତ ୨୦୨୪ ସାଧାରଣ ନିର୍ବାଚନରେ ଲାଗୁ କରାଯିବ। କିନ୍ତୁ, ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏହାକୁ ଲାଗୁ କରି ନ ଥିଲା। ୨୦୨୭ ମସିହାରେ ଜନଗଣନା ହେବାକୁ ଯାଉଥିବାରୁ ଏହି ଜନଗଣନା ଆଧାରରେ ସଂସଦ ଓ ବିଧାନସଭା



ଆସନଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ହେବା ପରେ ଏହାକୁ ଲାଗୁ କରାଯିବ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା। କିନ୍ତୁ, ଦେଶର ପାଞ୍ଚଟି ରାଜ୍ୟରେ ନିର୍ବାଚନ ଚାଲିଥିବା ସମୟରେ ହଠାତ୍ ସଂସଦର ବିଶେଷ ଅଧିବେଶନ ଡାକି ମହିଳା ସଂରକ୍ଷଣ ସହିତ ୨୦୧୧ ଜନଗଣନା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣକୁ ପାରିତ କରାଯିବାକୁ ଉଦ୍ୟମ କରାଗଲା। ଯେହେତୁ ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣରେ ଓଡିଶା ସମେତ ସମସ୍ତ ଦକ୍ଷିଣାଞ୍ଚଳ ଓ ପୂର୍ବାଞ୍ଚଳ ରାଜ୍ୟଗୁଡିକର ପ୍ରତିନିଧିତ୍ୱ ହ୍ରାସ ପାଉଥିଲା, ସେଥିପାଇଁ ବିରୋଧୀ ଦଳମାନେ ଏହାକୁ ସମର୍ଥନ ଦେଇ ନ ଥିଲେ। ଏହି ବିଲ୍ କାଟ ଖାଇଯିବା ପରେ ବିଜେପି ବିରୋଧୀ ଦଳମାନଙ୍କୁ ମହିଳା ବିରୋଧୀ କହି ନାଟକ କରୁଛି ବୋଲି ଶ୍ରୀମତୀ ଦେଓ କହିଛନ୍ତି।

ସେହିପରି ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ତରଫରୁ ମହିଳାମାନଙ୍କୁ ପ୍ରାର୍ଥୀ କରିବା

- ସଂରକ୍ଷଣ ନାଁରେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାରିତ ଉଦ୍ଦେଶ୍ୟ ଥିଲା
- ଆନ୍ତରିକତା ଥିଲେ, ୫୪୩ ଆସନରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରୁ ବିଜେପି

କ୍ଷେତ୍ରରେ ଆଦୌ ଅଗ୍ରାଧିକାର ଦିଆଯାଇ ନ ଥିଲା। ଅପରପକ୍ଷରେ ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ୩୩ ପ୍ରତିଶତ ସଂସଦୀୟ କ୍ଷେତ୍ରରେ ମହିଳା ପ୍ରାର୍ଥୀ ଦେଇଥିଲେ। ୨୦୧୯ ନିର୍ବାଚନରେ ମଧ୍ୟ ବିଜେଡି ୩୩ ପ୍ରତିଶତ ସଂସଦୀୟ କ୍ଷେତ୍ରରେ ମହିଳା ପ୍ରାର୍ଥୀ ଦେଇଥିଲା। ଏଥିରୁ, ମହିଳା ସଂରକ୍ଷଣ ବିଲ୍ ବା ମହିଳା ସଶକ୍ତୀକରଣ କ୍ଷେତ୍ରରେ ବିଜୁ ଜନତା ଦଳ ସର୍ବାଗ୍ରେ ରହିଛି ବୋଲି ପ୍ରମାଣିତ ହୋଇଛି। ଦେଶରେ ମହିଳାମାନଙ୍କୁ ସାମ୍ବିଧାନିକ ପଦବୀରେ ସ୍ଥାନ ସଂରକ୍ଷଣ ପ୍ରକ୍ରିୟା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ, ବିଜୁବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରସଂସ୍ଥାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ବିଜୁ ବାବୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଏହି ସଂରକ୍ଷଣକୁ ୫୦ପ୍ରତିଶତକୁ ବୃଦ୍ଧି କରିଥିଲେ। ଏଥିସହିତ ୨୦୧୮ରେ ମହିଳାମାନଙ୍କୁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରଦାନ କରିବା ପାଇଁ ଓଡ଼ିଶା ବିଧାନସଭାରେ ଏକ ସଙ୍କଳ୍ପ ପାରିତ କରାଇବା ସହିତ ଦେଶର ୨୨ଟି ରାଜନୈତିକ ଦଳକୁ ବିଜେଡିର ବରିଷ୍ଠ ପ୍ରତିନିଧିମଣ୍ଡଳୀ ଭେଟି ଏହା ସପକ୍ଷରେ ମତ ଦେବାକୁ ପ୍ରବର୍ତ୍ତାଇ ଥିଲେ। ମହିଳା ସଂରକ୍ଷଣ କ୍ଷେତ୍ରରେ ବିଜୁ ଜନତା ଦଳ ଓ ଏହାର ସଭାପତି ନବୀନ ପଟ୍ଟନାୟକଙ୍କ ଭୂମିକା ସର୍ବାଗ୍ରେ ରହିଛି। କିନ୍ତୁ, ବିଜେପି ମିଛ ପ୍ରଚାର କରି ରାଜ୍ୟ ତଥା ଦେଶବାସୀଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି। ବାସ୍ତବରେ, ବିଜେପି ଏକ ମହିଳା ବିରୋଧୀ ଦଳ ଓ ବିଜେପିରେ ମହିଳାଙ୍କୁ କେବେ ନ୍ୟାୟ ମିଳେ ନାହିଁ ବୋଲି ଡଃ ସାମନ୍ତସିଂହାର କହିଛନ୍ତି।

## ଖରା ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସ୍ଥଗିତ

ଭୁବନେଶ୍ୱର,୨୬।୪(ସମିସ): ଏପ୍ରିଲ ୨୭ ତାରିଖ ସୋମବାରରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିକୁ ସ୍ଥଗିତ ରଖାଯାଇଛି। ଭୁବନେଶ୍ୱର ୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। ମାତ୍ର ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିବା ପାଇଁ ଅନ୍ ଲାଇନ୍ ପଞ୍ଜୀକରଣ କରିଥିଲେ, ସେମାନଙ୍କ ପାଇଁ ଭୁବନେଶ୍ୱର ଠାରେ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଖରାରେ ସିଝୁଛନ୍ତି କଲେଜ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୬।୪(ସମିସ): ରାଜ୍ୟରେ କ୍ରମାଗତ ଭାବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି। ସକାଳ ୧୦ଟା ହେଲେ ଘରୁ ବାହାରିବା କାଠିକର ହୋଇପଡୁଛି। ମଧ୍ୟାହ୍ନର ପ୍ରଖର ସୂର୍ଯ୍ୟକିରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସକାଳ ୧୧ଟା ୩୦ ବେଳକୁ

### ସକାଳୁଆ କ୍ଲାସ୍ କିମ୍ବା ଛୁଟି କରିବାକୁ ଦାବି

ପାରଦ ୪୦ ଡିଗ୍ରୀ ଛୁଉଁଥିବାବେଳେ ଅପରାହ୍ଣ ୨ଟା ୩୦ରେ ୪୩ ଡିଗ୍ରୀ ଅତିକ୍ରମ କରୁଛି। ଏପରି ମୁଣ୍ଡଫଟା ଖରାରେ ଉଚ୍ଚଶିକ୍ଷାନୁଷ୍ଠାନରେ ପାଠପଢ଼ା ଚାଲିଥିବାରୁ ଛାତ୍ରଛାତ୍ରୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ଖରାରେ ଯିବାଆସିବା କରିବା ବେଳେ ମୁଣ୍ଡରେ କପଡ଼ା ଓ ଛତା ଖରା ଦାଉରୁ ରକ୍ଷା କରିପାରୁ ନାହିଁ। ବିଭିନ୍ନ ସମୟରେ ଛାତ୍ରଛାତ୍ରୀମାନେ ଅସୁସ୍ଥ ହୋଇ ପଡୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି।

ରାଜ୍ୟର ଅଧିକାଂଶ ଉଚ୍ଚଶିକ୍ଷାନୁଷ୍ଠାନରେ ସକାଳ ୯ରୁ ସନ୍ଧ୍ୟା ସେଢ଼େ ୪ଟା ଯାଏଁ ପାଠପଢ଼ା ହେଉଛି। ପାଠ ପଢ଼ିବାକୁ ଛାତ୍ରଛାତ୍ରୀମାନେ ଉହଡହ ଖରାରେ କଲେଜ ଆସୁଛନ୍ତି। କ୍ଲାସ ସରିବା ପରେ ଅର୍ଥାତ୍ ମୁଣ୍ଡଫଟା ମଧ୍ୟାହ୍ନ ଖରାରେ ଘରକୁ ଫେରୁଛନ୍ତି। ଆଉକିଛି ପିଲା ଖରାବେଳେ



କ୍ଲାସ୍ ସରିଲେ ମଧ୍ୟ ଘରକୁ ଯାଇପାରୁ ନାହାନ୍ତି। ଘରକୁ ଫେରିବା ପାଇଁ ଖରା କମିବା ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। ଖରା ସହି ନପାରି ଅନେକ ଅଚେତ୍ ହେଉଥିବାବେଳେ ଦେହରୁ ଜଳୀୟ ଅଂଶ କମି ଅସୁସ୍ଥ ଅନୁଭବ କରୁଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ଏକ ଭୟଙ୍କର ଅଜଣା ବିପଦ ଘେରି ରହିଛି। ପୂର୍ବବର୍ଷ ଗୁଡିକରେ ଖରାକୁ ଦୃଷ୍ଟିରେ ରଖି ସକାଳ ୭.୩୦ରୁ ଦିନ ୧ଟା ଯାଏଁ ପାଠପଢ଼ା ହେଉଥିଲା। ଚଳିତ ବର୍ଷ ପାରଦ ୪୩ ପାର କରିସାରିଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ ଅସ୍ମିନ ଖାତୁନ କହିଛନ୍ତି ଯେ, ଖରାକୁ ଦେଖିଲେ ପଢ଼ିଯିବାକୁ ଡର ଲାଗୁଛି। ଶ୍ରେଣୀ ଗୃହରେ ବସିବା ବେଳେ ଗୁଳୁଗୁଳି ଓ ଟାଣ ଖରା ଶୁଷ୍କ କରି ଦେଉଛି। ପାଠପଢ଼ି ନ ଗଲେ ପଛରେ ବୁଝି ନ ପାରିବାର ଭୟ ରହୁଥିବାରୁ ଜୀବନକୁ ବାଜି ଲଗାଇବାକୁ ବାଧ୍ୟ ହେଉଛନ୍ତି। ଆସନ୍ତା ମାସ ୨ରୁ ୭ ତାରିଖ ସେମାନଙ୍କ ପ୍ରାକ୍ଟିକାଲ ରହିଥିବାରୁ ସେହି ସମୟରେ କିପରି ଶିକ୍ଷାନୁଷ୍ଠାନକୁ ଆସିବେ ବୋଲି ଚିନ୍ତାପ୍ରକଟ କରିଛନ୍ତି। ପ୍ରାଧ୍ୟାପକ ଡ. ମାନସ ବେହେରା କହିଛନ୍ତି ଯେ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ପାଠପଢ଼ା କରାଯାଉ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଥିଲେ ମଧ୍ୟ ଦୂରଦୂରାନ୍ତରୁ ଛାତ୍ରଛାତ୍ରୀମାନେ ପଢ଼ିବା ପାଇଁ ଆସୁଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗକୁ ଗ୍ରୀଷ୍ମ ପ୍ରବାହ ବଢ଼ିବାର ସମ୍ଭାବନା ଥିବାରୁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ଆଗୁଆ ଛୁଟି କରିବାକୁ ବିଭାଗ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

# ଶିମିଳିପାଳରେ ବୁଲୁଛି ମହାରାଷ୍ଟ୍ରର ମହାବଳ

ବାରିପଦା, ୨୬।୪ (ସମିସ): ୧୫୦୦ରୁ ଊର୍ଦ୍ଧ୍ୱ କିଲୋମିଟର ଜଙ୍ଗଲ ରାସ୍ତା ଅତିକ୍ରମ କରି ମହାରାଷ୍ଟ୍ରର ଏକ ମହାବଳ ବାଘ ଏବେ ଶିମିଳିପାଳରେ ବିଚରଣ କରୁଛି। ବାଘ ଗଣତି ପାଇଁ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଏହି ଘଟଣା ୪ମାସ ତଳେ ଜଣାପଡ଼ିଥିଲେ ହେଁ ଆଜି ଲୋକଲୋଚନକୁ ଆସିଛି। ଏହି ଅଣ୍ଡିରା ମହାବଳ ବାଘଟିର ବୟସ ପାଖାପାଖି ୪ରୁ ୫ବର୍ଷ

- ୧୫୦୦ କିମି ଚାଲିଚାଲି ଆସି ପହଞ୍ଚିଛି
- ଆକର୍ଷିତ କରିଛି ଅଭୟାରଣ୍ୟ ପରିବେଶ

ହୋଇଥିବା ଅନୁମାନ କରାଯାଉଛି। ଏହି ଖବର ପ୍ରଘଟ ହେବା ପରେ ବନ୍ୟପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି।

ରାଜ୍ୟ ବନ ଉନ୍ନୟନ ନିଗମ ନିର୍ଦ୍ଦେଶକ ତଥା ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟଙ୍କ କହିବାନୁଯାୟୀ, ଶିମିଳିପାଳକୁ ବାହାର ରାଜ୍ୟରୁ ଏକ ବାଘ ଚାଲିଚାଲି ଆସିବା ଅଭୟାରଣ୍ୟ ପାଇଁ ଅତ୍ୟନ୍ତ ଶୁଭ ସଙ୍କେତ। ପୂର୍ବରୁ ମଧ୍ୟ ବାଘ ଅନ୍ୟ ରାଜ୍ୟ ଜଙ୍ଗଲକୁ ଚାଲିଯିବା ଖବର ସାମ୍ନାକୁ ଆସିଛି। ତେବେ ଏହି ବାଘଟି ମହାରାଷ୍ଟ୍ରରୁ ଆସିଥାଇପାରେ ବୋଲି ଅନୁମାନ କରାଯାଉଛି। ଦୀର୍ଘ ୪ ମାସ ଧରି ଶିମିଳିପାଳରେ ରହିବା ମଧ୍ୟ ବିଭାଗ ଓ ଜିଲ୍ଲା ପାଇଁ ଖୁସିର ବିଷୟ।

ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀଙ୍କ କହିବାନୁଯାୟୀ, ବାହାରୁ ବାଘ ଆସିବା ଘଟଣାଟି ସତ୍ୟ। ଗତବର୍ଷ ଅଗଷ୍ଟ- ସେପ୍ଟେମ୍ବରରେ ଏକ ମହାବଳ ଛତିଶଗଡ଼ ପଟୁ ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଜଙ୍ଗଲ ଦେଇ ଦେବଗଡ଼, ଢେଙ୍କାନାଳ-କାମାକ୍ଷାନଗର ଦେଇ ଡିସେମ୍ବର-ଜାନୁଆରୀରେ ଶିମିଳିପାଳରେ ପ୍ରବେଶ କରିଥିଲା। ସେତେବେଳେ ବାଘ ଗଣତି ପାଇଁ ଲାଗିଥିବା କ୍ୟାମେରା-ଟ୍ରାପ୍‌ରୁ ଏହା ଜଣାପଡ଼ିଥିଲା। କିନ୍ତୁ, ବାଘଟି କେଉଁ ରାଜ୍ୟରୁ ଆସିଛି, ତାହା ଜଣାପଡ଼ିନାହିଁ। ଏହା ଏକ ପ୍ରାପ୍ତବୟସ୍କ ଅଣ୍ଡିରା ବାଘ। ଆଶା କରାଯାଉଛି, ବାଘଟି ଏବେ ମଧ୍ୟ ଶିମିଳିପାଳରେ ରହିଛି। ଡିସେମ୍ବର ମାସରେ ପୁଣିଥରେ କ୍ୟାମେରା ଲାଗିବା ପରେ ବାଘର ଆଗାମୀ ସୂଚନା ମିଳିପାରିବ। ଶିମିଳିପାଳକୁ ବାହାର ରାଜ୍ୟରୁ ବାଘ ଆସିବା ଜୈବବିବିଧତା ପାଇଁ ଶୁଭ ସଙ୍କେତ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳରେ କଳାବାଘ ଜେନେଟିକ୍ ପରିବର୍ତ୍ତନ ପାଇଁ ସରକାର ପଦକ୍ଷେପସ୍ୱରୂପ ମହାରାଷ୍ଟ୍ରରୁ ୨ଟି ବାଘୁଣୀ ଜିନତ ଓ ଯମୁନା ଆଣିଥିଲେ। ସେମାନେ ଏବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପରିଧି ଅଞ୍ଚଳରେ ଅଛନ୍ତି। ସେହିପରି ଗତ ଗଣନା ଅନୁସାରେ ଶିମିଳିପାଳରେ ବର୍ତ୍ତମାନ ଏମାନଙ୍କୁ ଛାଡି ୩୯ଟି ମହାବଳ ବାଘ ଅଛନ୍ତି। ତନ୍ମଧ୍ୟରୁ ୧୪ଟି କଳା ବାଘ ଓ ୧୨ଟି ଶାବକ ରହିଛନ୍ତି।

### ରବିବାର ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୫.୮ | ୨୫.୫ |
| ଚାନ୍ଦବାଲି | ୩୬.୭ | ୨୭.୨ |
| କଟକ | ୩୫.୦ | ୨୪.୮ |
| ପାରାଦୀପ | ୩୨.୩ | ୨୭.୨ |
| ଭୁବନେଶ୍ୱର | ୩୫.୫ | ୨୭.୭ |
| ଗୋପାଳପୁର | ୩୧.୫ | ୨୬.୪ |
| ପୁରୀ | ୩୨.୧ | ୨୭.୨ |
| ଅନୁଗୁଳ | ୩୬.୦ | ୨୬.୦ |
| ବାରିପଦା | ୩୭.୮ | ୨୫.୨ |
| ଝାରସୁଗୁଡ଼ା | ୪୪.୮ | ୨୫.୨ |
| କେନ୍ଦୁଝର | ୪୦.୦ | ୨୩.୪ |
| ସମ୍ବଲପୁର | ୪୩.୦ | ୨୮.୦ |
| ସୁନ୍ଦରଗଡ଼ | ୪୨.୮ | ୨୭.୦ |
| ହୀରାକୁଦ | ୪୨.୪ | ୨୭.୮ |
| ତାଳଚେର | ୪୧.୫ | ୨୬.୦ |
| ଭବାନୀପାଟଣା | ୪୩.୪ | ୨୭.୨ |
| ବଲାଙ୍ଗୀର | ୪୩.୧ | ୨୬.୭ |
| କୋରାପୁଟ | ୩୭.୮ | - |
| ଫୁଲବାଣୀ | ୪୦.୪ | ୨୩.୫ |
| ଟିଟିଲାଗଡ଼ | ୪୩.୬ | ୨୯.୦ |
| ମାଲକାନଗିରି | ୩୯.୨ | ୨୬.୦ |
| ସୋନପୁର | ୪୩.୭ | ୨୭.୩ |
| ଦାରିଙ୍ଗବାଡ଼ି | - | ୨୩.୫ |
| ନୟାଗଡ଼ | ୪୨.୫ | ୨୪.୫ |
| ବୌଦ୍ଧ | ୪୩.୦ | ୨୩.୬ |
| ଛତ୍ରପୁର | ୩୨.୮ | ୨୫.୬ |
| ପାରାଳାଖେମୁଣ୍ଡି | ୪୦.୦ | ୨୩.୦ |
| ରାୟଗଡ଼ା | ୩୫.୪ | ୨୩.୨ |
| ଭଦ୍ରକ | ୩୭.୫ | ୨୮.୨ |
| ଯାଜପୁର | ୩୮.୨ | ୨୪.୮ |
| ଢେଙ୍କାନାଳ | ୩୭.୫ | ୨୩.୯ |
| ବରଗଡ଼ | ୪୦.୦ | ୨୫.୦ |
| ଦେଓଗଡ଼ | ୩୯.୭ | ୨୪.୦ |
| ନୂଆପଡ଼ା | ୪୨.୫ | ୨୬.୦ |
| ନବରଙ୍ଗପୁର | ୩୮.୫ | ୨୩.୫ |
| ଖୋର୍ଦ୍ଧା | ୩୮.୫ | ୨୬.୦ |
| ଜଗତସିଂହପୁର | ୩୪.୦ | ୨୨.୮ |
| କେନ୍ଦ୍ରାପଡ଼ା | ୩୭.୪ | ୨୩.୦ |
| ରାଉରକେଲା | ୪୨.୭ | ୨୬.୭ |

## ଦୁଇ ଜିଲ୍ଲା ପରିଷଦ ସଦସ୍ୟ ଓ ଜଣେ ସରପଞ୍ଚ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୨୬।୪(ସମିସ): ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନମଣ୍ଡଳୀର ୪୪ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଜୟନ୍ତ କୁମାର ସ୍ୱାଇଁ, ସୋର ବ୍ଲକ ନଦୀଗାଁ ସରପଞ୍ଚ ବାସନ୍ତୀ ସ୍ୱାଇଁ ଏବଂ ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନମଣ୍ଡଳୀର ୧୦ ନଂ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ରଶ୍ମିତା ବେହେରାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ବିଜେଡି ପକ୍ଷରୁ ଏହି ୩ ଜଣଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଚାଷୀକୁଳ ପ୍ରତି ବିଜେପି ସରକାରର ତଞ୍ଚକତା

# ସିଏମ୍ କିଷାନରୁ ୧୦ ଲକ୍ଷ ଚାଷୀଙ୍କ ନାମ କଟିଲା

ଭୁବନେଶ୍ୱର,୨୬।୪(ସମିସ): କେନ୍ଦ୍ର ଏନଡିଏ ନେତୃତ୍ୱାଧୀନ ବିଜେପି ସରକାର ୨୦୧୭ ମସିହାଠାରୁ ୨୦୨୨ ମଧ୍ୟରେ ଚାଷୀର ଆୟ ବାର୍ଷିକ ଦ୍ୱିଗୁଣିତ କରିବା ପାଇଁ ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଅନୁରୂପ ଭାବେ ଚାଷୀଙ୍କୁ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଦେଇ ଚାଲିଛି। ଏହା ସତ୍ତ୍ୱେ ବର୍ତ୍ତମାନ ଚାଷୀ ପରିବାରର ମାସିକ ଆୟ ମାତ୍ର ୫୧୧୨ଟଙ୍କାରେ ସୀମିତ ରହିଛି। କୃଷି କ୍ଷେତ୍ରରେ ଚାଷୀଙ୍କ ଆୟକୁ ବୃଦ୍ଧି କରିବା ପାଇଁ ପୂର୍ବ ବିଜେଡି ସରକାର କାଳିଆ ଯୋଜନା ନାଁରେ ଚାଷୀଙ୍କୁ ସହାୟତା ପ୍ରଦାନ କରୁଥିଲେ। ସରକାର ପରିବର୍ତ୍ତନ ପରେ ପରେ ଏହାକୁ ରାଜ୍ୟ ବିଜେପି ସରକାର ସିଏମ କିଷାନର ନାମ ଦେଲା। ବଡ଼ ବିଡ଼ମ୍ବନାର କଥା ହେଉଛି, ବର୍ଷକୁ ବର୍ଷ ଜାଣିଶୁଣି ଏହି ଯୋଜନାରୁ ଚାଷୀଙ୍କ ସଂଖ୍ୟା କମାଇ ଦିଆଯାଉଛି। ଗତବର୍ଷ ସରକାର ରାଜ୍ୟର ୫୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସିଏମ୍ କିଷାନ ସହାୟତା ଦେଇଥିବା ବେଳେ ଚଳିତବର୍ଷ ଗତ ଅକ୍ଷୟ ତୃତୀୟାରେ ମୋଟ୍ ୪୧ଲକ୍ଷ ଚାଷୀଙ୍କୁ ସିଏମ୍ କିଷାନ ସହାୟତା ପ୍ରଦାନ କରିଛନ୍ତି। ଗତବର୍ଷ ତୁଳନାରେ ଏବର୍ଷ ଓଡ଼ିଶାର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ନାମ ସିଏମ୍ କିଷାନ ତାଲିକାରୁ ବାଦ୍ ପଡ଼ିବା ସହ ସେମାନଙ୍କୁ ସହାୟତା ପ୍ରଦାନରୁ ବଞ୍ଚିତ ରଖାଯାଇଛି।

ଏହି ଘଟଣାକୁ ନେଇ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରଙ୍କୁ କଠୋର ସମାଲୋଚନା କରିବା ସହ ରାଜ୍ୟର ୧୦ ଲକ୍ଷ ଚାଷୀଙ୍କୁ କାହିଁକି ସିଏମ୍ କିଷାନ ସହାୟତା ପାଇବାରୁ ବଞ୍ଚିତ କରାଗଲା ବୋଲି ପ୍ରଶ୍ନ କରିଛନ୍ତି। ପୁନଶ୍ଚ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଗତ ଖରିଫ୍ ବର୍ଷରେ ଧାନ ବିକିବା ପାଇଁ ପଞ୍ଜୀକରଣ କରିଥିବା ୧୯ ଲକ୍ଷ ୬୮ ହଜାର ଚାଷୀଙ୍କ ମଧ୍ୟରୁ ପ୍ରାୟ ୮୩ ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଚାଷୀଙ୍କଠାରୁ ଆଦୌ ଧାନ କ୍ରୟ କରାଗଲା ନାହିଁ। ଏବେ ୧୦ ଲକ୍ଷ ଚାଷୀଙ୍କର ସିଏମ୍ କିଷାନ ସହାୟତା ବନ୍ଦ କରିଦିଆଯାଇଛି। ଏହି ଚାଷୀମାନେ କରିବେ କ'ଣ ଓ ଏପରି ସ୍ଥଳରେ ଚାଷୀଙ୍କ ଆୟ ଦ୍ୱିଗୁଣା ବୃଦ୍ଧି ହେବ କିପରି ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଯଦି ସରକାରଙ୍କର ଚାଷୀଙ୍କ ପ୍ରତି ତିଳେମାତ୍ର ଆନ୍ତରିକତା ରହିଛି ନିକଟରେ ସିଏମ୍ କିଷାନ ସହାୟତା ପାଇବାରୁ ବଞ୍ଚିତ ରହିଥିବା ସେହି ୧୦ଲକ୍ଷ ଚାଷୀଙ୍କ ଜମାଖାତାକୁ ତୁରନ୍ତ ସିଏମ୍ କିଷାନ ସହାୟତା ଯୋଗାଇ ଦେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ କବି ସମ୍ରାଟଙ୍କ ସାଧନା କ୍ଷେତ୍ର

ନୟାଗଡ଼, ୨୬।୪ (ସମିସ): କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଯେଉଁ ସ୍ଥାନରେ ରାମତାରକା ମନ୍ତ୍ରୀପ୍ରାପ୍ତ ହୋଇଥିଲେ, ସେହି ସ୍ଥାନ ଆଜି ଅବହେଳିତ ଅବସ୍ଥାରେ। ସାହିତ୍ୟ, ସଂସ୍କୃତି ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ଏହି ଐତିହ୍ୟପୂର୍ଣ୍ଣ ସ୍ଥାନକୁ ଯେଉଁଳି ଭାବେ ବିକାଶ କରିବା କଥା, ତାହା କରିନାହାନ୍ତି। ଇତିହାସ ସହ ଜଡ଼ିତ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଢେଙ୍କେଣା ଗ୍ରାମସ୍ଥିତ ରଘୁନାଥଜୀଉ ମଠ ଆଜି ଅବହେଳିତ। ଏହି ମଠ ଭଞ୍ଜ ସାହିତ୍ୟ ଗବେଷକଙ୍କ ପାଇଁ ପ୍ରମୁଖ ସ୍ଥାନ ପାଲଟିଥିବା ବେଳେ ନୟାଗଡ଼ ଜିଲ୍ଲା ପ୍ରଶାସନ ଏହାର ବିକାଶ ତଥା ରୂପାନ୍ତରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ ହୋଇଛି।

ଏହି ପୁରାତନ ମଠ ତଥା ମନ୍ଦିର କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସିଦ୍ଧି ଓ ସାଧନାର କ୍ଷେତ୍ର ଭାବେ ପରିଚିତ। ଜିଲ୍ଲା ସଦର ମହକୁମାଠାରୁ ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ବାଲୁଗାଁ ଛକରୁ ମହୀପୁର ରାସ୍ତାରେ ୬ କିଲୋମିଟର ଗଲେ ଢେଙ୍କେଣା ଗ୍ରାମ। ଗ୍ରାମରେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ତଥା ବହୁ ପୁରାତନ ମଠ ରହିଛି। ଜନଶ୍ରୁତି ଅନୁସାରେ, ଏଠାରେ ଶରଭଙ୍ଗ ଋଷିଙ୍କ ଆଶ୍ରମ ଥିଲା। ଉପେନ୍ଦ୍ର ଭଞ୍ଜ ଢେଙ୍କେଣା ସନ୍ନିକଟ





- ରଘୁନାଥଜୀଉଙ୍କ ମଠକୁ ପ୍ରାଶାସନିକ ଅଣଦେଖା
- ପୁରାତନ ଐତିହ୍ୟକୁ ନୂଆରୂପ ଦେବା ପାଇଁ ଦାବି

ମାଳିସାହି ଗ୍ରାମର ମଧ୍ୟ ଭାଗରେ ଥିବା ଖମାର କୋଠିରେ ଅବସ୍ଥାନ କରୁଥିଲେ। ମାଳିସାହିରେ ରହି ଢେଙ୍କେଣା ଗ୍ରାମ ଶ୍ରୀରଘୁନାଥଙ୍କ ପଦାରବିନ୍ଦରେ ମନପ୍ରାଣ ଢାଳିଥିଲେ। ଏହି ସ୍ଥାନରେ ରାମତାରକ ମନ୍ତ୍ରୀ ଜପ କରି ସିଦ୍ଧିପ୍ରାପ୍ତ ହୋଇଥିଲେ। ମଠରେ ମଠାଧୀଶ ମହନ୍ତ ପରମ୍ପରା ରହି ଆସିଛି। ଏଠାରେ ବିଗତ କାଳରେ ବାବାଜୀ ଭାଗବତ ଚରଣ ଦାସ, ପଦ୍ମଚରଣ ଦାସ, ଦିଲୀପ ଚନ୍ଦ୍ର ଦାସ, ଯୁଗଳ ଚନ୍ଦ୍ର ଦାସ, ରାମନାରାୟଣ ଦାସ, ରାଧାଗୋବିନ୍ଦ ଦାସ, ବଦ୍ରିନାରାୟଣ ଦାସ, ପର୍ଶୁରାମ ଦାସ ପ୍ରମୁଖ ମଠାଧୀଶ ଭାବେ ଅବସ୍ଥାନ କରି ଆସୁଥିଲେ।

ଏହି ଗ୍ରାମରେ ବହୁ ପ୍ରାଚୀନ କାଳରୁ ରାମ ଉପାସନା ପରମ୍ପରା ପ୍ରଚଳିତ ରହିଛି। ଏହି ସ୍ଥାନରେ ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କ ବିଗ୍ରହ ପୂଜା ପାଇବା ପୂର୍ବରୁ ଶାଳଗ୍ରାମ ପୂଜା ପାଉଥିଲେ। ତେବେ ଏହି ଐତିହ୍ୟସମ୍ପନ୍ନ କ୍ଷେତ୍ର ପ୍ରତି ପ୍ରଶାସନିକ ଆନ୍ତରିକତା ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଠାକୁରଙ୍କ ସମ୍ପତ୍ତି କହିଲେ ୨୫ଏକର ଜମି। ଏହି ଜମିରୁ ଅନେକ ଏବେ ଜବରଦଖଲରେ ଥିବା ବେଳେ ମଠର ଆୟ ସମୁଦ୍ରକୁ ଶଙ୍ଖେ ସଦୃଶ। ଏହି ଐତିହ୍ୟସମ୍ପନ୍ନ ସ୍ଥାନର ରୂପାନ୍ତରଣ ପାଇଁ ସରକାର ଅନ୍ୟୂନ ୧୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରିବାକୁ ଦାବି ହୋଇଛି। ମନ୍ଦିରକୁ ବାଦ୍ ଦେଲେ ଏହା ଚାରିପାଖର ସୌନ୍ଦର୍ଯ୍ୟୀକରଣ ସହ ଢେଙ୍କେଣା ଛକରୁ ମଠ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କରାଯିବା ନିହାତି ଆବଶ୍ୟକ। ଜିଲ୍ଲା ପ୍ରଶାସନ ଏନେଇ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ମାଧ୍ୟମିକ ଶିକ୍ଷକ ବଦଳି ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି

ଭୁବନେଶ୍ୱର, ୨୬।୪(ସମିସ): ଚଳିତ ବର୍ଷ ପ୍ରାଥମିକ ଶିକ୍ଷକଙ୍କ ଅନଲାଇନ୍ ବଦଳି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ମାଧ୍ୟମିକ ଶିକ୍ଷକଙ୍କ ବଦଳି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ପ୍ରତିବର୍ଷ ଫେବୃଆରୀ ମାସରେ ଅନ୍‌ଲାଇନ୍ ବଦଳି ପୋର୍ଟାଲ୍ ଖୋଲିବା ଏବଂ ଜୁନ୍ ଶେଷ ସୁଦ୍ଧା ବଦଳି ପ୍ରକ୍ରିୟା ସାରିବାର ପ୍ରାବଧାନ ରହିଛି। ମାତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ସମୟ ସୂଚୀକୁ ପାଳନ କରାଯାଉ ନାହିଁ। ଯାହା ଶିକ୍ଷାଦାନ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବାବେଳେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

ମାଧ୍ୟମିକ ଏନ୍‌ପିଏସ୍ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କରିଛନ୍ତି ଯେ ଦୀର୍ଘଦିନ ଧରି ଶିକ୍ଷକମାନେ ବଦଳି ଅପେକ୍ଷାରେ ରହୁଛନ୍ତି। ବଦଳି ପ୍ରକ୍ରିୟା ଆରମ୍ଭ ଓ ଶେଷ କରିବାରେ ବ୍ୟାପକ ବିଳମ୍ବ ହେଉଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅବସାଦ ଆଣୁଛି। ଅପରପକ୍ଷରେ ଏହି ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଶିକ୍ଷାଦାନରେ ମଧ୍ୟ ପ୍ରଭାବ ପଡୁଛି। ଫେବୃଆରୀରୁ ପ୍ରକ୍ରିୟା ଆରମ୍ଭ ହୋଇ ଜୁନ୍‌ରେ ସରିଲେ ଜଣେ ଶିକ୍ଷକ ନୂତନ ବିଦ୍ୟାଳୟରେ ପ୍ରାରମ୍ଭରୁ ଶିକ୍ଷାଦାନ କରିବ। କିନ୍ତୁ ଏଥିରେ ବ୍ୟତିକ୍ରମ ହେଉଥିବାରୁ ପ୍ରକ୍ରିୟା ସରିଲା ବେଳକୁ ନଭେମ୍ବର ଶେଷ ହେଉଛି। ଏହାଦ୍ୱାରା ଶିକ୍ଷକ ଓ ଛାତ୍ରଛାତ୍ରୀ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ମାଧ୍ୟମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ତୁରନ୍ତ ଆରମ୍ଭ କରି ନିର୍ଦ୍ଧାରିତ ସମୟରେ ସାରିବାକୁ ସେ ଦାବି କରିଛନ୍ତି। ଅନ୍ୟଥା ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଚେତାବନୀ ଦେଇଛନ୍ତି।

JSW JFE

JSW JFE Steel Limited

(Formerly Known as JSW Sambalpur Steel Limited)



ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀ

# ଆଗକୁ ବଢୁଥିବା ପଦକ୍ଷେପ ସାଥିରେ ଅଧିକ ଶକ୍ତିଶାଳୀ




**ବାମରୁ ଡାହାଣ:** ଶ୍ରୀ ଜୟନାରାୟଣ ମିଶ୍ର, ମାନ୍ୟବର ବିଧାୟକ – ସମ୍ବଲପୁର, ଶ୍ରୀ ଟଙ୍କଧର ତ୍ରିପାଠୀ, ମାନ୍ୟବର ବିଧାୟକ – ଝାରସୁଗୁଡା, ଶ୍ରୀ ରବି ନାରାୟଣ ନାୟକ, ମାନ୍ୟବର ଗ୍ରାମୀଣ ବିକାଶ, ପଞ୍ଚାୟତୀ ରାଜ ଓ ପାନୀୟ ଜଳ ମନ୍ତ୍ରୀ, ଓଡିଶା, ଶ୍ରୀ ସୁରେଶ ପୂଜାରୀ, ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡିଶା, ମହାମହିମ ଶ୍ରୀ ଓନୋ କେଇଚି, ଭାରତରେ ଜାପାନର ରାଜଦୂତ, ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଭାରତ ସରକାର, ଶ୍ରୀ ମୋହନ ଚରଣ ମାଝି, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା, ଶ୍ରୀ ସଜ୍ଜନ ଜିନ୍ଦଲ, ଅଧ୍ୟକ୍ଷ, JSW Group, ଶ୍ରୀ ଯୋଶିହିସା କିତାନୋ, ପ୍ରେସିଡେଣ୍ଟ ଓ CFO, JFE Holdings, Inc., ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟ ଶାସନ ସଚିବ, ଓଡିଶା, ଶ୍ରୀ ପାର୍ଥ ଜିନ୍ଦଲ, MD, JSW Cement ଓ JSW Paints ଏବଂ ଅଧ୍ୟକ୍ଷ, JSW Dulux, ଶ୍ରୀ ଜୟନ୍ତ ଆଚାର୍ଯ୍ୟ, JMD ଓ CEO, JSW Steel, ଶ୍ରୀ ହିରୋୟୁକି ଓଗାୱା, ବୋର୍ଡ ଅଫ ଡାଇରେକ୍ଟର, JFE Steel Corporation

## ଭାରତର ଇସ୍ପାତ ଭବିଷ୍ୟତକୁ ଶକ୍ତି ଦେବା ପାଇଁ JSW Steel ଏବଂ JFE Steel ଏକତ୍ର - ଓଡ଼ିଶାରେ 10 MTPA କ୍ଷମତା ର ଏକ ପରିକଳ୍ପନା

ବିଶ୍ୱର ଶ୍ରେଷ୍ଠ ଇସ୍ପାତ ନିର୍ମାତା ମାନଙ୍କ ମଧ୍ୟରୁ ଦୁଇଟି, JSW Steel ଏବଂ JFE Steel ମଧ୍ୟରେ ଏକ ଯୁଗାନ୍ତକାରୀ 50:50 ମିଳିତ ଉଦ୍ୟୋଗ ।

ଓଡ଼ିଶାର ସମ୍ବଲପୁର ରେ ଅବସ୍ଥିତ ଏହି କାରଖାନାର କ୍ଷମତା 4.5 MTPA ରୁ 10 MTPA ଓ ଅଧିକ ପର୍ଯ୍ୟନ୍ତ ବୃଦ୍ଧି ପାଇବ ଯାହା ହଜାର ହଜାର ନିଯୁକ୍ତି ଓଡ଼ିଶାକୁ ଏକ ସମୃଦ୍ଧ ଶିଳ୍ପ ପରିସଂସ୍ଥାନ ଭାବେ ସୁଦୃଢ଼ କରିବ

**ଏକ ଅଧିକ ଶକ୍ତିଶାଳୀ ଆତ୍ମନିର୍ଭର ଭାରତ ଗଢିବା ଦିଗରେ ଆଉ ଏକ ପଦକ୍ଷେପ ।**



# ମେଡିକାଲରୁ ଟଙ୍କା ମୋବାଇଲ ଚୋରି, ଅଭିଯୁକ୍ତ ଅଟକ

ସୋର,୨୬।୪(ସମିସ): ସୋର ମେଡିକାଲର ପ୍ରସବ ୱାର୍ଡରୁ ଜଣେ ରୋଗୀଙ୍କ ମୋବାଇଲ ଏବଂ ଟଙ୍କା ଚୋରି ହେଇଥିବାବେଳେ ଚୋରକୁ ଧରି ପୁଲିସ ଜିମା ଦିଆଯାଇଛି। ସୂଚନା ଅନୁସାରେ ଟେଣ୍ଟେଇ ଅଞ୍ଚଳର ଜଣେ ମହିଳା ଡାକ୍ତରଖାନାରେ ସନ୍ତାନ ପ୍ରସବ କରିଛନ୍ତି। ତେଣୁ ମହିଳାଙ୍କ ସମେତ ତାଙ୍କ ପରିବାର ଲୋକେ ଚାରି ଦିନ ହେଲା ପ୍ରସବ ୱାର୍ଡରେ ରହୁଛନ୍ତି। ଆଜି ସକାଳେ କାନ୍ଠଥଗଡିଆ ଗ୍ରାମର ସେକ ରଫିଦ(୨୫) ସେଠାରେ ପହଞ୍ଚି କୌଶଳକ୍ରମେ ମହିଳାଙ୍କ ମୋବାଇଲ ଏବଂ ମନି ପର୍ସରେ ଥିବା ୬ ହଜାର ୮ ଶହ ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ। ପୁନଶ୍ଚ ରଫିଦ ୱାର୍ଡରେ ପହଞ୍ଚିବା ପରେ ସନ୍ଦେହ ହେବାରୁ ମହିଳାଙ୍କ ସ୍ୱାମୀ ତାଙ୍କୁ ଧରି ପଚରାଉଚରା କରି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ରଫିଦକୁ ଆଣି ଥାନାରେ ଅଟକ ରଖିଛି। ରଫିଦ ମୋବାଇଲଟିକୁ ଚୋରି କରିବା ପରେ ଭଙ୍ଗା ମୋବାଇଲ ଦେଖି ମୋବାଇଲ କଭର ମଧ୍ୟରେ ଥିବା ୧୮ ଶହ ଟଙ୍କାକୁ ନେଇଯାଇ ମୋବାଇଲ ଟିକୁ ମେଡିକାଲର ଉପର ମହଲାରେ ଫୋପାଡ଼ି ପଳାଇଥିଲା। ମହିଳାଙ୍କ ସ୍ୱାମୀ ମୋବାଇଲ ଟିକୁ ପାଇଥିବା ବେଳେ ପୁଲିସ ରଫିଦ ନିକଟରୁ ୨୮ ଶହ ଟଙ୍କା ଜବତ କରିଛି। ଏ ବାବଦରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଜେଡିରୁ ଜୟନ୍ତ ସ୍ୱାଇଁ ଓ ତାଙ୍କ ସରପଞ୍ଚ ପତ୍ନୀ ନିଲମ୍ବିତ



ସୋର,୨୬।୪(ସମିସ): ସୋର ନିର୍ବାଚନ ମଣ୍ଡଳୀର ୪୪ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁ ଏବଂ ତାଙ୍କ ସରପଞ୍ଚ ପତ୍ନୀ ବାସନ୍ତୀ ସ୍ୱାଇଁ ବିଜୁ ଜନତା ଦଳରୁ ନିଲମ୍ବିତ ହୋଇଛନ୍ତି। ଗତ ଦୁଇଦିନ ତଳେ ବିଜେଡିରୁ ସୋର ବ୍ଲକ୍ ଉପାଧ୍ୟକ୍ଷ ଭ୍ରମରବର ନାୟକ ଇସ୍ତଫା ଦେଇଥିବା ବେଳେ ଆଜି ୪୪ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ଜୟନ୍ତ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ତଥା ନଦୀଗାଁ ପଞ୍ଚାୟତର ସରପଞ୍ଚ ବାସନ୍ତୀ ସ୍ୱାଇଁକୁ ଦଳ ବିରୋଧୀ କାମ ପାଇଁ ନିଲମ୍ବିତ କରାଯାଇଛି। ବିଗତ ଦିନରେ ବିଜେପିରୁ ବିଜେଡିକୁ ଆସିଥିବା ବେଳେ ଆଜି ଦଳ ବିରୋଧୀ କାମ ପାଇଁ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ନିଲମ୍ବିତ କରିଛନ୍ତି। ଏ ନେଇ ଜୟନ୍ତ ସ୍ୱାଇଁକୁ ପଚାରିବାରୁ ମୁଁ କୌଣସି ଦଳବିରୋଧୀ କାମ କରିନଥିବା କହିଛନ୍ତି। ଆଗାମୀ ଦିନରେ ମୋର ସମର୍ଥକ ମାନଙ୍କ ସହିତ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବି ବୋଲି କହିଛନ୍ତି।

● ଏଫ୍‌ଏମ୍ କଲେଜର ବାର୍ଷିକ ଉତ୍ସବ

# ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ 'ଛାତ୍ର ଗୌରବ ସମ୍ମାନ'

ନୀଳଗିରି,୨୬।୪(ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ୩୨ତମ ବାର୍ଷିକ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଗୌରବମୟ ଉତ୍ସବରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ତାଙ୍କର ସାମାଜିକ ପ୍ରତିବଦ୍ଧତା ଏବଂ ଜନସେବା ପାଇଁ ଅନୁଷ୍ଠାନ ପକ୍ଷରୁ ମର୍ଯ୍ୟାଦାଜନକ "ଛାତ୍ର ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ, ବିଶିଷ୍ଟ ଶିକ୍ଷାବିତ୍ ଓ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମ୍ମାନ ଗ୍ରହଣ କରିବା ଅବସରରେ ବିଧାୟକ ଶ୍ରୀ ଖଟୁଆ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, "ନିଜର ଶିକ୍ଷାନୁଷ୍ଠାନରୁ ସମ୍ମାନିତ ହେବା ଜୀବନର ସବୁଠାରୁ ବଡ଼ ଉପଲବ୍‌ଧି'। ଏହି ଅନୁଷ୍ଠାନର ଶିକ୍ଷା ଓ ସଂସ୍କାର ହିଁ ମୋତେ ସମାଜସେବା ପାଇଁ ପ୍ରେରଣା ଦେଇଛି। ଏହି ସମ୍ମାନ ମୋ ପାଇଁ କେବଳ ଏକ ପୁରସ୍କାର ନୁହେଁ, ବରଂ ଜନସାଧାରଣଙ୍କ ସେବା ପାଇଁ ଏହା ଏକ ନୂତନ ଦାୟିତ୍ୱ। ମୁଁ ଏଥିପାଇଁ ମୋର ଗୁରୁଜନ ଏବଂ ପୁରାତନ ଛାତ୍ର ସଂସଦ ପାଖରେ ସଦା ଋଣୀ। ଏହି ଅବସରରେ ମହାବିଦ୍ୟାଳୟର ଶତାଧିକ ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ନିଜର ଅତୀତର ସ୍ମୃତିଚାରଣ କରିବା ସହ ବିଧାୟକଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ପ୍ରହଲ୍ଲାଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର



ନୀଳଗିରି,୨୬।୪(ସମିସ): ୟଙ୍ଗଷ୍ଟାର କ୍ଲବ ପୋଡ଼ଶୂଳର ସଦସ୍ୟଙ୍କ ସହଯୋଗରେ ପ୍ରହଲ୍ଲାଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯଡିଦା ଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଶିବିରର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ସମସ୍ତ ଶୁଭେଚ୍ଛୁ, ଆୟୋଜକ ଓ ସହଯୋଗୀଙ୍କୁ ତଥା ୟଙ୍ଗଷ୍ଟାର କ୍ଲବ ପୋଡ଼ଶୂଳର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଥିଲେ ବିନୋଦ ମହାନ୍ତି, କୈଳାସ ମହାନ୍ତି, କାର୍ତିକ କର, ବିକାଶ ପତି, ମୁକେଶ ସାହୁ, ଅବିନାଶ ପ୍ରଧାନ, ବିବେକ ସାହୁ, ମୃତ୍ୟୁଞ୍ଜୟ ସଲ, ଧରମା ବେହେରା, ସୁନୀଲ ମଢ଼େଇ, ସନ୍ତୋଷ ସାହୁ, ଅବିନାଶ ରାଉତ ତଥା ୟଙ୍ଗଷ୍ଟାର କ୍ଲବ, ପୋଡ଼ଶୂଳର ସଦସ୍ୟ।

## ଶିଙ୍ଘରେ ଭୁସି ମାଲିକଙ୍କୁ ମାରିବା ପରେ ପଶ୍ଚାତାପ

# ୧୪ ଦିନ ହେଲା ଅଖିଆ ଅପିଆ ଲୁହ ଗଡ଼ାଉଛି ଗାଈ

ବାଲେଶ୍ୱର,୨୬।୪(ସମିସ)





ଯିଏ ଛୋଟବେଳୁ ଅତି ସ୍ନେହ ଆଦରରେ ପାଳିଥିଲା ଶେଷରେ ତାର ହିଁ ଜୀବନ ନେଇଗଲା। ଆଉ ମାଲିକକୁ ମାରିବା ପରେ ପଶ୍ଚାତାପ କରି ଖିଆପିଆ ଛାଡ଼ିଦେଇଛି ଏକ ଗାଈ। ୧୪ଦିନ ହେଲା ସେମିତି ଅଖିଆଅପିଆ ସେମିତି ଚାହିଁରହି ଲୁହଗଡ଼ାଉଛି। ବାରମ୍ବାର ମାଲିକଙ୍କ ଘର ସମ୍ମୁଖକୁ ଯାଇ ପୁଣି ଫେରିଆସୁଛି ନିକଟସ୍ଥ ପଡିଆକୁ। ଘରର ମାଲିକଙ୍କ ପରିବାର ସମେତ ଗ୍ରାମବାସୀ ଯିଏ ଯେତେ ଖାଇବାକୁ ଦେଲେ ମଧ୍ୟ ସେ ପାଟିକୁ ନେବା ତ ଦୂରର କଥା ସେମାନଙ୍କୁ ଚାହୁଁନାହିଁ ମଧ୍ୟ। ଏଭଳି ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ରେମୁଣା ବ୍ଲକ୍ ଖୁସୁଲିଗଞ୍ଜ ଅଞ୍ଚଳରେ।

ଖୁସାଲିଗଞ୍ଜ ଅଞ୍ଚଳର ରାମଚନ୍ଦ୍ର ମହରଣା ଘରେ ତିନୋଟି ଗାଈ ଦୀର୍ଘଦିନ ହେବ ରଖିଥିଲେ। ରାମଚନ୍ଦ୍ର ସେଇ ଗାଇଗୁଡ଼ିକୁ ଖୁବ ସ୍ନେହ ଶ୍ରଦ୍ଧା କରୁଥିବା ବେଳେ ପଶୁ ହେଲେ ବି ସେମାନେ ମାଲିକକୁ ନିଜର ଭାବି ଅଧିକ ସ୍ନେହ କରୁଥିଲେ। ପଶୁମାନେ ନିଜର ପରିବାର ଭାବି ସେଠାରେ ରହୁଆସୁଥିଲେ। ଗତ ମାସ ୧୩ ତାରିଖରେ ରାମଚନ୍ଦ୍ର ଏକ ଗାଈକୁ ଅନ୍ୟ ଜଣଙ୍କୁ ଦାନ କରିବାକୁ ଚାହୁଁଥିଲେ। ହେଲେ ସେଇ ଗାଈଟି କେମିତି ବୁଝିଯାଇଥିଲା ଯେ ତା' ମାଲିକ ତାକୁ ସବୁଦିନ ପାଇଁ ଅଲଗା କରିଦେବ। ଗାଈଟିକୁ ମାଲିକ ଅନ୍ୟକୁ ଦାନ କରିବାକୁ ଘର ନିକଟସ୍ଥ ଗେଟ୍ ନିକଟରେ ଠିଆ ହୋଇ କଥାବାର୍ତ୍ତା କରୁଥିଲେ। ଠିକ ଏତିକି ବେଳେ ଗାଈଟି ଆସି ତା' ମାଲିକଙ୍କ ଛାତିକୁ ଜୋରରେ ଶିଙ୍ଘରେ ମାରି ତଳେ ପକାଇ ଦେଇଥିଲା। ମାଲିକ ରାମଚନ୍ଦ୍ର ତଳେ ପଡ଼ିଯିବା ପରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ଯାହାକି ସେଠାରେ ଲାଗିଥିବା ସିସିଟିଭିରୁ ସ୍ପଷ୍ଟ ଜଣାଯାଉଛି। ଫଳରେ ଘଟଣା ସ୍ଥଳରେ ସେ ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ରେମୁଣା ମେଡିକାଲ ନେଇଯାଇଥିଲେ। ହେଲେ ସେଠାରେ ସେ ଅଧିକ ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ନେଇଯାଇଥିଲେ। ତେବେ ରାମଚନ୍ଦ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହିଁ ୧୪ତାରିଖରେ ପ୍ରାଣ ହରାଇଥିଲେ। ରାମଚନ୍ଦ୍ରଙ୍କ ମୃତଦେହ ଗାଁକୁ ଫେରିବା ପରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା। ଗାଁକୁ ରାମଚନ୍ଦ୍ରଙ୍କ ମୃତଦେହ ଫେରିବା ପରେ ଗାଈଟି ସବୁକିଛି ଜାଣିବା ଭଳି ପ୍ରାୟଶ୍ଚିତ କରିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଲୋକେ ଆଶ୍ଚର୍ଯ୍ୟ ହେବା ସହ ପଶୁ ହେଲେ ବି ତା' ନିକଟରେ ମାନବିକତା ଥିବା ଚର୍ଚ୍ଚା କରୁଛନ୍ତି। କଥା କହି ନପାରିଲେ ମଧ୍ୟ ନିଜର ଆଖିରୁ ଲୁହ ଗଡ଼ାଇ ସବୁ କିଛି ଯେମିତି ଜଣାଇଦେଉଛି, ଆଉ କହିବାକୁ ଚାହୁଁଛି ଯେ ସେ ଏକ ଗୁରୁତର ଭୁଲ କରିଦେଇଛି। ଭୁଲ୍‌ବଶତଃ ନିଜ ମାଲିକଙ୍କୁ ଆଘାତ କରି ମାରିଦେବାକୁ ସେ ସହଜରେ ଗ୍ରହଣ କରିପାରୁ ନାହିଁ। ଯାହାଫଳରେ ସେ ଗାଈଟି ନିକଟସ୍ଥ ଏକ ପଡ଼ିଆରେ ଅଖିଆ ଅପିଆ ଝୁରି ଝୁରି ଆଖିରୁ ଲୁହ ଗଡ଼ାଇ ପଶ୍ଚାତାପ କରୁଛି। ୧୪ଦିନ ହେବ ଗାଈର ଏଭଳି ଆଚରଣରେ ସ୍ଥାନୀୟ ଲୋକେ ସ୍ତମ୍ଭୀଭୂତ ହୋଇଛନ୍ତି। କାରଣ ସେହିଦିନଠାରୁ ଗାଈଟି ଟିକିଏ ହେଲେ ଦାନା ଗ୍ରହଣ କରିନି। ପରିବାର ଲୋକେ ଯିଏ ଯେତେ ଖାଇବାକୁ ଦେଲେ ମଧ୍ୟ ସେ ତାକୁ ଗ୍ରହଣ କରୁନଥିବା ବେଳେ ପାଖ ପୋଡଶୀମାନେ ମଧ୍ୟ ତାକୁ ଖୁଆଇବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି। ଏପରିକି ଖାଦ୍ୟ ଦେଉଥିବା ଲୋକଙ୍କୁ ବି ଚାହୁଁନାହିଁ। ଗ୍ରାମର ସତ୍ୟନାରାୟଣ ରଣାଙ୍କ କହିବା ଅନୁସାରେ, ଗାଈଟି ମାଲିକକୁ ଛାଡ଼ି ଅନ୍ୟତ୍ର କୁଆଡ଼େ ନ ଯିବା ପାଇଁ ଚାହୁଁଥିବାବେଳେ ଭୁଲ ବଶତଃ ଏଭଳି କାଣ୍ଡ କରିବସିଛି। ଆଜିର ସ୍ୱାର୍ଥପର ସମାଜରେ ଗାଈଟିର ଏଭଳି ମାନବିକପଣିଆ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ନୀଳଗିରିରେ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲାକାର୍ଯ୍ୟକାରିଣୀ




ନୀଳଗିରି,୨୬।୪(ସମିସ): ନୀଳଗିରି ଡାକବଙ୍ଗଳା ପରିସରରେ ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଲୋକନାଥ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବ୍ଲକ୍ ସଭାପତି ବ୍ରଜକିଶୋର ପାଣିଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ୧୨ଟି ବ୍ଲକର ସମସ୍ତ କର୍ମକର୍ତ୍ତାଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ବାରିକ, ଜିଲ୍ଲା ଉପସଭାପତି ଜୀବନକୃଷ୍ଣ ବାରିକ, ସଂଗଠନ ସମ୍ପାଦକ ଭଗବାନ ଦାସ, ସାଧାରଣ ସମ୍ପାଦକ ସୁଧାଂଶୁଶେଖର ବାରିକ, ସମ୍ପାଦକ ବିଜୟ କୁମାର ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଲୋକନାଥ ପରିଡ଼ା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ସଞ୍ଜୟ ସାମନ୍ତ, ଜିଲ୍ଲା ସମ୍ପାଦକ ପ୍ରକାଶ ପ୍ରଧାନ, ଅନାଦି ନାୟକ, ଜିଲ୍ଲା ସମ୍ପାଦକ ସରିତ୍ ସପନ ପଣ୍ଡା, ଉପସଭାପତି ଆଶାନନ୍ଦ ଦାସ, ଜଳେଶ୍ୱର ବ୍ଲକ ସଭାପତି ମନୋଜ ଭୂୟାଁ, ରେମୁଣା ବ୍ଲକ୍ ସଭାପତି ଦୀପକ ପ୍ରଧାନ, ନୀଳଗିରି ବ୍ରଜକିଶୋର ପାଣି, ଔପଦା ବ୍ଲକ୍ ସଭାପତି ଶଙ୍କର୍ଷଣ ମହାନ୍ତି, ବସ୍ତା ବ୍ଲକ୍ ସଭାପତି ପ୍ରସନ୍ନ ପାତ୍ର, ବାହାନଗା ବ୍ଲକ୍ ସଭାପତି ସନ୍ଦୀପ ପଣ୍ଡା, ସୋର ବ୍ଲକ ସଭାପତି ଶେଖ୍ ତାଜିବୁଦ୍ଦିନ, ସିମୁଳିଆ ବ୍ଲକ କାର୍ଯ୍ୟକାରୀ ସଭାପତି ପର୍ଶୁରାମ ନାୟକ, ବାଲିଆପାଳ ବ୍ଲକ୍ ସଭାପତି ଗୋପାଳ ବିଶ୍ୱାଳ, ମିଡିଆ କୋର୍ଡିନେଟର ପ୍ରମୋଦ କୁମାର ଶିଆଳ, ଅଜିତି ସାହୁ, ବିଭୂତି ଭୂଷଣ ବେହେରା, ମାନସ ବେଜ, ଅମିତ ବଳିଆର୍ସିଂ, କପିଳ ସାମଲଙ୍କ ସମେତ ଶତାଧିକ ସଦସ୍ୟ/ସଦସ୍ୟା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୂତନ ସଭ୍ୟଭାବେ ଖଇରା ବ୍ଲକର ମହେନ୍ଦ୍ର ଶିଅଳ, ହେମନ୍ତ ସାହୁ, ନୀଳଗିରି ବ୍ଲକରୁ ଜଗନ୍ନାଥ ଦାସ, ସତ୍ୟବ୍ରତ ମଲ୍ଲିକ, ଧର୍ମେନ୍ଦ୍ର ମହାକୁଡ ପ୍ରମୁଖ ନୂତନ ସଭ୍ୟଭାବେ ଯୋଗଦେଇଥିଲେ। ରାଜ୍ୟସଂଘର ପ୍ରମୁଖ ୬ଟି ଦାବିର ଯଥାର୍ଥତାକୁ ସମର୍ଥନ ଜଣାଇ ଆସନ୍ତା ୨୯ତାରିଖ ଦିନ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ୨ଘଣ୍ଟିଆ ପ୍ରତୀକ ଧର୍ମଘଟ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏପ୍ରିଲ ୨୯ତାରିଖ ଦିନ ୬ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବାର ନିଷ୍ପତ୍ତି ନିଆଯାଇଛି। ସେହିପରି ୧ତାରିଖ ଶ୍ରମିକ ଦିବସରେ ପ୍ରତ୍ୟେକ ସାମ୍ବାଦିକ କଳାବ୍ୟାଜ୍ ପରିଧାନ ପୂର୍ବକ ପ୍ରତିବାଦ ଜଣାଇବା ପାଇଁ ନିଷ୍ପତ୍ତି ନିଆଗଲା। ଏହି ସଭାରେ ବାଲେଶ୍ୱର ସଦର ବ୍ଲକ୍‌ର ସଭାପତି ଭାବେ ଜୀବନକୃଷ୍ଣ ବାରିକ ଏବଂ ରେମୁଣା ବ୍ଲକ୍‌ର ଦୀପକ କୁମାର ପରିଡ଼ାଙ୍କୁ ସଭାପତି ଭାବେ ମନୋନିତ କରାଯାଇଛି।

# ଏଫ୍‌ଏମ୍ କଲେଜ ପୁରାତନ ଛାତ୍ର ସଂସଦର ବାର୍ଷିକ ସମାରୋହ

ବାଲେଶ୍ୱର,୨୬।୪(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ପରେ ସଂସଦର ସଂଗଠକ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଘୋଷ ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଅନ୍ୟତମ ବରଣ୍ୟ ଅତିଥି ଭାବେ ଫକୀର ମୋହନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ.ଦୀନେଶ କୁମାର ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ସମ୍ପାଦକ ଭାବେ ପୁରାତନ ଛାତ୍ର ତଥା ବିଶିଷ୍ଟ ସାହିତ୍ୟିକ ଡ.ରାଧାରଞ୍ଜନ ପଟ୍ଟନାୟକ ଏବଂ ସମ୍ପାଦକ ମଣ୍ଡଳୀର ନାଟ୍ୟକାର ପୀତାମ୍ବର ଦାସ, ଅନୀଲ ପଟ୍ଟନାୟକ, ନାରାୟଣ ଘୋଷ, ରମାକାନ୍ତ ମହାନ୍ତି, ଦେବାଶିଷ ପାଣି ଓ ବିନୟ ମହାପାତ୍ରଙ୍କ ମିଳିତ ସମ୍ପାଦନା ରେ ପ୍ରକାଶ ପାଇଥିବା ସଂସଦର ବାର୍ଷିକ ମୁଖପତ୍ର 'ପ୍ରାକ୍ତନିକା' ଉନ୍ମୋଚିତ ହୋଇଥିଲା। ଏହି ସମାରୋହରେ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକଙ୍କୁ "ଶିକ୍ଷକ ଗୌରବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୁରାତନ ଛାତ୍ର ବୈଜ୍ଞାନିକ ପ୍ରଫେସର ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଯୋଜକ




ବିଷ୍ଣୁ ଦେବ ହାଲଦାର, ହୃଦରୋଗ ବିଶେଷଜ୍ଞ ଡାକ୍ତର ଯଯାତି କେଶରୀ ପାଢ଼ୀ, ବିଧାୟକ ସନ୍ତୋଷ ଖଟୁଆ ଏବଂ ସ୍ତମ୍ଭକାର ତଥା ସାମ୍ବାଦିକ ଡ. କୁଳମଣି ବାରିକଙ୍କୁ "ଛାତ୍ର ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରାୟ ୭୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ପ୍ରାରମ୍ଭରେ ଅମୃତାଂଶୁ ପଟ୍ଟନାୟକ ଅତିଥି ମାନଙ୍କୁ ମଂଚ ଆହ୍ୱାନ କରିଥିଲେ। ଉପସଭାପତି ଅନସୂୟା ନାୟକ, ଅନୀଲ କୁମାର ପଟ୍ଟନାୟକ, ଡାକ୍ତର ସୁଧାଂଶୁ ପରିଡ଼ାଙ୍କ ସମେତ ଅମୃତାଂଶୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

● ପୁଅ-ବୋହୂଙ୍କ ନିର୍ଯାତନା ସହି ନପାରି ଭିଟାମାଟି ଛାଡିଲେ ବୃଦ୍ଧ ଦମ୍ପତି

# ସମ୍ପତ୍ତି ଦାନ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ



ବାଲେଶ୍ୱର,୨୬।୪(ସମିସ): ଜନ୍ମକଲା ପୁଅ ଆଜି ପାଲଟିଛି ଶତ୍ରୁ। ଯେଉଁ ପୁଅକୁ ପାଳିପୋଷି ବଡ଼ କରିଥିଲେ, ସେଇ ପୁଅ-ବୋହୂଙ୍କ ଅକଥନୀୟ ନିର୍ଯାତନା ସହି ନପାରି ଶେଷରେ ଘରଦ୍ୱାର ଛାଡି ବାହାରେ ଆଶ୍ରୟ ନେଇଛନ୍ତି ଜଣେ ଅସହାୟ ବୃଦ୍ଧ ଦମ୍ପତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ଗେଣ୍ଡୁଟିଆ ଅଞ୍ଚଳରେ। ଗେଣ୍ଡୁଟିଆ ଗ୍ରାମର ଶାନ୍ତିଲତା ପଣ୍ଡା (୭୬) ଏବଂ ତାଙ୍କ ପକ୍ଷାଘାତ ପୀଡିତ ସ୍ୱାମୀ ଦାମୋଦର ପଣ୍ଡା (୮୪) ନିଜ ଦୁଇ ପୁଅ ଓ ବୋହୂଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଘରକୁ ହଡ଼ପ କରିବା ପାଇଁ ଦୁଇ ପୁଅ ଓ ବୋହୂ ମିଶି ବୃଦ୍ଧ ଦମ୍ପତିଙ୍କୁ ମାଡ଼ ମାରିବା ସହ ଗତ ୪ ମାସ ତଳେ ଘରୁ ବଳପୂର୍ବକ ବାହାର କରିଦେଇଥିଲେ। ଅଭିଯୋଗ ଅନୁଯାୟୀ, ଏନେଇ ପୂର୍ବରୁ ଖଇରା ଥାନାରେ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିଲା। ଏପରିକି ପଞ୍ଚାୟତ ସ୍ତରରେ ସମାଧାନ ପାଇଁ ଉଦ୍ୟମ କରାଯିବା ବେଳେ ପୁଅ-ବୋହୂ ସେମାନଙ୍କୁ ଓ ସାହାଯ୍ୟ କରିବାକୁ ଆସୁଥିବା ଝିଅ-ଜ୍ୱାଇଁଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଶାନ୍ତିଲତା ପ୍ରକାଶ କରିଛନ୍ତି। ଅନ୍ୟୋପାୟ ହୋଇ ଜଣେ ମାନବାଧିକାର କର୍ମୀଙ୍କ ସହାୟତାରେ ବୃଦ୍ଧ ଦମ୍ପତି ଏବେ ବାଲେଶ୍ୱର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ନ୍ୟାୟ ଭିକ୍ଷା କରିଛନ୍ତି। ନିଜ ପୁଅଙ୍କ କ୍ରୂରତା ଦେଖି ଶାନ୍ତିଲତା ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ଅନୁରୋଧ କରିଛନ୍ତି ଯେ,ସେମାନଙ୍କୁ କୌଣସି ଏକ ବୃଦ୍ଧାଶ୍ରମରେ ରହିବାକୁ ବ୍ୟବସ୍ଥା କରାଯାଉ। ଯେଉଁ ଘରୁ ସେମାନଙ୍କୁ ତଡ଼ି ଦିଆଯାଇଛି, ସେଥିରୁ ପୁଅ ବୋହୂଙ୍କୁ ବେଦଖଲ କରି ସେହି ସମ୍ପତ୍ତିକୁ କୌଣସି ସରକାରୀ ସଂସ୍ଥା, ମନ୍ଦିର କିମ୍ବା ଟ୍ରଷ୍ଟକୁ ଦାନ କରିଦିଆଯାଉ। ନିର୍ଯାତନା ଦେଉଥିବା ପୁଅ-ବୋହୂଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜୀବନର ଅପରାହ୍ନରେ ନିଜ ରକ୍ତର ସମ୍ପର୍କ ପାଖରୁ ଏଭଳି ପ୍ରତାରଣା ପାଇବା ପରେ, ପ୍ରଶାସନ ଉପରେ ଏବେ ଏହି ଦମ୍ପତିଙ୍କର ଶେଷ ଭରସା ରହିଛି। ଅଞ୍ଚଳବାସୀ ମଧ୍ୟ ଏହି ଅମାନବୀୟ ଘଟଣାକୁ ନିନ୍ଦା କରିବା ସହ ବୃଦ୍ଧ ଦମ୍ପତିଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ହେଲେ ସ୍ନେହାଶିଷ

ବାଲିଆପାଳ,୨୬।୪(ସମିସ): ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବରେ ନିଯୁକ୍ତି ପାଇଛନ୍ତି ବାଲିଆପାଳ ବ୍ଲକ ନାଭଡ଼ା ଗ୍ରାମର ସ୍ନେହାଶିଷ ପଣ୍ଡା। ସ୍ନେହାଶିଷ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ଦ୍ୱାରା ପରିଚାଳିତ ଗ୍ରୁପ ଏ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପରୀକ୍ଷାରେ ରାଜ୍ୟସ୍ତରରେ ୧୬ ନମ୍ବର ର୍‌ୟାଙ୍କରେ ରହିଥିବା ବେଳେ ଗତ ୨୩ ତାରିଖରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ନିଯୁକ୍ତି ମେଳାରେ ଶ୍ରୀ ପଣ୍ଡାଙ୍କୁ ଏହି ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସ୍ନେହାଶିଷ ନାଭଡ଼ା ଗ୍ରାମର ଶିକ୍ଷାବିତ ଉପେନ୍ଦ୍ର ନାଥ ପଣ୍ଡା ଏବଂ ମାତା ସୁମତି ତ୍ରିପାଠୀଙ୍କର ପୁତ୍ର।

# ଅମ୍ବିକାପୁରରେ ରକ୍ତଦାନ ଶିବିର

ନୀଳଗିରି,୨୬।୪,(ସମିସ): ଅମ୍ବିକାପୁରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିରକୁ ନୀଳଗିରି ରକ୍ତ କେନ୍ଦ୍ର ଅଧିକାରୀ ଡକ୍ଟର ମନୋଜ ବାରିକ ଓ ନୀଳଗିରି ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଶିବିରକୁ ନୀଳଗିରି ରକ୍ତ କେନ୍ଦ୍ରର ଉପସଭାପତି ଭଗବାନ ମହାନ୍ତିଙ୍କ ସହିତ ସରୋଜ କୁମାର ବେହେରା, ସରୋଜ ଦାସ, ଉଗ୍ରେସେନ ଦାସ, ଶରତ୍ ବାରିକ, ଭାନୁମତୀ ମହାପାତ୍ର, ଯୋଗେଶ୍ୱର ପୃଷ୍ଟି, ଗୋପବନ୍ଧୁ ଦାସ ଗୋବର୍ଦ୍ଧନ ଗିରିଧାରୀ ମହାପାତ୍ରଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ଉକ୍ତ ଶିବିରକୁ ପରିଚାଳନା କରିଥିଲେ। ରାଜେଶ କୁମାର ଦାସ, ମଞ୍ଜରୀ ବେହେରା, ଗତିକୃଷ୍ଣ ମହାନ୍ତି, ସଂଗ୍ରାମ ମହାପାତ୍ର, ରାଜେନ୍ଦ୍ର ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବ୍ରାଉନସୁଗର କାରବାର ହବ୍ ପାଲଟିଛି ଜଳେଶ୍ୱର

ଜଳେଶ୍ୱର ବ୍ଲକ ୨୬।୪(ସମିସ)



ଜଳେଶ୍ୱର ଏବେ ସାରା ରାଜ୍ୟରେ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଦେଶୀ, ବିଦେଶୀ ମଦ ଠାରୁ ଆରମ୍ଭ କରି ଗଞ୍ଜା, ବ୍ରାଉନ୍‌ସୁଗର୍, ଡ୍ରଗ୍‌ସ, ଅଫିମ, ଚରସ ପର୍ଯ୍ୟନ୍ତ ଯେତେ ପ୍ରକାରର ନିଶାଦ୍ରବ୍ୟ ସବୁର ଚେର ଏଠାକୁ ଲମ୍ବିଛି। ବିଶେଷ କରି ବ୍ରାଉନ୍‌ସୁଗର୍ କାରବାର ବାଂଲାଦେଶରୁ ପଶ୍ଚିମବଙ୍ଗ ଲାଲଗୁଲ୍ଲା, ମୁର୍ଶିଦାବାଦ ଆଦି ଅଞ୍ଚଳରୁ ଜାତୀୟ ରାଜପଥ, ଦକ୍ଷିଣପୂର୍ବ ରେଳପଥ ତଥା ଅନ୍ୟାନ୍ୟ ଓଡ଼ିଶା ସୀମାନ୍ତ ଗାଁ ଗହଳି ଗଳାରାସ୍ତା ଦେଇ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନକୁ ବାଉନ୍‌ସୁଗର୍ ଆସୁଛି, ଜଳେଶ୍ୱର ରାଜପୁର, ଝାଡ଼େଶ୍ୱପୁର, ସେକବାଡ଼, ଶାସନବାଡ଼, ପଞ୍ଚୁ ଘୁଣ୍ଟା, ଗାଁ ଏବେ ବ୍ରାଉନସୁଗର କାରବାରର ଭୂସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ। ଏ ସବୁ ଗାଁରେ ଛୋଟବଡ଼ ମିଶି ଶତାଧିକ ଅସାଧୁବ୍ୟକ୍ତି ବ୍ରାଉନ୍‌ସୁଗର ବେପାର କରୁଛନ୍ତି। ଅଧିକାଂଶ ବେପାରୀ ସେମାନଙ୍କ ପରିବାରର ପିଲାଠାରୁ ବୁଢ଼ା ଯାଏ ଏପରିକି ମହିଳାଙ୍କୁ ମଧ୍ୟ ଏହି କାରବାରରେ ଲଗାଇଛନ୍ତି। ଜଳେଶ୍ୱରର ଗଳିକନ୍ଦିରେ ଛୋଟଛୋଟ ବ୍ରାଉନ୍‌ସୁଗର୍ ପୁଡ଼ିଆ ଖୋଲାଖୋଲି ବିକ୍ରି ହେଉଛି। ହାତପାଆନ୍ତାରେ ମିଳୁଥିବାରୁ ଦିନକୁଦିନ ଜଳେଶ୍ୱର ଅଞ୍ଚଳରେ ସେବନକାରୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ସେବନକାରୀଙ୍କ ମଧ୍ୟରେ ୯୫ ପ୍ରତିଶତ ଛାତ୍ର ଓ ଯୁବକ ଥିବାବେଳେ ସମ୍ଭ୍ରାନ୍ତ ତଥା ଉଚ୍ଚଶିକ୍ଷିତ ପରିବାରର। ଜଳେଶ୍ୱରରୁ ପାଇକାରିରେ ଏହି ନିଶାଦ୍ରବ୍ୟ ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଜଗତସିଂହପୁର, ପାରାଦୀପ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାରିପଦା ଆଦି ସ୍ଥାନକୁ ଚାଲାଣ ହେଉଛି। ଜଳେଶ୍ୱରର ୨୦ରୁ ଊର୍ଦ୍ଧ୍ୱ ବ୍ରାଉନ୍‌ସୁଗର ବେପାରୀ ଏହି ବେପାରରେ ମୁନାଫା କମାଉଥିବାବେଳେ ବହୁ ପରିବାର ଏଥିଯୋଗୁଁ ଉଜୁଡ଼ିଯାଉଛି। ସେମାନଙ୍କ ନାମରେ ବିଭିନ୍ନଥାନାରେ ଏକାଧିକ ମାମଲା ରୁଜୁହୋଇଛି। କେତେଜଣଙ୍କୁ ପୁଲିସ ଓ ଅବକାରୀ ବିଭାଗ ଗିରଫ କରିଛି ଆଉ କେତେକ ଫେରାର ଅଛନ୍ତି। ସ୍ୱତନ୍ତ୍ର ଟାସ୍କଫୋର୍ସ, ପୁଲିସ ଓ ଅବକାରୀ ବିଭାଗ ସ୍କାନର୍‌ରେ ବ୍ରାଉନ୍‌ସୁଗର ବେପାରୀମାନେ ଥିଲେ ମଧ୍ୟ ସେମାନଙ୍କ ଉପରେ ଚଢ଼ଉ କରାଯାଉନାହିଁ। ଗୋମାପିଆଙ୍କ ପରି ଯଦି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ଗିରଫଦାରି ସହ ସମ୍ପତ୍ତି ଜବତ କରାଯାଆନ୍ତା, ତେବେ ବ୍ରାଉନ୍‌ସୁଗର ବେପାରରେ ରୋକ୍ ଲାଗିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏବେ ବି ବହୁ ବଡ଼ ବଡ଼ ନିଶା କାରବାର ଘଟଣାରେ ସମ୍ପୃକ୍ତ ବ୍ୟବସାୟୀ ଅବାଧରେ ସେମାନଙ୍କ ସାମ୍ରାଜ୍ୟ ବଢ଼ାଇ ଚାଲିଛନ୍ତି। କୋଭିଡ୍ ପରଠାରୁ ଜଳେଶ୍ୱର ନିଶା କାରବାର ସାରା ରାଜ୍ୟରେ ସବୁଠାରୁ ଆଗରେ ରହିଛି। ସାଧାରଣରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜଳେଶ୍ୱର ପୁଲିସର କୌଣସି ଆଖି ଦୃଶିଆ ପଦକ୍ଷେପ ନାହିଁ। ସାଧାରଣରେ ଆଲୋଚନା ଯେ ଜଳେଶ୍ୱର ନିଶା ବେପାରୀ ଓ ଜଳେଶ୍ୱର ପୁଲିସ ମଧ୍ୟରେ ଏକ ମଧୁଚନ୍ଦ୍ରିକା ଚାଲିଛି। ପୂର୍ବରୁ ମଧ୍ୟ ଜଣେ ଜଳେଶ୍ୱର ଥାନାର ପୁଲିସ ଅଧିକାରୀ ନିଶା କାରବାରରେ ସଂପୃକ୍ତ ଥିବାରୁ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ କିଛି ବର୍ଷ ନିଶା କାରବାର ରୋକ୍ ଲାଗିଥିଲା କିନ୍ତୁ ଏବେ ଏହି ନିଶା କାରବାର ପୁଣି ଉପର ମୁହାଁ କାହା ସ୍ୱାର୍ଥରେ ବୃଦ୍ଧି ପାଇଛି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ନଚେତ୍ ଜଳେଶ୍ୱରରେ ନିଶା କାରବାର କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି।



# ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କୃତ

ବଡ଼ଚଣା, ୨୬।୪(ସମିସ): ବଡ଼ଚଣା ବ୍ଲକର କେତେକ କାର୍ଯ୍ୟକର୍ତ୍ତାଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କାର କରାଯାଇଛି। ଏନେଇ ବ୍ଲକ ସଭାପତି ତାପସଚନ୍ଦ୍ର ରାୟ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଅରଖପୁର ପଞ୍ଚାୟତ ସରପଞ୍ଚ ପୁଷ୍ପଲତା ସିଂ ଓ ତାଙ୍କ ସ୍ୱାମୀ ଗୌତମ ସିଂ ସମିତିସଭ୍ୟା ରଶ୍ମିତା ଦାସ ଓ ତାଙ୍କ ସ୍ୱାମୀ ମଳୟ କୁମାର ସିଂଙ୍କୁ ବିଜୁ ଜନତା ଦଳରୁ ନିଲମ୍ବିତ କରାଯାଇଛି। ଉକ୍ତ ପଞ୍ଚାୟତର ଅର୍ଥନୈତିକ ହେରଫେର ଓ ଅନୈତିକ କାର୍ଯ୍ୟକଳାପ ତଥା ଦଳ ବିରୋଧୀ କାର୍ଯ୍ୟ ପ୍ରମୁଖ କାରଣ ଦର୍ଶାଯାଇଛି।

# ପଞ୍ଚାୟତରେ ଗୁରୁତ୍ୱ ହରାଉଛନ୍ତି ଦଳଡ଼ିଆଁ ନେତା

କୟାଁଗୋଲା, ୨୬।୪(ସମିସ): ଆଗକୁ ଆସୁଛି ପଞ୍ଚାୟତ ନିର୍ବାଚନ। ଯାଜପୁର ଜିଲ୍ଲା ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ଥିବା ପଞ୍ଚାୟତଗୁଡ଼ିକରେ ସରକାର ବଦଳିଥିବାକୁ ଲକ୍ଷ୍ୟ କରି କିଛି ନେତା ଦଳଡ଼ିଆଁ କରିଥିଲେ। ଯେଉଁମାନେ ଆଜି ଅଲୋଡ଼ା ହୋଇ ପଡ଼ିଥିବା ଜଣାପଡୁଛି। ନିଜ ଦଳରେ ଥିବା ବେଳେ ସେମାନଙ୍କୁ ଯେଉଁ ସୁବିଧା, ଗୁରୁତ୍ୱ ମିଳୁଥିଲା ତାହା ଆଉ ନାହିଁ। ନୂତନ ଦଳରେ ଏହି ନେତାମାନେ ଅଲୋଡ଼ା ହୋଇ ପଡ଼ିଥିବା ବେଳେ ସେମାନଙ୍କ ରାଜନୈତିକ ଭବିଷ୍ୟତ ସଙ୍କଟ ଘେରକୁ ଚାଲି ଆସିଛି। ରାଜ୍ୟରେ ବିଜେପି ଶାସନ ଗାଦିରେ ଥିବା ବେଳେ ସେମାନଙ୍କୁ ସହଜ ମନେ କରିପାରୁ ନାହାଁନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଓ ପରେ କିଛି ହେଭିୱେଟ ନେତା ଦଳ ଛାଡି ଅନ୍ୟ ଦଳରେ ମିଶିଥିଲେ। ଏହି ମିଶ୍ରଣକୁ ଅଧିକ ପ୍ରଚାରଭିମୁଖୀ କରିବାକୁ କିଏ ରାଜଧାନୀ ପାର୍ଟି କାର୍ଯ୍ୟାଳୟରେ ତ କିଏ ଜିଲ୍ଲା କାର୍ଯ୍ୟାଳୟରେ ଅବା କିଏ ସଭାମଞ୍ଚରେ ତ ଆଉ କେହି ନିର୍ବାଚନ ପ୍ରଚାର ମଞ୍ଚରେ ଯୋଗ ଦେଇଥିଲେ। ସେତେବେଳେ ଏହି ଦଳଡ଼ିଆଁ ନେତାଙ୍କ ଗୁରୁତ୍ୱ ବଢିଥିଲା; କିନ୍ତୁ ବର୍ତ୍ତମାନ ସେହି ଦଳଡ଼ିଆଁ ନେତାଙ୍କୁ କମ୍ ଦେଖିବାକୁ ମିଳୁଥିବା ବେଳେ ସେହି ନେତା ସବୁ ଅଲୋଡ଼ା ହୋଇ ପଡ଼ିଥିବା ଯାହା ଅନୁମାନ କରାଯାଉଛି। ଗୁରୁତ୍ୱ ମିଳୁନଥିବା କାରଣରୁ ଅଧିକାଂଶ ଦଳଡ଼ିଆଁ ନେତା ମନମାରି ବସିଛନ୍ତି। ପଞ୍ଚାୟତରେ କିଛି ନେତା ପଦ ପଦ ଓ ଦାୟିତ୍ୱ ପାଇଁ ଦଳ ପରିବର୍ତ୍ତନ କରିଥିଲେ। ନିର୍ବାଚନ ସ୍ୱାର୍ଥକୁ ଲକ୍ଷ୍ୟ କରି ଦଳରେ ସେମାନଙ୍କୁ ସାମିଲ କରାଯାଇଥିଲା ମାତ୍ର ଶତ ପ୍ରତିଶତ ସହମତ ଏମାନଙ୍କ ସହ ନଥିଲା। ଯାହାଦ୍ୱାରା ଦଳଡ଼ିଆଁ ନେତାମାନଙ୍କ ଗୁରୁତ୍ୱ କମିଯାଉଥିବା ଜଣାପଡ଼ିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହି ଦଳଡ଼ିଆଁ ନେତାମାନଙ୍କ ପ୍ରଭାବକୁ ନେଇ ସଂଶୟ ରହିଛି।

# ଠାକୁରପାଟଣାରେ ଜଳିଗଲା ୬ ବଖରା



ପାଣିକୋଇଲି, ୨୬।୪(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତର ଠାକୁରପାଟଣା ଗ୍ରାମରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ଜଳିଯିବା ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର ନିର୍ଦ୍ଦିଷ୍ଟ କାରଣ ଜଣା ପଡ଼ି ନଥିବା ବେଳେ ସର୍ଟସର୍କିଟ ବା ଚୁଲି ନିଆଁରୁ ନିଆଁ ଲାଗିଥିବା ନେଇ ଆଲୋଚନା ହେଉଛି। ପ୍ରକାଶ ଯେ ଠାକୁରପାଟଣା ଗ୍ରାମର ନରେନ୍ଦ୍ର ମାଝିଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ପ୍ରବଳ ରୌଦ୍ରତାପ ଯୋଗୁଁ ନିଆଁ ଲିଭାଇବା ସମ୍ଭବ ହୋଇ ନଥିଲା। ଖବରପାଇ ଯାଜପୁରରୋଡ, ଦାନଗଦି ଓ ରସୁଲପୁର ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ୬ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଛି। ନିଆଁରେ ସବୁ କିଛି ପୋଡ଼ି ଛାରଖାର ହୋଇଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ଗୁରୁତର

ବ୍ରହ୍ମବରଦା, ୨୬।୪(ସମିସ): ବରୁଆଁ-କୃଷ୍ଣଦାସପୁର ମୁଖ୍ୟରାସ୍ତାର ବ୍ରହ୍ମବରଦା କଲେଜ ରୋଡ ବାଲିଆ ଘାଇ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଧର୍ମଶାଳା ଥାନା ଅନ୍ତର୍ଗତ ବଡନଅନାଙ୍ଗରା ନାଳକୂଳ ଗ୍ରାମର ନିର୍ମଳ ମଲ୍ଲିକ (୨୭)। ନିର୍ମଳ ନିଜ ଗ୍ରାମ ନାଳକୂଳରୁ ବ୍ରହ୍ମବରଦାକୁ ନିଜ ବାଇକ ଯୋଗେ ଯାଉଥିବା ସମୟରେ ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଆପାଚି ବାଇକ ଧକ୍କା ଦେଇଥିଲା। ଫଳରେ ନିର୍ମଳଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ନିର୍ମଳଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଆପାଚି ଚାଳକ ଧର୍ମଶାଳା ଥାନା ବଜ୍ରଗିରି ଅଞ୍ଚଳର ବୋଲି କୁହାଯାଉଛି।

# ଜେନାପୁର ଥାନା, ରେଳଷ୍ଟେସନ ରାସ୍ତା ଶୋଚନୀୟ

କବାଟବନ୍ଧ,୨୬।୪ (ସମିସ)



ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଅବସ୍ଥା ଏମିତି ଖରାପ ହୋଇଛି ଯେ ସାଇକଲ, ମୋଟର ସାଇକଲ ଯିବା ଆସିବାରେ ବହୁ ଅସୁବିଧା ହେଉଥିବା ବେଳେ ପାଦରେ ଚାଲିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ଜାରକା-କବାଟବନ୍ଧ ନଦୀବନ୍ଧ ରାସ୍ତାରୁ ଜେନାପୁର ଥାନା ଏବଂ ରେଳ ଷ୍ଟେସନକୁ ସଂଯୋଗ କରୁଥିବା ଏହି ରାସ୍ତା ଦୀର୍ଘ ଦିନ ଧରି ଶୋଚନୀୟ ଅବସ୍ଥାରେ ରହିଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି। ଯାହାକୁ ନେଇ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକତା ଦୃଷ୍ଟିରୁ ଏହି ରାସ୍ତା ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣଙ୍କ ନିତିଦିନିଆ ଜୀବନରେଖା ଅଟେ। ଦୈନିକ ହଜାର ହଜାର ସଂଖ୍ୟାରେ ଲୋକମାନେ ବିଭିନ୍ନ କାମ ପାଇଁ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ଜେନାପୁର ରେଳ ଷ୍ଟେସନ ଏବଂ ଥାନା ପାଇଁ ଏଣ୍ଡଳବା, ରେଖିଦେଇପୁର, ତାଳଜଙ୍ଗ, ରାଇଛନ୍ଦା, କବାଟବନ୍ଧ, ମର୍ଜିତାପୁର, ମଧୁସୂଦନ ପୁର, ବୃନ୍ଦାଦେଇପୁର ପଞ୍ଚାୟତ ସମେତ ଅନ୍ୟାନ୍ୟ ଲୋକମାନେ ବିଭିନ୍ନ କାମ ପାଇଁ ଆସିଥାନ୍ତି। ଦୈନିକ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜେନାପୁର ରେଳ ଷ୍ଟେସନକୁ ଶହ ଶହ ସଂଖ୍ୟାରେ ଯାତ୍ରୀ ଏବଂ ବ୍ୟବସାୟୀମାନେ ଯିବାଆସିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହାସହିତ ଜେନାପୁର ରାଜସ୍ୱ କାର୍ଯ୍ୟାଳୟକୁ ଯିବାଆସିବା ପାଇଁ ମଧ୍ୟ ଏହି ରାସ୍ତା ଲୋକଙ୍କ ପାଇଁ ଜରୁରୀ ଅଟେ। ବିଭିନ୍ନ ଘରୋଇ ସ୍କୁଲ ସହିତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ଏହି ଅଞ୍ଚଳରେ ରହିଛି। ତେଣୁ ଲୋକମାନଙ୍କ ଯିବା ଆସିବା ପାଇଁ ଏହି ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**ହେଉନି ରକ୍ଷଣାବେକ୍ଷଣ, ଯାତାୟାତ ବାଧାପ୍ରାପ୍ତ: ବଢୁଛି ଅସନ୍ତୋଷ**

ପିଚୁ ଉଠିଯିବା ପରେ ଉକ୍ତ ରାସ୍ତାରେ ବଡ଼ ବଡ଼ ମେଟାଲ ଏବଂ ଚିପ୍ସରେ ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ଅବସ୍ଥାରେ ରହିଛି। ବିଭାଗୀୟ ଅଧିକାରୀ ଏହାର ରକ୍ଷଣାବେକ୍ଷଣ ଏବଂ ମରାମତି କାର୍ଯ୍ୟ କରି ନ ଥିବାରୁ ଏହା ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଉକ୍ତ ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ଘଟି ଯାତ୍ରୀମାନେ ଆହତ ହେଉଛନ୍ତି। ରାତି ସମୟରେ ଯାତାୟାତ କଥା ନ କହିବା ଭଲ; ବିଶେଷ କରି ଟ୍ରେନ ଯାତ୍ରା କରି ରାତିରେ ଏହି ରାସ୍ତା ଦେଇ ଫେରୁଥିବା ଲୋକମାନେ ବହୁ ଭୟଭୀତ ହୋଇ ଯିବାଆସିବା କରୁଛନ୍ତି। ରାସ୍ତା ଉପରେ ଗୋଡ଼ି ଆବରଣ ରହି ଥିବାରୁ ଚକା ଖସିଯାଇ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତା ନିର୍ମାଣ ସମୟରେ ଠିକାଦାରଙ୍କ ଅବହେଳା ଏବଂ ନିମ୍ନମାନର ସାମଗ୍ରୀ ଯୋଗୁଁ ନିର୍ମାଣର ମାତ୍ର ଅଳ୍ପ ବର୍ଷ ମଧ୍ୟରେ ଏହି ରାସ୍ତା ଶୋଚନୀୟ ହୋଇଛି। ଅନ୍ୟପକ୍ଷରେ ନିମ୍ନମାନର କାମ ଯୋଗୁଁ ଗତ ବର୍ଷା ଋତୁରେ ପ୍ରବଳ ବର୍ଷା ପାଇଁ ଏହାର ଅବସ୍ଥା ଆହୁରି ଶୋଚନୀୟ ହୋଇ ପଡିଥିବା ଲୋକେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଏହି ରାସ୍ତାର ମରାମତି କରିବା ପାଇଁ ଦାବି ହୋଇଛି।

● କୁମ୍ଭୀରାଗାଡ଼ିଆରେ 'ରବୀନ୍ଦ୍ର ସ୍ମୃତି ପରିଷଦ' ଗଠିତ

# ସ୍ମରଣିକା 'ଅସ୍ତମିତ ରବି' ଉନ୍ମୋଚନ ନିଷ୍ପତ୍ତି

ଯଖପୁରା, ୨୬।୪(ସମିସ): କଳିଙ୍ଗନଗରସ୍ଥିତ କୁମ୍ଭୀରାଗାଡ଼ିଆ ଫାର୍ମ ହାଉସ୍‌ରେ ରବିବାର ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ମହନୀୟ କାର୍ଯ୍ୟଧାରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଏହି ବୈଠକରେ 'ରବୀନ୍ଦ୍ର ସ୍ମୃତି ପରିଷଦ' ନାମକ ଏକ ସଂଗଠନ ଗଠନ କରାଯାଇଛି। ଶିକ୍ଷାବିତ୍ ହୃଷୀକେଶ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ସାହୁଙ୍କ ସମାଜସେବା ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ସର୍ବସମ୍ମତିକ୍ରମେ ପରିଷଦର ଏକ ପରିଚାଳନା କମିଟିରେ ହୃଷୀକେଶ ପୃଷ୍ଟିଙ୍କୁ ସଭାପତି, ସଞ୍ଜୟ କୁମାର ପଟ୍ଟଙ୍କୁ ଉପସଭାପତି, ନୀଳଧ୍ୱଜ ସାହୁଙ୍କୁ ସମ୍ପାଦକ ଏବଂ ହୃଷୀକେଶ ଦାସଙ୍କୁ କୋଷାଧକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ଅବସରରେ ସ୍ୱର୍ଗତ ରବୀନ୍ଦ୍ର କୁମାର ସାହୁଙ୍କ ଜୀବନୀ ଓ କୃତିକୁ ନେଇ 'ଅସ୍ତମିତ ରବି' ନାମକ ଏକ ସ୍ମରଣିକା ପତ୍ରିକା ପ୍ରକାଶ କରିବାକୁ ସ୍ଥିର କରାଯାଇଛି। ଏଥିପାଇଁ ଏକ ସମ୍ପାଦନାମଣ୍ଡଳୀ ଗଠନ କରାଯାଇଛି, ଯେଉଁଥିରେ ମୁଖ୍ୟ ସମ୍ପାଦକ ଭାବେ ଯୋଗେନ୍ଦ୍ର ସାହୁ ଏବଂ ସହସମ୍ପାଦକ ଭାବେ ବଳରାମ ଆଇଚ, ନୀଳଧ୍ୱଜ ସାହୁ, ନକୁଳଚନ୍ଦ୍ର ତରାଇ, କୁଳମଣି ଦାସ, ଲକ୍ଷ୍ମୀଧର ବାରିକ ଏବଂ ହୃଷୀକେଶ ଦାସ ପ୍ରମୁଖ ରହିଛନ୍ତି। ଏହି ସ୍ମରଣିକାରେ ସ୍ୱର୍ଗତ ସାହୁଙ୍କ କୃତିତ୍ୱ, ଶିକ୍ଷାବିତ୍ ଭାବେ ତାଙ୍କର ଅବଦାନ, ସାହିତ୍ୟିକ ରୁଚି ଏବଂ ସମାଜସେବା ସମ୍ପର୍କିତ ବିଭିନ୍ନ ପ୍ରବନ୍ଧ ଓ ସ୍ମୃତି କଥା ସ୍ଥାନ ପାଇବ। ପରିଷଦର ଉପଦେଷ୍ଟାମଣ୍ଡଳୀରେ ବିଶ୍ୱମ୍ଭର ବିଶ୍ୱାଳ, ଧନଞ୍ଜୟ ନାୟକ, କୈଳାସଚନ୍ଦ୍ର ଆଇଚ, ଦେବେନ୍ଦ୍ର କୁମାର ସାହୁ, ଧନେଶ୍ୱର ଦାସ, ଗୌରାଙ୍ଗ ଚରଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ଖିଲାର ଏବଂ ରବିନାରାୟଣ ଖିଲାରଙ୍କୁ ସାମିଲ କରାଯାଇଛି।



# ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ପାଣିକୋଇଲି, ୨୬।୪(ସମିସ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମରେ ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ କଳସବୁଡା, ଭୂମିପୂଜା, ଗୋପୂଜା ଆଦି କରାଯିବା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ରଂଜନ ଦାଶ (କାଳିଆ) ଓ ଇନ୍ଦ୍ରମଣି ପତି ଯୋଗଦେଇଥିବା ବେଳେ କର୍ତ୍ତା ଭାବେ ପର୍ଶୁରାମ ନାୟକ ଓ ରଶ୍ମିତା ନାୟକ ଯୋଗଦେଇଥିଲେ। ସହକର୍ତ୍ତା ଭାବେ ପ୍ରଫୁଲ୍ଲ ବେହେରା, ବିକ୍ରମ ସାହୁ, ସଂଗ୍ରାମ ପ୍ରତାପ ଜେନା, ରାମଚନ୍ଦ୍ର ନାୟକ, ଭଗବାନ ନାୟକ, ଦୀପ୍ତିରଂଜନ ସାହୁ, ରାକେଶ ଜେନା ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞ ପରେ ପୂର୍ଣ୍ଣାହୂତିରେ ଗ୍ରାମର ସମସ୍ତ ଗ୍ରାମବାସୀ ଯୋଗଦେଇଥିଲେ। ପରେ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଗ୍ରାମର ସମସ୍ତ ଯୁବବର୍ଗ ସହଯୋଗ କରିଥିଲେ।

# ଜେପିଏଲ୍ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଯାଜପୁର, ୨୬।୪(ସମିସ): ଯାଜପୁର ବ୍ଲକ ପଡ଼ିଆରେ ରକ ଫ୍ୟାମିଲି ପକ୍ଷରୁ ଯାଜପୁର ପ୍ରିମିୟର ଲିଗ ନାଇଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଚିତ୍ତରଞ୍ଜନ ବେହୁରିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ନବୀନ ପଟ୍ଟନାୟକ କ୍ରୀଡ଼ାକୁ ସବୁବେଳେ ପ୍ରୋତ୍ସାହନ ଯୋଗାଇ ଆସୁଥିଲେ, ସେଥିପାଇଁ ଆଜି ରାଜ୍ୟରେ ଅନେକ କ୍ରୀଡ଼ାବିତ ସୃଷ୍ଟି ହୋଇପାରିଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଣବ ନିଜେ ବ୍ୟାଟିଂ କରିବା ସହ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡା, ଅଶୋକ ଦାସ ଫାଉଣ୍ଡେସନର ଅଧକ୍ଷ ଭବପ୍ରସାଦ ଦାସ, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳ, ଜିଲ୍ଲା ବିଜେଡି ଉପସଭାପତି ଗଣେଶ ମହାକୁଡ ପ୍ରମୁଖ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ଦୁଇ ଦିନ ଧରି ଚାଲିବାକୁ ଥିବା ବେଳେ ଏଥିରେ ଯାଜପୁର, ଭଦ୍ରକ, କେନ୍ଦ୍ରପଡା ସମେତ ବିଭିନ୍ନ ଜିଲ୍ଲାର ୧୬ଟି ଦଳକୁ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ୫୦ ହଜାର, ରନର୍ସଅପ ଦଳ ପାଇଁ ୩୦ ହଜାର ଟଙ୍କା ଆର୍ଥିକ ରାଶି ସହ ଟ୍ରଫି ରଖାଯାଇଛି। ୫ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟକୁ ଉପଭୋଗ କରିବାକୁ ଆଖପାଖରୁ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ବଗିରିଆ ପାକ୍ସରେ ବେଆଇନ ଦାୟିତ୍ୱ ହସ୍ତାନ୍ତର ମସୁଧା

ପାଣିକୋଇଲି, ୨୬।୪ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତସ୍ଥିତ ବଗିରିଆ ପ୍ରାଥମିକ କୃଷି ସମବାୟ ସମିତିଃ(ପାକ୍ସ)ର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ସୁଦର୍ଶନ ମଲ୍ଲିକ କାର୍ଯ୍ୟରତ ଅଛନ୍ତି। ଚଳିତ ଏପ୍ରିଲ ମାସ ୩୦ ତାରିଖରେ ସେ ଅବସର ଗ୍ରହଣ କରିବେ। ଅବସରର ଯଥେଷ୍ଟ ପୂର୍ବରୁ ଚକ୍ରାନ୍ତକତା କରି ପାକ୍ସର ପରିଚାଳନା କମିଟିକୁ ପ୍ରଭାବିତ କରିବା ସହ ତାଙ୍କ ପୁତ୍ର ଦେବାଶିଷ ମଲ୍ଲିକଙ୍କୁ ସହକାରୀ ସମ୍ପାଦକ ଭାବେ ଦାୟିତ୍ୱ ହସ୍ତାନ୍ତର କରିବାର ମସୁଧା ଚଳାଇଥିବା ପାକ୍ସର ଶତାଧିକ ସଭ୍ୟଙ୍କ ଦ୍ୱାରା ଅଭିଯୋଗ କରାଯାଇଛି। ପୂର୍ବରୁ ଶ୍ରୀ ମଲିକ ତାଙ୍କ ସମ୍ପାଦକ କାର୍ଯ୍ୟକାଳ ମଧ୍ୟରେ କରିଥିବା ବିଭିନ୍ନ ବେଆଇନ କାର୍ଯ୍ୟ ଏବଂ ଆର୍ଥିକ ହେରଫେରକୁ ଚପାଇବା ସହ ନିଜକୁ ସୁରକ୍ଷିତ ରଖିବା ପାଇଁ ଏହି ମସୁଧା ଚଳାଇଥିବାର ଅଭିଯୋଗରେ ଦର୍ଶାଯାଇଛି। ଯେହେତୁ ସେ ସମ୍ପାଦକ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସିଛନ୍ତି ଅର୍ଥ ପ୍ରଲୋଭନରେ ସମସ୍ତ କାର୍ଯ୍ୟକୁ ସୁରୁଖୁରୁରେ କରିପାରିବେ ବୋଲି ସର୍ବସମ୍ମୁଖରେ ପ୍ରକାଶ କରୁଥିବାର ଅଭିଯୋଗ ହୋଇଛି। ଅଭିଯୋଗକୁ ବିଚାରକୁ ନେଇ ବଗିରିଆ ପାକ୍ସର ନିର୍ବାହୀ ଅଧିକାରୀଙ୍କୁ ଆଗୁଆ ଛୁଟିରେ ରହିବା ପାଇଁ ନିର୍ଦ୍ଦେଶ ଦେବା ସହ ଦାୟିତ୍ୱ ହସ୍ତାନ୍ତର ନକରିବାକୁ ସମବାୟ ସମିତିର ଉପନିବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

**ସମବାୟ ସମିତି ଉପନିବନ୍ଧକଙ୍କୁ ସଭ୍ୟଙ୍କ ଅଭିଯୋଗ**

ଅଭିଯୋଗର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଯାଜପୁର ଜିଲ୍ଲାପାଳ ଓ କୋରେଇ ବିଧାୟକଙ୍କ ନିକଟରେ ଆବେଦନ କରାଯାଇଛି। ପାକ୍ସର ସଦସ୍ୟ ସଂଜୟ କୁମାର ସାହୁ, ବସନ୍ତ କୁମାର ପତ୍ରୀ, ନକୁଳ ସେଠୀ, ବସନ୍ତ ପଣ୍ଡା, ସୁଧାଂଶୁ ମହାପାତ୍ର, ତପନ ରାଉତ, ଅଭିରାମ ପତ୍ରୀ, ପ୍ରଣୟ ମହାପାତ୍ର ସୁବଳ ସେନାପତି, ଅମୂଲ୍ୟ କୁମାର ସାହୁ, ମନୋରଂଜନ ପଣ୍ଡା, ଦେବବ୍ରତ ଦାଶ କଳାକାର ବେହେରା, ଲକ୍ଷ୍ମୀଧର ବିଶ୍ୱାଳ, ସୁରେନ୍ଦ୍ର ସ୍ୱାଇଁ, ବିଷ୍ଣୁଚରଣ ଦାସଙ୍କ ସମେତ ଶତାଧିକ ସଦସ୍ୟ ଅଭିଯୋଗ କରିଛନ୍ତି।

# ସ୍ତ୍ରୀକୁ ପୋଡ଼ି ମାରିବା ଘଟଣାରେ ଅଭିଯୁକ୍ତ ସ୍ୱାମୀ କୋର୍ଟ ଚାଲାଣ

ଦାନଗଦି, ୨୬।୪(ସମିସ): କଳିଙ୍ଗନଗର ଥାନା ପିଙ୍ଗଲ ଗ୍ରାମରେ ଗତ ୧୭ ତାରିଖ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୁଲିସ। ଅଭିଯୁକ୍ତ ସ୍ୱାମୀ ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ବଡ଼ପିଙ୍ଗଲ ଗ୍ରାମର ଧର୍ମରାଜ ଦାସ ଓରଫ (କୁଲୁ)କୁ କୋର୍ଟର୍ ଚାଲାଣ କରାଯାଇଛି। ଏନେଇ କେସ ନମ୍ବର ୧୦୫/୨୦୨୬ରେ ଦଫା ୮୦/୧୦୩/୩୫୧/(୩), ୩(୫) ବିଏନ ଏସ ସେକ୍ସନ ୪ଡ଼ିପି ଆକ୍ଟରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ସୁକିନ୍ଦା ଥାନା ଅନ୍ତର୍ଗତ ସିଙ୍ଗାଡ଼ିଆ ଗ୍ରାମର ପବନା ଦାସଙ୍କ ସାନଝିଅ ସିଲି ଦାସଙ୍କୁ (୨୫) ଧର୍ମରାଜ ଗତ ଫେବୃୟାରୀ ୨୦ ତାରଖରେ ବିବାହ କରିଥିଲା। ଦାବି ଅନୁଯାୟୀ ଯୌତୁକ ନ ଦେଇ ଶାଶୂଘର ଲୋକେ ସିଲିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ସିଲି ବ୍ୟବହାର କରୁଥିବା ଗହଣା ସବୁକୁ ଧର୍ମରାଜ ବ୍ୟାଙ୍କରେ ବନ୍ଧା ପକାଇ ୩ ଲକ୍ଷ ୫୦ ହଜାର ଟଙ୍କା ଋଣ ଆଣିଥିଲେ ଯାହାକି ସିଲି ଏହାକୁ ବିରୋଧ କରୁଥିଲେ। ଗତ ୧୭ ତାରିଖ ରାତିରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ଏଥିରେ ଉତ୍ୟକ୍ତ ହୋଇ ସ୍ୱାମୀ ଧର୍ମରାଜଙ୍କ ସମେତ ଅନ୍ୟ ପରିବାର ଲୋକେ ମିଶି ତାକୁ ନିଆଁ ଲଗାଇ ହତ୍ୟା କରିଥିବା ସିଲିର ବାପା ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରଠାରୁ ଧର୍ମରାଜ ଫେରାର ଥିବା ବେଳେ ଶନିବାର ଖବର ପାଇ ପୁଲିସ ତାକୁ ଗିରଫ କରିଛି। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

# ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୨ତମ ବାର୍ଷିକ ସମାବର୍ତ୍ତନ



ଧର୍ମଶାଳା, ୨୬।୪(ସମିସ)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ଼କ୍ଟର ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ଼କ୍ଟର ଗୌରହରି ଦାସ, ମୁଖ୍ୟବକ୍ତା ଭାବେ ଡ଼କ୍ଟର ସତ୍ୟପ୍ରିୟ ମହାଳିକ ଏବଂ ଡ଼କ୍ଟର ଗୁରୁଚରଣ ବେହେରା, ପ୍ରଫେସର ପ୍ରସନ୍ନ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଣିଷ ଠାକୁର ପୂଜାକୁ ଗୁରୁତ୍ୱ ଦେଉଛି ହେଲେ ମଣିଷକୁ ଭଲ ପାଉନାହିଁ। ଅନ୍ୟ ମୁହଁରେ ହସ ଫୁଟାଇବା ସାହିତ୍ୟର ଧର୍ମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡ଼କ୍ଟର ଗୌରହରି ଦାସଙ୍କୁ ଗୋକର୍ଣ୍ଣିକା ସାହିତ୍ୟ ସମାଜର ମର୍ଯ୍ୟାଦାଜନକ "ଗୋକର୍ଣ୍ଣିକା ପୁରସ୍କାର ଓ ଅର୍ଥରାଶି, ପ୍ରଫେସର ଗୁରୁଚରଣ ବେହେରାଙ୍କୁ ପ୍ରାବନ୍ଧିକ ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର, ପ୍ରଫେସର ପ୍ରସନ୍ନ କୁମାର ମିଶ୍ରଙ୍କୁ ନାଟ୍ୟକାର ବଂଶୀଧର ଶତପଥୀ ସ୍ମୃତି ପୁରସ୍କାର, ଗୋକର୍ଣ୍ଣିକା ବିଷୁବ କଥା ସମ୍ମାନ ଡକ୍ଟର ସତ୍ୟପ୍ରିୟ ମହାଳିକ, ଗୋକର୍ଣ୍ଣିକା ସମାଜସେବୀ ସମ୍ମାନ ସମାଜସେବୀ ମିନତୀ ସାହୁ, ଗୋକର୍ଣ୍ଣିକା ପ୍ରବନ୍ଧ ସମ୍ମାନ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଗୋକର୍ଣ୍ଣିକା ବିଷୁବ ପ୍ରବନ୍ଧ ସମ୍ମାନ ସଂଘମିତ୍ରା ଭଞ୍ଜ, ଗୋକର୍ଣ୍ଣିକା ପ୍ରବନ୍ଧ ସମ୍ମାନ ଡ଼କ୍ଟର ଜ୍ଞାନୀଦେବାଶିଷ ମିଶ୍ର, ଡ଼କ୍ଟର ଦେବୀପ୍ରସାଦ ଶତପଥୀ, ଗୋକର୍ଣ୍ଣିକା ବିଷୁବ କବିତା ସମ୍ମାନ କବି କମଳ କୁମାର ମହାନ୍ତି, କବି ନୃସିଂହ ତରାଇ, କବି ବୃନ୍ଦାବନ ଦାସ, ଗୋକର୍ଣ୍ଣିକା ବିଷୁବ ଗଳ୍ପ ସମ୍ମାନ ଡ଼ ଜୟନ୍ତୀ ସାହୁ, ପତ୍ରିକା ସମ୍ପାଦନା ସମ୍ମାନ ଭୁବନ ମୋହନ ମହାନ୍ତି, ଟୀକାୟତ ସପ୍ତାଜୀର୍ସ ଟ୍ରଷ୍ଟ କୁନି ପ୍ରତିଭା ସମ୍ମାନ ବାଦଲ ନାୟକ, ଶ୍ରୀଭାଷ ସମଦର୍ଶୀ, ସୁଶ୍ରୀ ପ୍ରତିସ୍ୱନୀ ପ୍ରିୟଦର୍ଶିନୀଙ୍କୁ ପ୍ରଦାନ କରାଯାଇଛି। ଡ଼କ୍ଟର ରମାକାନ୍ତ ଜେନାଙ୍କ ପ୍ରବନ୍ଧ ପୁସ୍ତକ "ବିବିଧ ବିମର୍ଶ', ଡ଼କ୍ଟର ରଶ୍ମିରାଣୀ ଦାସଙ୍କ ଗବେଷଣା ପୁସ୍ତକ "ନାରାୟଣ ସାହୁଙ୍କ ନାଟକ ଉତର ଆଧୁନିକତା' ଓ କବି ନୃସିଂହ ତରାଇଙ୍କ କବିତା ପୁସ୍ତକ ପ୍ରଶ୍ନକାଳ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପ୍ରାରମ୍ଭରେ ଡ଼କ୍ଟର ମହେଶ୍ୱର ପାଢ଼ୀ ଅତିଥି ଆମନ୍ତ୍ରଣ କରିଥିବା ବେଳେ ପଣ୍ଡିତ ବ୍ରଜକିଶୋର ଦାଶ ଶ୍ଳୋକାବୃତ୍ତି କରିଥିଲେ। ଏହି ଅବସରରେ ସ୍ୱାଗତ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଡ଼କ୍ଟର ରୁଦ୍ରନାରାୟଣ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ଡ଼କ୍ଟର ଇନ୍ଦୁପ୍ରଭା ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଶୀତଳ ଷଷ୍ଠୀ ପାଇଁ ଚନ୍ଦନେଶ୍ୱର ମନ୍ଦିରରେ ପ୍ରସ୍ତୁତି

କୁଆଖିଆ, ୨୬।୪(ସମିସ): ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ଅନ୍ତର୍ଗତ ଡିହ କୁରାଂଶ ଗ୍ରାମର ପ୍ରଭୁ ଶ୍ରୀ ଚନ୍ଦନେଶ୍ୱରଙ୍କ ପୀଠରେ ମନ୍ଦିର ପରିଚାଳନା କମିଟିର ଏକ ବୈଠକ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦୨୬ ବର୍ଷ ନିମନ୍ତେ ଶୀତଳଷଷ୍ଠୀ ପର୍ବ ମହାସମାରୋହରେ ଅନୁଷ୍ଠିତ ହେବାପାଇଁ ଗତ ୧୧/୦୪/୨୦୨୬ରେ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନିକଟସ୍ଥ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କମିଟି ତରଫରୁ ସମସ୍ତ ବନ୍ଦୋବସ୍ତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଶିବ ବିବାହ ଉତ୍ସବରେ ବରପିତା ସ୍ଥିର ହୋଇସାରିଛି। କନ୍ୟାପିତା ପାଇଁ ଇଚ୍ଛୁକ ଭକ୍ତ ଆସନ୍ତା ୦୯/୦୫/୨୦୨୬ ମଧ୍ୟରେ କମିଟିର ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ନିକଟରେ ଆବେଦନ କରିବା ପାଇଁ ପରିଚାଳନା କମିଟି ତରଫରୁ ଜଣାଇ ଦିଆଯାଉଛି। ଏହି କାର୍ଯ୍ୟରେ ସମସ୍ତଙ୍କ ସାହାଯ୍ୟ ସହଯୋଗ କାମନା କରାଯାଇଛି। ବୈଠକରେ କର୍ମକର୍ତ୍ତା ରବୀନ୍ଦ୍ର କୁମାର ମିଶ୍ର, ଦୈତାରୀ ଜେନା, ଅଜୟ ମଲ୍ଲିକ, ଲକ୍ଷ୍ମୀଧର ରାଉତ, କାର୍ତ୍ତିକଚନ୍ଦ୍ର ସାହୁ, ଆନନ୍ଦ ମଲ୍ଲିକ, ଅକ୍ଷୟ ରାଉତ, ଆନନ୍ଦ ସାହୁ, ପୁରୁଷୋତ୍ତମ ପଣ୍ଡାଙ୍କ ସମେତ ବହୁ ପୂଜକମଣ୍ଡଳୀ ଏବଂ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଆମେ ପରସ୍ପରର ପରିପୂରକ ବୋଲି ଭୁଲି ଯାଇଥିବାରୁ ବିଶ୍ୱରେ ଶାନ୍ତି ବ୍ୟାହତ ହେଉଛି।
-ମଦର ଟେରେସା

## ଭାଗ୍ୟ ବନାମ ଦକ୍ଷତା ବିତର୍କ

ଭାରତରେ ବହୁପ୍ରତୀକ୍ଷିତ ଅନ୍‌ଲାଇନ୍ ଗେମ୍(ପ୍ରୋତ୍ସାହନ ଓ ନିୟନ୍ତ୍ରଣ) ଆଇନ୍‌କୁ ଆସନ୍ତା ମେ' ପହିଲାରୁ କାର୍ଯ୍ୟକାରୀ କରିବା ଲାଗି ଗତ ସପ୍ତାହରେ ନିୟମାବଳୀ ବିଜ୍ଞପ୍ତି ପ୍ରକାଶ ପାଇଛି। କିନ୍ତୁ ଏଥିପୂର୍ବରୁ ଏହା ଗତାନୁଗତିକ ଢଙ୍ଗରେ ନ୍ୟାୟିକ ପ୍ରତିବନ୍ଧକର ସାମ୍ନା କରିଛି ଏବଂ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି। ଅନ୍‌ଲାଇନ୍ ଗେମ୍‌ର ନିୟନ୍ତ୍ରଣ ଜନସାଧାରଣଙ୍କ ପାଇଁ ସର୍ବାଦୌ ଆବଶ୍ୟକତା ହୋଇଥିଲେ ହେଁ ସମ୍ପୃକ୍ତ ସଂସ୍ଥାମାନେ ବିପୁଳ ଆର୍ଥିକ କ୍ଷତି ସହିବାକୁ ଯାଉଥିବାରୁ ସ୍ୱାଭାବିକ ଭାବେ ବିରୋଧ କରି ଅଦାଲତର ଦ୍ୱାରସ୍ଥ ହୋଇଛି।

ଭାରତରେ ଅନ୍‌ଲାଇନ୍ ଗେମ୍ ବଜାର ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ତା'ସହିତ ଜୁଆ ବା ଟଙ୍କାର ଖେଳ ମଧ୍ୟ ବଢ଼ିଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ଆଇନ୍ ନଥିବାରୁ ବୈଧ ଓ ଅବୈଧ ଅଂଶୀଦାର ଓ ପ୍ରତିଯୋଗୀଙ୍କ ସଂଖ୍ୟା ବଢ଼ିବା ସହିତ ଠକାମୀ ଓ ଅପରାଧ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି ଅନ୍‌ଲାଇନ୍ ଗେମ୍ ଆତଙ୍କବାଦୀ ସଂଗଠନଙ୍କ ପାଇଁ ପାଣ୍ଠି ସୃଷ୍ଟିର ଏକ ଉତ୍ସ ହୋଇଛି ଏବଂ କଳାଧନ କାରବାରକୁ ପ୍ରୋତ୍ସାହନ ଦେଉଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି କେତେକ ରାଜ୍ୟ ପଦକ୍ଷେପ ନେଇଥିଲେ ହେଁ ଜାତୀୟସ୍ତରରେ ସର୍ବଗୃହୀତ ନିୟମାବଳୀ ପ୍ରଚଳନ ନଥିବାରୁ ଆନ୍ତଃରାଜ୍ୟ ଅପରାଧ ନିୟନ୍ତ୍ରଣ କରାଯାଇପାରୁନାହିଁ। ତେଣୁ ସମଗ୍ର ଦେଶ ପାଇଁ ଗୋଟିଏ ଆଇନ ପ୍ରଚଳନ କରିବାର ଆବଶ୍ୟକତା ବହୁଳ ଭାବେ ଅନୁଭୂତ ହୋଇଥିଲା।

ବିଜ୍ଞପିତ ନିୟମାବଳୀ ଅନୁଯାୟୀ କେନ୍ଦ୍ର ଇଲେକ୍ଟ୍ରୋନିକସ୍ ଓ ଆଇଟି ମନ୍ତ୍ରଣାଳୟ ଅଧୀନରେ 'ଅନ୍‌ଲାଇନ୍ ଗେମିଂ ଅଥରିଟି ଅଫ୍ ଇଣ୍ଡିଆ(ଓଜିଏଆଇ)' ନାମରେ ଏକ ନିୟାମକ ସଂସ୍ଥା ଗଠନ ହେବ, ଯେଉଁଥିରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମେତ ଅର୍ଥ, ସୂଚନା ପ୍ରସାରଣ, କ୍ରୀଡ଼ା ଓ ବିଧି ମନ୍ତ୍ରଣାଳୟର ପ୍ରତିନିଧିମାନେ ସଦସ୍ୟ ରହିବେ। କୌଣସି ଅନ୍‌ଲାଇନ୍ ଗେମ୍ 'ଅନ୍‌ଲାଇନ୍ ମନି ଗେମ୍(ଜୁଆ)', 'ଅନ୍‌ଲାଇନ୍ ସୋସିଆଲ୍ ଗେମ୍(ମନୋରଞ୍ଜନ)', 'ଇସ୍ପୋର୍ଟସ୍(କ୍ରୀଡ଼ା)' କି ନୁହେଁ ତାହା ଓଜିଏଆଇ ତଦାରଖ କରିବା ସହିତ ଆବଶ୍ୟକସ୍ଥଳେ ସମ୍ପୃକ୍ତ ସଂସ୍ଥାମାନଙ୍କୁ ବିହିତ ନିର୍ଦ୍ଦେଶ ଦେଇପାରିବ, ଅଭିଯୋଗ ଶୁଣାଣି କରିବେ ଏବଂ ଜୋରିମାନା ଧାର୍ଯ୍ୟ କରିବେ। କିନ୍ତୁ ଏଥିରେ ଅନ୍‌ଲାଇନ୍ ଗେମିଂ ସେବା ପ୍ରଦାନ କରୁଥିବା ସଂସ୍ଥାମାନଙ୍କ ପାଇଁ ପଞ୍ଜିକରଣ ସର୍ତ୍ତକୁ ଇଚ୍ଛାଧୀନ କରାଯାଇଥିବା ବେଳେ ଆର୍ଥିକ କାରବାର ପାଇଁ ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରଦାନକାରୀ ଅନ୍ୟାନ୍ୟ ସଂସ୍ଥାଙ୍କୁ କୌଣସି କାରବାର ପୂର୍ବରୁ ସମ୍ପୃକ୍ତ ଅନ୍‌ଲାଇନ୍ ଗେମିଂ ସଂସ୍ଥାର ଅଧିକୃତ ସ୍ଥିତି ପରଖିବା ଓ ସାବଧାନତା ଅବଲମ୍ବନ କରିବାକୁ ବାଧ୍ୟ କରାଯାଇଛି। ତେଣୁ ନିୟମାବଳୀ ପରସ୍ପର ବିରୋଧୀ ହୋଇଥିବା ଅଭିଯୋଗ ଉଠିଛି। ଏପରିକି ବିଜ୍ଞପ୍ତି ଜାରି ପୂର୍ବରୁ ଆଇନ୍‌କୁ ନେଇ କେତେକ ଦ୍ୱନ୍ଦ୍ୱ ଓ ବିବାଦ ଉଠିଥିଲା ଏବଂ ବିଭିନ୍ନ ରାଜ୍ୟ ଅଦାଲତମାନଙ୍କରେ ମାମଲା ରୁଜୁ ହୋଇଥିଲା। କେନ୍ଦ୍ର ସରକାରଙ୍କ ଅନୁରୋଧକ୍ରମେ ଦିଲ୍ଲୀ, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟମାନଙ୍କରେ ଦାଖଲ ହୋଇଥିବା ମାମଲାକୁ ଏକତ୍ର ଶୁଣାଣି ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସମ୍ମତ ହୋଇଛନ୍ତି ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରୁଛନ୍ତି।

ଅନ୍‌ଲାଇନ୍ ଗେମିଂ ଆଇନ୍ ଅନୁଯାୟୀ ଅନ୍‌ଲାଇନ୍ ମନି ଗେମ(ଜୁଆ)କୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବାରୁ ଅନ୍‌ଲାଇନ୍ ଗେମିଂ ସଂସ୍ଥାମାନେ ଆପତ୍ତି ଉଠାଇଛନ୍ତି। ଆଇନ୍‌ରେ ସର୍ବାଧିକ ବିବାଦ ଓ ବିତର୍କ ସୃଷ୍ଟି କରିଛି ଏଥିରେ ଥିବା 'କୌଶଳର କ୍ରୀଡ଼ା(ଗେମ୍ ଅଫ୍ ସ୍କିଲ୍)' ଓ 'ସୁଯୋଗ ବା ଭାଗ୍ୟର ଖେଳ(ଗେମ୍ ଅଫ୍ ଚାନ୍‌ସ)'ର ସଂଜ୍ଞା ମଧ୍ୟରେ ଥିବା ଆଇନଗତ ବା ବୈଧିକ ତର୍ଜମା। ଅଭିଯୋଗକାରୀମାନେ ଯୁକ୍ତି କରୁଛନ୍ତି ଯେ ଭାରତୀୟ ସମ୍ବିଧାନର ଧାରା ୧୯ ପ୍ରଦତ୍ତ ମୌଳିକ ଅଧିକାର ଅନୁଯାୟୀ ଦେଶର ନାଗରିକମାନେ ସ୍ୱାଧୀନ ଭାବେ ଯେକୌଣସି ବୃତ୍ତି, ପେସା କିମ୍ବା କାରବାର କରିପାରିବେ। ୧୯୫୭ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ଏକ ରାୟରେ କହିଥିଲେ ଜୁଆ 'ଗେମ୍ ଅଫ୍ ଚାନ୍ସ' ହୋଇଥିବାରୁ ଏହାକୁ ପ୍ରୋତ୍ସାହନ ଦିଆଯାଇ ନ ପାରେ; କିନ୍ତୁ 'ଗେମ୍ ଅଫ୍ ସ୍କିଲ୍' ବା ବୁଦ୍ଧିର ଖେଳକୁ ବ୍ୟବସାୟିକ କାର୍ଯ୍ୟକଳାପ ଭାବେ ଗ୍ରହଣ କରାଯାଇପାରିବ ଏବଂ ଏହାକୁ ପରିଚାଳନା କରିବା ପାଇଁ ବିଧାନପାଳିକା ଆଇନ ଓ ନିୟମ ଆଦି ପ୍ରଣୟନ କରିପାରିବ।' ଏହି ରାୟ ଆଧାରରେ ଆବେଦନକାରୀମାନେ ଯୁକ୍ତି କରୁଛନ୍ତି ଯେ ଯେକୌଣସି ଖେଳ ଯେତେ କୌଶଳ ଓ ଦକ୍ଷତାଭିତ୍ତିକ ହେଉ ନା କାହିଁକି ଏହାର ଫଳାଫଳ ଭାଗ୍ୟ ବା ସୁଯୋଗ ଉପରେ ନିର୍ଭର କରେ। କିନ୍ତୁ ଆଇନର ଧାରା୨(୧)(ଜି)ରେ 'ଅନ୍‌ଲାଇନ ମନି ଗେମ୍' ସଂଜ୍ଞାରୁ କୌଶଳ ଓ ସୁଯୋଗକୁ ବାଦ୍ ଦିଆଯାଇଛି।

ଆବେଦନକାରୀମାନେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ଜଣେ ବ୍ୟକ୍ତି ତା'ର ରୋଜଗାର/ ଉପାର୍ଜନ/ ଅର୍ଥକୁ କିଭଳି ବ୍ୟୟ କରିବ, ମନୋରଞ୍ଜନର କ୍ଷେତ୍ର କ'ଣ କରିବ ତାହା ତା'ର ସମ୍ବିଧାନ ପ୍ରଦତ୍ତ ସ୍ୱାଧୀନ ଅଧିକାର। ଏହା ଉପରେ ଅଙ୍କୁଶ ଲଗାଇବା ଅର୍ଥ ସମ୍ବିଧାନର ଧାରା ୧୪ ଓ ୨୧ର ବିରୁଦ୍ଧାଚରଣ କରିବା ଭଳି। ସେହିଭଳି ଜୁଆ ବା ସେସମ୍ପର୍କିତ କୌଣସି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ଆଇନ କାନୁନ ଓ କଟକଣା ଆଦି ଲାଗୁ କରିବାକୁ ଆମ ସମ୍ବିଧାନ ରାଜ୍ୟମାନଙ୍କୁ କ୍ଷମତା ଓ ଅଧିକାର ଦେଇଥିଲେ ମଧ୍ୟ ନୂଆ ଆଇନ୍‌ରେ କେନ୍ଦ୍ର ସରକାର ସର୍ବେସର୍ବା ହୋଇଛନ୍ତି। ତେଣୁ ଏହା ମଧ୍ୟ ସାମ୍ବିଧାନିକ ଜଟିଳତା ସୃଷ୍ଟି କରୁଛି। ଆଗାମୀ ଦିନରେ ସର୍ବୋଚ୍ଚ ନ୍ୟାୟାଳୟ ଏହିସବୁ ଆଇନ ଓ ବିଧିଗତ ଜଟିଳତାର ବିଚାର କରି ଯେଉଁ ରାୟ ଦେବେ ତା' ଉପରେ ଆଇନ୍‌ର ଭବିଷ୍ୟତ ନିର୍ଭର କରୁଛି।

ଆମ ମତରେ ଜୁଆ ଏଭଳି ଏକ ନିଶା, ଯେଉଁଥିରେ ବ୍ୟକ୍ତି ଓ ପରିବାର ସର୍ବସ୍ୱାନ୍ତ ହୋଇଯାଏ। ମହାଭାରତ ଏ କ୍ଷେତ୍ରରେ ଏକ ଜ୍ୱଳନ୍ତ ଉଦାହରଣ। ଏହାଛଡ଼ା ଆଜିକାଲି ଯେଉଁଭଳି ଭାବେ ଅନ୍‌ଲାଇନ୍‌ରେ କ୍ରୀଡ଼ା ନାମରେ ଜୁଆ ଖେଳ ଚାଲିଛି ଏବଂ ରାତାରାତି କୋଟିପତି ହୋଇଯିବାର ଖବରମାନ ପ୍ରକାଶ ପାଉଛି ସେଥିରେ ଜଣେ ଚପଳମତି କିଶୋରର ମନ ଉଦ୍‌ଯୋଗ ପ୍ରତି ବୀତସ୍ପୃହ ଓ କର୍ମବିମୁଖ ହେବା ସ୍ୱାଭାବିକ। ଡ୍ରିମ୍ ୧୧ ପରି ଅନ୍‌ଲାଇନ୍ ଗେମ୍‌ରେ ଯଦି ଜଣେ ଅର୍ଦ୍ଧଶିକ୍ଷିତ ଓ ଅଳ୍ପଶିକ୍ଷିତଟିଏ ମଧ୍ୟ ନିଜ ପସନ୍ଦର ଟିମ୍ ବାଛି କୋଟିଏ ଟଙ୍କା ରୋଜଗାର କରିପାରୁଛି ତେବେ ସେ ଉପାର୍ଜନ ପାଇଁ ଅନ୍ୟ ପନ୍ଥା ପ୍ରତି ବିଚାର କରିବ କାହିଁକି? ଏହି ମାନସିକତାକୁ ଆଇପିଏଲ୍ ଆହୁରି ଉଗ୍ର କରିଛି। ନିଜ ପସନ୍ଦର ଟିମ୍ ବାଛିବା ନିଶ୍ଚୟ କୌଶଳ ଆଧାରିତ। କିନ୍ତୁ ସେହି ଟିମ୍‌ର ଦକ୍ଷତା ନିଶ୍ଚୟ ଭାଗ୍ୟ ନିର୍ଣ୍ଣିତ। ଅନ୍‌ଲାଇନ୍ ଗେମିଂ ଆଇନ ଏହାକୁ ସଠିକ୍ ତର୍ଜମା କରିଛି। ଏହାଛଡ଼ା ଅନ୍‌ଲାଇନ୍ ଗେମିଂ ନିଶା ଏବେ ଶିଶୁ, କିଶୋର ସମେତ ଯୁବକମାନଙ୍କୁ ଅସାମାଜିକ କରି ଗଢୁଥିବା ଅଭିଯୋଗମାନ ବଢ଼ିବାରେ ଲାଗିଛି। ତେଣୁ 'ଗେମ୍ ଅଫ୍ ଚାନ୍ସ' ଓ 'ଗେମ୍ ଅଫ୍ ସ୍କିଲ୍' ବିତର୍କରୁ ଊର୍ଦ୍ଧ୍ୱକୁ ଉଠି ଅନ୍‌ଲାଇନ୍ ଗେମର ନିୟନ୍ତ୍ରଣ ଜରୁରୀ। ଏଥିପାଇଁ ଆଇନ ଆଣିବା ବିଳମ୍ବ ହେଲେ ମଧ୍ୟ ଏକ ସାଧୁ ଉଦ୍ୟମ।

## ଯୁଦ୍ଧ, ପ୍ରତିକୂଳ ପାଗ ଓ ଖାଦ୍ୟ ସୁରକ୍ଷା

ସୁରେନ୍ଦ୍ରନାଥ ପଶୁପାଳକ

ରୋମାନ୍ ରାଷ୍ଟ୍ରନୀତିଜ୍ଞ ସିସେରୋ ଲେଖିଥିଲେ ଜନସାଧାରଣଙ୍କ ସୁରକ୍ଷା ହିଁ ସର୍ବୋଚ୍ଚ ଆଇନ। ଆଧୁନିକ ସମାଜରେ, ସେହି ସୁରକ୍ଷା କେବଳ ସୀମା ବା ସୈନ୍ୟବାହିନୀରୁ ଆରମ୍ଭ ହୁଏ ନାହିଁ, ବରଂ ଏକ ଅତି ସାଧାରଣ ତଥା ମୌଳିକ ଆବଶ୍ୟକତାରୁ ଆରମ୍ଭ ହୁଏ: ତାହା ହେଉଛି ଖାଦ୍ୟ। ଯେଉଁ ସମାଜ ଅନିଶ୍ଚିତ ସମୟରେ ନିଜର ଖାଦ୍ୟ ବ୍ୟବସ୍ଥାକୁ ରକ୍ଷା କରିପାରେ ନାହିଁ, ସେ କେବଳ ଅସ୍ଥାୟୀ ଅର୍ଥନୈତିକ ସଙ୍କଟ ନୁହେଁ, ବରଂ ନିଜର ସାମାଜିକ ସ୍ଥିରତାକୁ ମଧ୍ୟ ବିପଦରେ ପକାଇଥାଏ।

ଆଜି ବିଶ୍ୱ ଏକ ଚିନ୍ତାଜନକ ସ୍ଥିତି ଦେଇ ଗତି କରୁଛି। ପଶ୍ଚିମ-ଏସିଆର ଯୁଦ୍ଧ ବିଶ୍ୱର ଶକ୍ତି ଓ ସାର ବଜାରକୁ ଅସ୍ଥିର କରିଦେଇଛି। ଏହି ସମୟରେ ଆମ ରାଜ୍ୟରେ ପ୍ରତିକୂଳ ପାଗ, ଜଳବାୟୁ ପରିବର୍ତ୍ତନ ଏବଂ ଜୁଲାଇ ପରେ ଏକ ସମ୍ଭାବ୍ୟ 'ଏଲ୍ ନିନୋ'ର ପ୍ରଭାବ କୃଷି ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଛି। ଯଦି ଶୀତଋତୁ ପର୍ଯ୍ୟନ୍ତ 'ଏଲ୍ ନିନୋ' ଶକ୍ତିଶାଳୀ ରୁହେ, ତେବେ ଉଭୟ ଖରିଫ ଓ ରବି ଋତୁକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଯଦିଓ ଏକ ସକାରାତ୍ମକ 'ଇଣ୍ଡିଆନ୍ ଓସେନ୍ ଡାଇପୋଲ୍' ଏହାର ପ୍ରଭାବକୁ କିଛିମାତ୍ରାରେ ପ୍ରତିହତ କରିପାରେ, ତଥାପି ଏକ ପ୍ରତିକୂଳ ସ୍ଥିତି ପାଇଁ ପ୍ରସ୍ତୁତ ରହିବା ହେଉଛି ବୁଦ୍ଧିମାନର କାର୍ଯ୍ୟ।

ଯେତେବେଳେ ଭୂ-ରାଜନୈତିକ ସଙ୍କଟ ଏବଂ ଜଳବାୟୁର ଅନିଶ୍ଚିତତା ଏକାସାଙ୍ଗରେ ଦେଖାଦିଏ, ସେତେବେଳେ କୃଷି କ୍ଷେତ୍ର ହିଁ ପ୍ରଥମେ ପ୍ରଭାବିତ ହୁଏ ଏବଂ ସବୁଠାରୁ ବିଳମ୍ବରେ ଏଥିରୁ ମୁକୁଳିଥାଏ। କୃଷି କ୍ଷେତ୍ରରେ ଝଟକା ପୂର୍ବରୁ ମଧ୍ୟ ବିଶ୍ୱ ଦେଖିଛି। ୨୦୦୭-୦୮ର ବିଶ୍ୱ ଖାଦ୍ୟ ସଙ୍କଟ ସମୟରେ, ତେଲର ଅହେତୁକ ଦର ବୃଦ୍ଧି, ପ୍ରମୁଖ ଉତ୍ପାଦନକାରୀ ଅଞ୍ଚଳରେ ମରୁଡ଼ି ଏବଂ ରପ୍ତାନି ଉପରେ କଟକଣା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଶସ୍ୟର ମୂଲ୍ୟ ବହୁତ ବଢ଼ିଯାଇଥିଲା। ଗହମ ଓ ଧାନର ମୂଲ୍ୟ ବୃଦ୍ଧି ଯୋଗୁଁ ଅନେକ ଦେଶରେ ଖାଦ୍ୟ ପାଇଁ ଆନ୍ଦୋଳନ ହୋଇଥିଲା ଏବଂ ସରକାରମାନେ ବଜାରକୁ ନିୟନ୍ତ୍ରଣ କରିବା ପାଇଁ ସଂଘର୍ଷ କରିଥିଲେ। ନିକଟ ଅତୀତରେ, ରୁଷ-ୟୁକ୍ରେନ ଯୁଦ୍ଧ ଆଧୁନିକ କୃଷିର ଅନ୍ୟ ଏକ ଦୁର୍ବଳତାକୁ ପଦାରେ ପକାଇଛି। ସାର ଉତ୍ପାଦନ ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ ଗ୍ୟାସ୍ ଉପରେ ନିର୍ଭରଶୀଳ। ଶକ୍ତି ବଜାରର ଅସ୍ଥିରତା ସିଧାସଳଖ ସାର ଦରକୁ ପ୍ରଭାବିତ କରିଥାଏ। ବିଶ୍ୱ ବ୍ୟାଙ୍କର ରିପୋର୍ଟ ଅନୁସାରେ, ୨୦୨୧ରେ ବିଶ୍ୱ ସାର ମୂଲ୍ୟ ସୂଚକାଙ୍କ ପ୍ରାୟ ୮୦ ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ ୨୦୨୨ରେ ଏହା ଆହୁରି ବଢ଼ିଥିଲା। ପରିଣାମ ସ୍ୱରୂପ, ଅନେକ ବିକାଶଶୀଳ ଦେଶର ଚାଷୀମାନେ ସାର ବ୍ୟବହାର କମାଇ ଦେଇଥିଲେ କିମ୍ବା ଚାଷ କାର୍ଯ୍ୟରେ ବିଳମ୍ବ କରିଥିଲେ, ଯାହା ଶେଷରେ ଉତ୍ପାଦନ ହ୍ରାସର କାରଣ ହୋଇଥିଲା।

ଏହି ଅଭିଜ୍ଞତା ଆମକୁ ମନେ ପକାଇଦିଏ ଯେ, ଆଜିର କୃଷି କେବଳ ବର୍ଷା କିମ୍ବା ମାଟିର ଉର୍ବରତା ଉପରେ ନିର୍ଭରଶୀଳ ନୁହେଁ। ଏହା ବିଶ୍ୱ ବାଣିଜ୍ୟ ପଥ, ଶକ୍ତି ବଜାର ଏବଂ ଭୂ-ରାଜନୈତିକ ସ୍ଥିରତା ସହ ଜଡ଼ିତ। ଯେତେବେଳେ ହର୍ମୁଜ ପ୍ରଣାଳୀ ବା ଲୋହିତ ସାଗର ଭଳି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପଥରେ ଅସ୍ଥିରତା ଦେଖାଦିଏ, ସାର ବଜାର ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରେ। ହଜାର ହଜାର କିଲୋମିଟର ଦୂରରେ ଘଟୁଥିବା ଏହି ଘଟଣା ଶେଷରେ ଜଣେ ସାଧାରଣ ଚାଷୀର କ୍ଷେତ ଏବଂ ଖାଉଟିର ରୋଷେଇ ଘର ପର୍ଯ୍ୟନ୍ତ ପହଞ୍ଚିଥାଏ। ଖାଦ୍ୟ ସୁରକ୍ଷା କେବଳ ଶସ୍ୟର ଗୋଦାମ ଉପରେ ନିର୍ଭର କରେ ନାହିଁ; ପରିବାରଗୁଡ଼ିକ ବର୍ଦ୍ଧିତ ମୂଲ୍ୟ ସହ କିଭଳି ଖାପ ଖୁଆଉଛନ୍ତି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତର ଗ୍ରାମୀଣ ପରିବାରଗୁଡ଼ିକର ମୋଟ ଖର୍ଚ୍ଚର ପ୍ରାୟ ଅଧା କେବଳ ଖାଦ୍ୟ ପାଇଁ ବିନିଯୋଗ ହୋଇଥାଏ। ଗରିବ ପରିବାର କ୍ଷେତ୍ରରେ ଏହି ହାର ଆହୁରି ଅଧିକ। ଖାଦ୍ୟ ଦର ବଢ଼ିଲେ ମଧ୍ୟ ପରିବାରଗୁଡ଼ିକ ହଠାତ୍ ଖାଇବା କମାନ୍ତି ନାହିଁ, ବରଂ ସେମାନେ ଏକ 'ଶାନ୍ତ ପୁଷ୍ଟିହୀନତା'(କ୍ୱାଇଟ୍ ନ୍ୟୁଟ୍ରେସନାଲ୍ ରିଟ୍ରିଟ୍) ଆଡ଼କୁ ଗତି କରନ୍ତି। ପ୍ରଥମେ ପରିବାରର ଖାଦ୍ୟ ତାଲିକାରୁ କ୍ଷୀର ବାହାରିଯାଏ, ତା'ପରେ ଡାଲି, ପରିବା ଓ ଫଳ। ପରିବାରଟି କେବଳ ଶସ୍ତା ଶସ୍ୟ ଯଥା ଭାତ ବା ଗହମ ଉପରେ ନିର୍ଭର କରେ। ଏହାକୁ 'ପ୍ରଚ୍ଛନ୍ନ କ୍ଷୁଧା'(ହିଡେନ୍ ହଙ୍ଗର) କୁହାଯାଏ, ଯେଉଁଠାରେ ପେଟ ତ ପୂରେ; କିନ୍ତୁ ଶରୀରକୁ ଆବଶ୍ୟକୀୟ ପୁଷ୍ଟିସାର ମିଳେନାହିଁ। ସରକାରୀ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଏହି ସମୟରେ ଏକ ସୁରକ୍ଷା କବଚ ସାଜିଥାଏ, କିନ୍ତୁ ଜଳବାୟୁ ପରିବର୍ତ୍ତନ ଏବଂ ବଜାରର ଦ୍ୱୈତ ଆକ୍ରମଣ ସମୟରେ ଏହି ବ୍ୟବସ୍ଥାର ମଧ୍ୟ ଅନେକ ପରୀକ୍ଷା ହୋଇଥାଏ।

ଓଡ଼ିଶାର କୃଷି ବ୍ୟବସ୍ଥା ଏହି ଆହ୍ୱାନର ଏକ ଜ୍ୱଳନ୍ତ ଉଦାହରଣ। ରାଜ୍ୟର ପ୍ରାୟ ଦୁଇ-ତୃତୀୟାଂଶ ଚାଷ ଜମି ଏବେ ମଧ୍ୟ ବର୍ଷା ଉପରେ ନିର୍ଭରଶୀଳ। ୯୦ ପ୍ରତିଶତରୁ ଅଧିକ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର। ସେମାନଙ୍କ ପାଇଁ ସାର ବା ଡିଜେଲ ଦରରେ ସାମାନ୍ୟ ବୃଦ୍ଧି ମଧ୍ୟ ଚାଷ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଓଡ଼ିଶାରେ ଖରିଫ ଋତୁରେ ଧାନ ଚାଷ ପ୍ରଧାନ। 'ଏଲ୍ ନିନୋ' ବର୍ଷରେ ବର୍ଷା ଅନିୟମିତ ହେଲେ ତଳି ପକାଇବା ବା ରୁଆ କାର୍ଯ୍ୟରେ ବିଳମ୍ବ ହୁଏ, ଯାହା ଶେଷରେ ଅମଳ ଓ ଖାଦ୍ୟର ଉପଲବ୍ଧତାକୁ ପ୍ରଭାବିତ କରେ। ଚାଷୀ ମୌସୁମୀ ଆସିବା ପୂର୍ବରୁ ସାର କିଣିବା ଏବଂ କ୍ଷେତ ପ୍ରସ୍ତୁତି ପାଇଁ ନିଷ୍ପତ୍ତି ନେଇଥାଏ। ଯଦି ସେହିସମୟରେ ସାରର ଅଭାବ କିମ୍ବା ଦର ବୃଦ୍ଧି ଦେଖାଦିଏ, ତେବେ ସେ କମ୍ ସାର ବ୍ୟବହାର କରେ କିମ୍ବା କମ୍ ଲାଭଜନକ ଚାଷ କରେ। ଏହି ଛୋଟ ଛୋଟ ନିଷ୍ପତ୍ତିଗୁଡ଼ିକ ଏକତ୍ରିତ ହୋଇ ରାଜ୍ୟର ମୋଟ ଖାଦ୍ୟ ଉତ୍ପାଦନ ଉପରେ ବଡ଼ ପ୍ରଭାବ ପକାଏ।

ତଥାପି, ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଏବଂ ଲୋକଙ୍କୁ ସୁରକ୍ଷା ଦେବାରେ ଥିବା ପ୍ରଶାସନିକ ଦକ୍ଷତା ପ୍ରଶଂସନୀୟ। ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ବିଶ୍ୱସ୍ତରରେ ସ୍ୱୀକୃତି ପାଇଛି। ଏହି ଅଭିଜ୍ଞତା ବର୍ତ୍ତମାନର ଜଳବାୟୁ ଓ ବଜାର ସଙ୍କଟ ସମୟରେ ମଧ୍ୟ କାମରେ ଆସିବ। ଅତୀତର ସଙ୍କଟଗୁଡ଼ିକ ଆମକୁ କିଛି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛନ୍ତି। ସମସ୍ୟା ଆସିବା ପରେ ପ୍ରତିକ୍ରିୟା ଦେବା ଅପେକ୍ଷା, ପୂର୍ବରୁ ପ୍ରସ୍ତୁତ ରହିବା ଅଧିକ ଫଳପ୍ରଦ। ତେଣୁ ଚାଷ ସମୟ ପୂର୍ବରୁ ସାର ଏବଂ କୃଷି ଋଣର ଉପଲବ୍ଧତା ନିଶ୍ଚିତ କରିବାକୁ ହେବ। ଚାଷର ଅଗ୍ରଗତି, ସାରର ମହଜୁଦ ଏବଂ ଖାଦ୍ୟ ଦର ଉପରେ 'ରିଅଲ-ଟାଇମ୍' ନଜର ରଖିଲେ ସରକାର ସମସ୍ୟା ଜଟିଳ ହେବା ପୂର୍ବରୁ ପଦକ୍ଷେପ ନେଇପାରିବେ। ଖାଦ୍ୟ ସୁରକ୍ଷା କେବଳ ଶସ୍ୟର ପରିମାଣ ନୁହେଁ, ବରଂ ଗରିବ ପରିବାରକୁ ମିଳୁଥିବା ଖାଦ୍ୟର ଗୁଣବତ୍ତା ଉପରେ ମଧ୍ୟ ନଜର ରଖିବା ଉଚିତ। ଆଗାମୀ ମୌସୁମୀ ପାଇଁ ତିନୋଟି ପ୍ରାଥମିକତା ରହିବା ଉଚିତ୍। ପ୍ରଥମତଃ, ସାର ଯୋଗାଣ ଶୃଙ୍ଖଳାକୁ ସୁବ୍ୟବସ୍ଥିତ କରିବାକୁ ହେବ, ଯେପରି ଚାଷୀ ନିଷ୍ପତ୍ତି ନେବା ପୂର୍ବରୁ ଏହାକୁ ପାଇପାରିବେ। ଦ୍ୱିତୀୟତଃ, ଫସଲର ସ୍ଥିତି ଓ ବଜାର ଦର ଉପରେ ସଜାଗ ରହିବାକୁ ହେବ। ତୃତୀୟତଃ, ଚାଷୀମାନଙ୍କୁ ପାଗର ଅନିଶ୍ଚିତତା ଅନୁଯାୟୀ ବିଭିନ୍ନ କିସମର ବିହନ ଏବଂ ପ୍ରଣାଳୀ ବ୍ୟବହାର କରିବା ପାଇଁ ପରାମର୍ଶ ଦେବାକୁ ହେବ।

ପରିଶେଷରେ, ଖାଦ୍ୟ ସୁରକ୍ଷା କେବଳ କୃଷିର ଏକ ପରିସଂଖ୍ୟାନ ନୁହେଁ; ଏହା ଶାସନ ବ୍ୟବସ୍ଥାର ଏକ ମାପକାଠି। ପରିବେଶବିତ୍ ୱେଣ୍ଡେଲ ବେରୀ କହିଥିଲେ ଯେ, 'ଖାଦ୍ୟ ଗ୍ରହଣ କରିବା ଏକ କୃଷିଭିତ୍ତିକ କାର୍ଯ୍ୟ।' ସେହିପରି ଦାୟିତ୍ୱର ସହ ଶାସନ କରିବା ମଧ୍ୟ ଏକ କୃଷିଭିତ୍ତିକ କାର୍ଯ୍ୟ। କାରଣ ଶକ୍ତି ନୀତି ବା ବାଣିଜ୍ୟ ଚୁକ୍ତିର ନିଷ୍ପତ୍ତି ଶେଷରେ ନିର୍ଦ୍ଧାରଣ କରେ ଯେ ଚାଷୀର କ୍ଷେତରେ କ'ଣ ଫଳିବ ଏବଂ ଜଣେ ସାଧାରଣ ନାଗରିକର ଥାଳିରେ କ'ଣ ପହଞ୍ଚିବ। ଯେତେବେଳେ ବିଦେଶରେ ଯୁଦ୍ଧ ଏବଂ ରାଜ୍ୟରେ ପ୍ରତିକୂଳ ପାଗ ଏକାଠି ଦେଖାଦିଏ, ସେତେବେଳେ ଅମଳକୁ ସୁରକ୍ଷିତ କରିବା ହିଁ ଶାସନର ପ୍ରଥମ ଧର୍ମ ହେବା ଉଚିତ।

(ପୂର୍ବତନ କୁଳପତି, ଓୟୁଏଟି)
ଭୁବନେଶ୍ୱର, ମୋ: ୭୭୩୫୩୭୪୯୭

## ନିଜ ଛାଇକୁ ନିଜର ଡର

ଡ ସୀତାକାନ୍ତ ତ୍ରିପାଠୀ



ପ୍ରାକ୍-ସ୍ୱାଧୀନତା କାଳରେ ଜାତିପ୍ରଥା ସମଗ୍ର ଭାରତବର୍ଷକୁ କବଳିତ କରି ରଖିଥିଲା। ପରିସ୍ଥିତି ଏମିତି ଥିଲା ଯେ ତଥାକଥିତ ନୀଚଜାତିର ଲୋକମାନଙ୍କର ଛାଇ ଯଦି ଉଚ୍ଚଜାତିଙ୍କ ଉପରେ ପଡ଼ିଯାଏ, ତା' ହେଲେ ସେମାନଙ୍କୁ ଗାଧୋଇବାକୁ ପଡୁଥିଲା। ତେଣୁ ସକାଳେ ଓ ଅପରାହ୍ଣରେ ସେମାନେ ଉଚ୍ଚଜାତି ରହୁଥିବା ଗାଁମାନଙ୍କୁ ଡରରେ ଯାଉ ନ ଥିଲେ। କାରଣ ସେତେବେଳେ ସୂର୍ଯ୍ୟକିରଣ ତେରଛା ପଡୁଥିବାରୁ ଛାଇ ଲମ୍ବିଯାଏ। ସେମାନଙ୍କର ନିଜ ଛାଇକୁ ନିଜର ଡର ଥାଏ। କାଳେ ନିଜ ଛାଇ ଉଚ୍ଚଜାତିଙ୍କ ଉପରେ ପଡ଼ିଗଲେ ସେମାନେ ଦଣ୍ଡିତ ହେବେ। ସ୍ୱାଧୀନ ଭାରତରେ ଆଉ ସେମିତି ଉତ୍କଟ ଜାତିପ୍ରଥା ନାହିଁ ସତ, କିନ୍ତୁ 'ନିଜ ଛାଇକୁ ନିଜର ଡର' କଥାଟି ଆମମାନଙ୍କ ମନରୁ ଯାଇନାହିଁ। କାରଣ ଏହା ବିଶ୍ୱାସ-ଅବିଶ୍ୱାସର ଗଣିତ ଉପରେ ନିର୍ଭରଶୀଳ। ଅନେକ ସମୟରେ ଯେତେବେଳେ ଅତ୍ୟନ୍ତ ବିଶ୍ୱସ୍ତ ଲୋକ ପାଖରେ କହିଥିବା କଥା ପ୍ରଘଟ ହୋଇଯାଏ ସେତେବେଳେ ପାଟିରୁ ବାହାରି ପଡ଼େ ଆରେ କାହାକୁ କହିବି! ନିଜ ଛାଇକୁ ତ ନିଜର ବିଶ୍ୱାସ ନାହିଁ। ପିତାମାତା ଅନେକ କଷ୍ଟ କରି ପିଲାମାନଙ୍କୁ ଘଣ୍ଟ ଘୋଡ଼ାଇ ଛୋଟରୁ ବଡ଼ କରିଥା'ନ୍ତି। ଆଉ ସେମାନଙ୍କ ମୁଣ୍ଡକୁ ହାତ ପାଇଗଲା ପରେ ପିଲାମାନେ ବାପା-ମା'ଙ୍କର ବଦଗୁଣ ସମ୍ପର୍କରେ ଆଲୋଚନା କରିବାକୁ ଭୁଲନ୍ତି ନାହିଁ। ଯେଉଁମାନଙ୍କୁ ନିଜ ଜୀବନଠାରୁ ଅଧିକ ସୁରକ୍ଷା ଦେଇ ବାପା ମା'ମାନେ ବଢ଼ାଇ ଥା'ନ୍ତି ସେଇମାନେ ହିଁ ପିତାମାତାଙ୍କର ବଇରୀ ସାଜିଥା'ନ୍ତି।

ରାଜନୀତିର ପଶାପାଲିଲେ ମଧ୍ୟ ତଦ୍ରୂପ ଅବସ୍ଥା। ଯେଉଁ ନେତାମାନଙ୍କର ଛତ୍ରଛାୟାରେ ଛୋଟଛୋଟ ନେତାମାନେ ନିଜର ଅସ୍ତିତ୍ୱ ରଖିବାରେ ସମର୍ଥ ହୋଇଥା'ନ୍ତି ସମୟ, ସୁବିଧା ଓ ସୁଯୋଗ ଆସିଲେ ସେମାନେ ଛାୟା ଦେଇଥିବା ଉକ୍ତ ନେତାଙ୍କୁ ତଳକୁ ଭିଡ଼ିଦେଇ ଲହୁଲୁହାଣ କରିବାକୁ ପଛଘୁଞ୍ଚା ଦେଇ ନ ଥା'ନ୍ତି। ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଜଣାପଡ଼େ ରାଜଗାଦି ହାସଲ କରିବା ପାଇଁ ନିଜର ପିତା, ଭାଇ, ବନ୍ଧୁ ଓ କୁଟୁମ୍ବକୁ ରାସ୍ତାରୁ ହଟାଇବା ପାଇଁ ମଧ୍ୟ ପଛଘୁଞ୍ଚା ନଥାଏ। ତେଣୁ ବିଶ୍ୱାସ କରିବେ କାହାକୁ? କିଏ ନିଜର ଆଉ କିଏ ପର ତାହା ବିଚାର କରିବା ବଡ଼ କଷ୍ଟକର କଥା।

ଆଧ୍ୟାତ୍ମିକ କ୍ଷେତ୍ରରେ କାୟା ମେଲେଇଥିବା ବିଭିନ୍ନ ଗୁରୁ, ବାବା ଓ ମାତାମାନେ ମଧ୍ୟ ନିଶ୍ଚିନ୍ତରେ ରହିବା ବଡ଼ କଷ୍ଟକର। କେତେବେଳେ କେଉଁ ଶିଷ୍ୟ ତାଙ୍କର ଗାଦି, ଚଉକି ବା ପଦବୀ ମାଡ଼ି ନେବ ସେହି ଚିନ୍ତା ତାଙ୍କୁ ମାଡ଼ି ବସିଥାଏ। ତେଣୁ ଆଧ୍ୟାତ୍ମିକତା କଥା ଚୁଲିକୁ ଯାଉ, କିନ୍ତୁ କେମିତି ନିଜ ପଦବୀ ରହିବ ସେଇଟା ବଡ଼କଥା। ଯେଉଁମାନଙ୍କୁ ମଠ-ମନ୍ଦିର, ବିଭିନ୍ନ ନୀତି-ନିୟମ, ଶ୍ଳୋକ ଉଚ୍ଚାରଣ, ବେଦ, ବେଦାନ୍ତ ଆଦି ବିଷୟରେ ଉକ୍ତ ବାବାମାନେ ସେମାନଙ୍କର ଜ୍ଞାନ ପ୍ରଦାନ କରିଥା'ନ୍ତି ସେହିମାନେ ହିଁ ତାଙ୍କର କଣ୍ଟା ସାଜି ଥା'ନ୍ତି।

ଖରାରୁ ରକ୍ଷା ପାଇବା ପାଇଁ ସମସ୍ତେ ଛାଇ ଚାହିଁଥା'ନ୍ତି। ସେଥିପାଇଁ ଯେଉଁମାନେ ଛାୟା ପ୍ରଦାନ କରିଥା'ନ୍ତି ସେମାନଙ୍କ ପାଖରେ କୃତଜ୍ଞ ରହିବା ପାଇଁ ପରାମର୍ଶ ଦିଆଯାଇଥାଏ। କିନ୍ତୁ ଏହା କ'ଣ ସବୁବେଳେ ସମ୍ଭବ! ଅନ୍ୟପକ୍ଷରେ କାୟା ସାଙ୍ଗରେ ଛାୟା ସବୁବେଳେ ରହିଥାଏ। କେହି କାହାକୁ ଦୂରେଇବା କଷ୍ଟକର, କିନ୍ତୁ ସେହି ଛାଇକୁ ଦୂରରୁ ଦେଖି ଉକ୍ତ ଲୋକଙ୍କୁ ଆକ୍ରମଣ କରିବାର ଦୃଷ୍ଟାନ୍ତ ଅଛି। ତେଣୁ ନିଜ ଛାଇ ନିଜ ପାଇଁ ଶତ୍ରୁ ହେବାର ଅନେକ ଉଦାହରଣ ରହିଛି। ନିଜ ଛାଇକୁ ନିଜେ ଡରିବା ସ୍ୱାଭାବିକ। ତେବେ ଛାଇକୁ ଡରି ସମସ୍ତଙ୍କୁ ଗୋଟିଏ ନିକିତିରେ ମାପି ସନ୍ଦେହୀ ହେବା ମାନବିକତାର ପରିପନ୍ଥୀ। କାୟା ଅଛି ମାନେ ଛାୟା ଅଛି। ତେବେ ଡର କାହିଁକି? ନିଜକୁ ସେଥିପାଇଁ ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି। ନତୁବା ଡରି ମରି ବଞ୍ଚିବାର କି ଲାଭ?

ଗାଁ ମୁଣ୍ଡରେ ବଡ଼ ବରଗଛଟିଏ ଥିଲା। ସକାଳେ ସନ୍ଧ୍ୟାରେ ପକ୍ଷୀମାନଙ୍କ କଳରବରେ ବରଗଛ ତଥା ତା'ର ଆଖପାଖ ଅଞ୍ଚଳ ଫାଟି ପଡୁଥିଲା। ଖରାଦିନେ ଯେତେ ଥକିଥିଲେ ମଧ୍ୟ ବରଗଛ ତଳେ ବସି ପଡ଼ିଲେ ତା'ର ଛାଇ ଓ ପବନରେ ନିଦ ଆସିଥାଏ। ଗଛ ତଳେ ଆଶ୍ରା ନେଇଥିବା ଦଳେ ଲୋକ କଥା ହେଉଥିଲେ ଏଇ ବରଗଛ ଅଛି ବୋଲି ଏହାର ତଳେ ଆଉ କୌଣସି ଗଛ ଉଧେଇ ପାରୁନାହିଁ। ଏଠି ଏତେ ଚଢ଼େଇ ବସା ବାନ୍ଧିଛନ୍ତି ଯେ ନିଶ୍ଚିନ୍ତରେ ଟିକିଏ ବସି ହେଉନାହିଁ। ଇଏ ଆମକୁ ଫୁଲ ଦେଉଛି ନା' ଫଳ ଦେଉଛି ଯେ ଏ ଗଛକୁ ଆମେ ଆମ ଗାଁ ମୁଣ୍ଡରେ ରଖିବା? ବରଂ ଏହି ଗଛ ଅଛି ବୋଲି ଗାଁର ଯେତେ କଳି ଗଣ୍ଡଗୋଳ ଏଇଠୁ ଆରମ୍ଭ ହେଉଛି। ଆଉ ଏଇଠି ଚଉପାଢ଼ୀ ବସି ତା'ର ସମାଧାନ ହେଉଛି। ତେଣୁ ଏଇ ଛାଇ ହିଁ ଅନେକ ଅସୁବିଧାର କାରଣ। ବରଂ ଏହାର ଡାଳଗୁଡ଼ିକୁ କାଟିଦେଇ ଅନ୍ୟ ଫୁଲ-ଫଳଗଛ ଲଗାଇଲେ ଗାଁ ମୁଣ୍ଡ ଫୁଲରେ ସୁଶୋଭିତ ହେବା ସହ ବିଭିନ୍ନ ଫଳ ଖାଇବାକୁ ମିଳି ପାରନ୍ତା। ତା'ଛଡ଼ା ଏହାର ଡାଳରେ ରହିଥିବା ବିଭିନ୍ନ ଅଶରିରୀମାନଙ୍କ ଭୟରୁ ଗ୍ରାମବାସୀମାନଙ୍କୁ ମୁକ୍ତି ମିଳି ପାରନ୍ତା। କହିବା ବାହୁଲ୍ୟ ଲୋକମାନେ ବରଗଛର ଭୂତଳ ଜଳଧାରଣ କ୍ଷମତା ତଥା ବିଭିନ୍ନ ଔଷଧୀୟ ଗୁଣ ବିଷୟରେ ଅବଗତ ନଥିଲେ। ବୃହତ୍ ଅର୍ଥରେ ଦେଖିବାକୁ ଗଲେ ନିଜର ଛାଇ ହିଁ ନିଜ ପାଇଁ କାଳ ପାଲଟିଗଲା।

ଅର୍ଣ୍ଣପାଳ(ଭଦ୍ରକ), ମୋ: ୯୭୭୮୭୬୪୩୯୪

## ଆମ ବୃକ୍ଷଲତା ଆମ ଜୀବନ

### ପ୍ରକୃତି-ପରିବେଶ

### ସଲପ

(Fishtail or Toddy Palm Tree- Caryota urens)

ସୌଭାଗ୍ୟସୁନ୍ଦର

'ସଲପ' ଭାରତ, ମିଆଁମାର, ଶ୍ରୀଲଙ୍କା, ମାଲେସିଆ ଏବଂ ଅନ୍ୟାନ୍ୟ ଉଷ୍ଣମଣ୍ଡଳୀୟ ଏସୀୟ ଦେଶଗୁଡ଼ିକର ଏକ ମୂଳ ଜାତ ଉଦ୍ଭିଦ। ଏହା ଦେଖିବାକୁ ପାମ୍ ଅର୍ଥାତ୍ ଖଜୁରୀ ଓ ତାଳ ଭଳି ଗଛ। ଏହା 'ୱାଇନ୍ ପାମ୍', 'ସାଗୋ ପାମ୍', 'ଚିନି ପାମ୍' କିମ୍ବା 'ଗୁଡ଼ ପାମ୍' ନାମରେ ମଧ୍ୟ ସ୍ଥାନୀୟ ଭାବରେ ଜଣାଶୁଣା। ଏହାର ପତ୍ରଗୁଡ଼ିକ ମାଛଲାଞ୍ଜ ଭଳି। ପତ୍ରର ପତ୍ରକ ଗୁଡ଼ାକୁ କାଟି ତା'କାଠିକୁ ଶୁଖାଇବା ପରେ ମାଛ ଧରିବା ଦଣ୍ଡ ଭାବରେ ମଧ୍ୟ ବ୍ୟବହାର କରାଯାଏ। ତେଣୁ ଏହାକୁ 'ଫିସଟେଲ୍ ପାମ୍' ବୋଲି ମଧ୍ୟ କୁହାଯାଏ।

ସଲପ ହେଉଛି ଏକାକୀ ଶାଖା ବିହୀନ ଏକ କାଣ୍ଡ ବିଶିଷ୍ଟ ଗଛ, ଯାହା ଉଚ୍ଚତାରେ ୧୮ ମିଟର ପର୍ଯ୍ୟନ୍ତ ବଢ଼ିଥାଏ। ଏହାର କାଣ୍ଡ ଗୋଲ, ସ୍ତମ୍ଭାକାର, ମସୃଣ। ପ୍ରତି ଗଣ୍ଠିରେ ପ୍ରମୁଖ ପତ୍ରଝଡ଼ା ଦାଗ ସ୍ପଷ୍ଟ ବାରି ହୁଏ। ପତ୍ରଗୁଡ଼ିକ ଲମ୍ବା, ଡେଙ୍ଗୁଯୁକ୍ତ, ଦ୍ୱିପକ୍ଷଳ, ମାଛ ଲାଞ୍ଜ ଆକୃତିର, ତ୍ରିକୋଣୀୟ ଆକାରର, ଉଜ୍ଜ୍ୱଳରୁ ଗଭୀର ସବୁଜ। ପ୍ରତ୍ୟେକ ପତ୍ର ଗଣ୍ଠି ବା ଅକ୍ଷରେ ଉପରୁ ତଳ ପର୍ଯ୍ୟନ୍ତ ଲମ୍ବା ପୁଷ୍ପଗୁଚ୍ଛ ବାହାରିଥାଏ, ଅନେକ ଫୁଲ ଧାରଣ କରେ ଯାହା ଏକ ଲିଙ୍ଗୀ, ମାଇ ଫୁଲ ମଝିରେ ଥାଏ। ଫୁଲଗୁଡ଼ିକ ଧଳା ବା କ୍ରିମ ବର୍ଣ୍ଣର, ତ୍ରିକାକାର, ବୃତି ମଣ୍ଡଳ ୩ଟି ବୃତି ବହନ କରେ, ଗୋଲାକାର, ପରିସଜ୍ଜା ଇମ୍ବ୍ରିକେଟ, ପାଖୁଡ଼ା ରେଖୀୟ- ଆୟତାକାର, ଫୁକେଶର ଅନେକ। ଫଳ ଗୋଲାକାର ଡ୍ରୁପ୍ ବା ଅଷ୍ଟିଳା, ଗୋଟିଏ ବିହନ ସହିତ ଗାଢ଼ ଲାଲ କିମ୍ବା କଳା ରଙ୍ଗର।

ପୁଷ୍ପୋଦଗମ ବା ସ୍ତବକ ଦଣ୍ଡକୁ କାଟି ରସ ସଂଗ୍ରହ କରାଯାଏ। ସେଥିରୁ ତାଡ଼ି ବା ଦେଶୀ ମଦ ପ୍ରସ୍ତୁତ କରାଯାଏ, ଯାହା ଅନ୍ୟ ଖଜୁରୀ ଓ ତାଳଜାତୀୟ ତାଡ଼ି ତୁଳନାରେ କିଛିଟା ଅଧିକ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ। ପଶ୍ଚିମଭାରତର ଅନେକ ସ୍ଥାନରେ ଏହି ତାଡ଼ିକୁ 'ମାଡ଼ି' ନାମକ ଏକ ପାରମ୍ପରିକ ଆଲକୋହଲ ତିଆରି କରିବା ପାଇଁ କିଣ୍ୱନ ଓ ପାଚନ ପ୍ରଣାଳୀ ଅବଲମ୍ବନ କରାଯାଏ। ଗଣ୍ଠିରେ ଅଧିକ ପରିମାଣର ଷ୍ଟାର୍ଚ ବା ଶ୍ୱେତସାର ଓ ସର୍କରା ଥାଏ, ଯେଉଁଥିରୁ ସାଗୁଦାନା ପ୍ରସ୍ତୁତ ହୁଏ। ଶ୍ରୀଲଙ୍କାରେ ସଲପ ରସକୁ ସିଝାଇ କିଥୁଲ୍ ପ୍ରସ୍ତୁତ କରାଯାଏ, ଯାହା ଏକ ତରଳ ମିଠା ଗୁଡ଼ ଭାବରେ ବ୍ୟବହାର କରାଯାଏ। ଏହାର ପରିପକ୍ୱ ଗଛର ଭିତର ଅଂଶ ବା କୋଷକୁ କାଟି ସୂର୍ଯ୍ୟକିରଣରେ ଶୁଖାଇ ଏକ ଖାଦ୍ୟଯୋଗ୍ୟ ପାଉଡର ପ୍ରସ୍ତୁତ ହୁଏ, ଯାହା ଅନେକ ପୁଷ୍ଟିକର। ଶ୍ରୀଲଙ୍କାରେ ପାଉଡରକୁ ନଡ଼ିଆ କ୍ଷୀର ସହିତ ମିଶ୍ରିତ କରାଯାଇ 'କିଥୁଲ୍ ଥାଲାପା' ତିଆରି କରିବା ପାଇଁ ରନ୍ଧା ଯାଏ। ଫଳର କଠିନ କେଶକୁ କାଟି ଏହାର ସୁସ୍ୱାଦୁ ଏବଂ ମିଠା ଅଂଶକୁ ଖିଆଯାଏ। କାମ୍ବୋଡ଼ିଆନମାନେ ଏହାର ଗଣ୍ଠି ଓ ଡାଳ କାଟି ରସ ସଂଗ୍ରହ କରି ମଦ ତିଆରି କରନ୍ତି। ହାତୀମାନଙ୍କୁ ଏହି ଗଛର କୋମଳ ପତ୍ର ଖାଇବାକୁ ଦିଆଯାଏ। ପତ୍ରଗୁଡ଼ିକରେ ଦୃଢ଼ ତନ୍ତୁ କାମ୍ବୋଡ଼ିଆରେ ଟୋକେଇ ପାଇଁ ବ୍ୟବହୃତ ହୁଏ।

ସଲପ ବିଭିନ୍ନ ଔଷଧୀୟ ଲାଭ ପ୍ରଦାନ କରେ, ଯେଉଁଥିରେ ରକ୍ତ ବିଶୋଧନ, ପ୍ରଜ୍ୱଳନ ପ୍ରତିରୋଧ, ଆଣ୍ଟିଫଙ୍ଗାଲ୍ ବା ଫଙ୍ଗସ ପ୍ରତିରୋଧ, ବ୍ୟାକ୍ଟେରିଆ ପ୍ରତିରୋଧ, ବହୁମୂତ୍ର ରୋଧୀ, କର୍କଟ ରୋଧୀ, ଉତ୍ତେଜକ, କାମବାସନା ବୃଦ୍ଧି କ୍ଷମତା ଇତ୍ୟାଦି ଅନ୍ତର୍ଭୁକ୍ତ। ସଲପରେ ଗଚ୍ଛିତ ଥିବା ଫାଇଟୋକେମିକାଲ୍ସ ବା ଜୈବ ରାସାୟନିକ ଉପାଦାନ ହେଉଛି ଫ୍ଲାଭୋନଏଡ୍ସ, ପଲିଫେନୋଲ୍ସ, ଗ୍ଲାଇକୋସାଇଡ୍ସ, ଆଲକାଲଏଡ୍ସ, ଅତ୍ୟାବଶ୍ୟକ ତେଲ, ଟାନିନ୍ସ, ସାପୋନିନ୍ସ, ଅକ୍ସାଲିକ୍ ଏସିଡ୍ ଏବଂ ଟେର୍ପେନୋଏଡ୍ସ, ଆମିନୋ ଏସିଡ୍ସ, ଫ୍ୟାଟି ଏସିଡ୍ସ, ଫାଇଟୋଷ୍ଟେରୋଲ୍ସ ଶ୍ୱେତସାର ଓ ଶର୍କରା ଇତ୍ୟାଦି।

ସଲପକୁ ଏକ ଶୋଭାବର୍ଦ୍ଧନ ଗଛ ଭାବରେ ରୋପଣ କରାଯାଏ। ପ୍ରାଥମିକ ଅବସ୍ଥାରେ ଛୋଟ ଥିବା ବେଳେ ଏହାକୁ ଆଭ୍ୟନ୍ତରୀଣ କୋଠରି କିମ୍ବା ଘର ବଗିଚାରେ ମଧ୍ୟ ସଜାଇ ରଖାଯାଇପାରିବ। ୧୧ ଡିସେମ୍ବର ୨୦୨୫ ରେ, ଶ୍ରୀଲଙ୍କାର କିଥୁଲ୍ (ସଲପ) ଟ୍ୟାପିଂ ଶିଳ୍ପକୁ ଆନୁଷ୍ଠାନିକ ଭାବରେ ୟୁନେସ୍କୋର ମାନବତାର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ତାଲିକାରେ ଲିପିବଦ୍ଧ କରାଯାଇଥିଲା। ସଲପ 'ମୋନୋକାର୍ପିକ୍', ଅର୍ଥାତ୍ ପ୍ରାୟ ୧୫ ରୁ ୩୦ ବର୍ଷ ପାଇଁ ବଞ୍ଚେ। ଜୀବନକାଳରେ କେବଳ ଥରେ ମାତ୍ର ଫୁଲ ଧରେ। ଓଡ଼ିଶାର ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ପାହାଡ଼ରେ ଏକ ପ୍ରମୁଖ ଉଦ୍ଭିଦ।

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଜନଗଣନା କର୍ମଚାରୀଙ୍କୁ ମାଡ଼ ମାରି ୨ ଗିରଫ

## ଆନ୍ଧ୍ର ନେତାଙ୍କ ଶରଣରେ ଉପରସେମ୍ପି ଗ୍ରାମବାସୀ







ପଟ୍ଟାଙ୍ଗି, ୨୬।୪(ସମିସ): ବିବାଦୀୟ କୋଟିଆ ପଞ୍ଚାୟତର ଉପରସେମ୍ପି ଗ୍ରାମରେ ଜନଗଣନା କର୍ମଚାରୀଙ୍କୁ ବାଧା ଦେବା ସହ ଦୁର୍ବ୍ୟବହାର ଓ ମାଡ଼ ମାରିବା ଅଭିଯୋଗରେ କୋଟିଆ ଥାନା ପୁଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ପିଲୁକ ତାଡ଼ିଙ୍ଗ ଓ ଚିରଞ୍ଜୀବୀ ତାଡ଼ିଙ୍ଗ। ତେବେ ଏହାକୁ ନେଇ ସ୍ଥାନୀୟ ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କିଛି ଆନ୍ଧ୍ର ଏଜେଣ୍ଟଙ୍କ ପ୍ରରୋଚନାରେ ସ୍ଥାନୀୟ ଲୋକେ ସୀମାନ୍ତ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍ ମାନ୍ୟମ ଜିଲ୍ଲା ଅନ୍ତର୍ଗତ ସାଲୁର୍‌ର ବିଧାୟିକା ଗୁମାଡ଼ି ସନ୍ଧ୍ୟାରାଣୀଙ୍କ ଶରଣ ପଶିଛନ୍ତି। ସେ ଉକ୍ତ ଘଟଣା ନେଇ ଓଡ଼ିଶା ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି।

ସୂଚନାନୁଯାୟୀ, ଗତ ୧୮ ତାରିଖ ମଧ୍ୟାହ୍ନରେ ଜନଗଣନା ଅଧିକାରୀ କଳାକାର ଗେମେଲ ଉପରସେମ୍ପି ଗ୍ରାମରେ ନିଜର କାର୍ଯ୍ୟ ସମ୍ପାଦନ କରୁଥିବା ସମୟରେ ଗାଁର ପିଲୁକ ତାଡ଼ିଙ୍ଗି, ସନାମା ତାଡ଼ିଙ୍ଗି, ଚିରଞ୍ଜୀବୀ ତାଡ଼ିଙ୍ଗି ଓ ସେମାନଙ୍କ କିଛି ସହଯୋଗୀ ତାଙ୍କୁ ବିରୋଧ କରିଥିଲେ। ଅଭିଯୁକ୍ତମାନେ ଗେମେଲଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ୍ ମଧ୍ୟ କରିଥିଲେ। ଏପରିକି, ଗୃହଗଣନା କାର୍ଯ୍ୟରେ ସହଯୋଗ ନ କରିବାକୁ ଅଭିଯୁକ୍ତମାନେ ଗ୍ରାମବାସୀଙ୍କୁ ଉସୁକାଇଥିଲେ। ଜଣେ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରେ ବାଧା ଦେବା ଏବଂ ଶାନ୍ତିଭଙ୍ଗ କରିବା ଅପରାଧରେ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ଏନେଇ କୋଟିଆ ଥାନାରେ ନଂ ୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ କିଛି ଆନ୍ଧ୍ର ଏଜେଣ୍ଟ ସାଲୁର୍‌ର ବିଧାୟିକା ଗୁମାଡ଼ି ସନ୍ଧ୍ୟାରାଣୀଙ୍କୁ ସୂଚନା ଦେଇଥିଲେ। ଏନେଇ ସେ ଏକ ସାମ୍ବାଦିକ ସମ୍ମିଳନୀରେ ସନ୍ଧ୍ୟାରାଣୀ କହିଛନ୍ତି ଯେ ଏହି ଘଟଣା ସମ୍ପର୍କରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଜଣାଯିବ। ଏହାସହ ଓଡ଼ିଶା ସରକାର ବିନା କାରଣରେ କୋଟିଆବାସୀଙ୍କୁ ଅତ୍ୟାଚାର କରୁଥିବା କହି ବିଷୋଦ୍‌ଗାର କରିଛନ୍ତି।

## ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ

# ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଦାବି କରିବ ବିଜେଡି

**ବାଚସ୍ପତିଙ୍କୁ ଭେଟିବାକୁ ଏକାଠି ଯିବେ ସବୁ ବିଧାୟକ**

ଭୁବନେଶ୍ୱର,୨୬।୪(ସମିସ): ଗତମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ଦଳରୁ ନିଲମ୍ବିତ ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ଅଣ୍ଟା ଭିଡ଼ିଛି ବିଜେଡି। ସବୁ ଆଇନଗତ ଦିଗକୁ ତର୍ଜମାପରେ ତଥ୍ୟପ୍ରମାଣ ସହ ଏହି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ ସୋମବାର ଦଳର ସମସ୍ତ ବିଧାୟକ ବାଚସ୍ପତିଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିବେ। ଦିନ ୧୧ଟାରେ ଶଙ୍ଖ ଭବନରେ ବିଜେଡିର ସମସ୍ତ ବିଧାୟକ ଏକତ୍ରିତ ହେବା ପରେ ସେଠାରୁ ବିଧାନସଭା ଯିବେ ଓ ବାଚସ୍ପତି ସୁରମା ପାଢ଼ୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବେ।

ରାଜ୍ୟସଭା ନିର୍ବାଚନରେ ଦଳ ପକ୍ଷରୁ ଜାରି ୩ ଧାଡ଼ିଆ ହ୍ୱିପ୍‌କୁ ଅବମାନନା କରି ବିଧାୟକ ଚକ୍ରମଣି କହଁର, ନବ ମଲ୍ଲିକ, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ ଓ ଦେବୀରଞ୍ଜନ ତ୍ରିପାଠୀ କ୍ରସ ଭୋଟିଂ କରିଥିଲେ। ପୂର୍ବରୁ ନିଲମ୍ବିତ ହୋଇଥିବା ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ ମଧ୍ୟ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିଲେ। ଏହାକୁ ଆଧାର କରି କ୍ରସ ଭୋଟିଂ କରିଥିବା ବିଧାୟକମାନଙ୍କୁ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବିଜେଡି ବିଧାୟକ ଦଳ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିବା ଯୋଗୁଁ ସେମାନଙ୍କୁ କାହିଁକି ଦଳରୁ ନିଲମ୍ବନ କରାଯିବ ନାହିଁ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସେ ସଂକ୍ରାନ୍ତରେ କୈଫିୟତ ତଲବ କରିଥିଲେ। ନିଲମ୍ବିତ ବିଧାୟକମାନେ ଦଳର ମୁଖ୍ୟ ସଚେତକଙ୍କୁ ଫେରନ୍ତା ଉତ୍ତର ଦେଇଥିଲେ ହେଁ ଓଲଟି ଆଇନର ଧମକ ଦେଖାଇଥିଲେ। ଏହାପରେ ବିଜେଡି ୬ ଜଣ ବିଧାୟକଙ୍କୁ ନିଲମ୍ବିତ କରିଥିଲା ଓ ଏବେ ସେମାନଙ୍କର ସଭ୍ୟପଦ ରଦ୍ଦ ପାଇଁ ଉଦ୍ୟମ ଆରମ୍ଭ କରିଛି।

ଅପରପକ୍ଷରେ କଂଗ୍ରେସ ମଧ୍ୟ ନିଜର ୩ ବିଧାୟକଙ୍କୁ କ୍ରସ ଭୋଟିଂ ପାଇଁ ଦଳରୁ ନିଲମ୍ବିତ କରିବା ସହିତ ସେମାନଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ବାଚସ୍ପତିଙ୍କୁ ଦାବି ପତ୍ର ପ୍ରଦାନ କରି ସାରିଛି। ସମ୍ବିଧାନର ଦଶମ ଅନୁଚ୍ଛେଦକୁ ଆଧାର କରି ଦଳ ବିରୋଧୀ କାର୍ଯ୍ୟ ଓ ଅନ୍ୟାନ୍ୟ ବିଭିନ୍ନ ଦିଗକୁ ପ୍ରମାଣ ସ୍ୱରୂପ ପ୍ରଦାନ କରି ସମ୍ପୃକ୍ତ ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କୁଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଳ୍ପକେ ବର୍ତ୍ତିଗଲେ...

କରାଯାଇଛି। ଏହି ଘଟଣାରେ ଜଣେ ସୁରକ୍ଷା ଅଧିକାରୀ ଗୁଳିବିଦ୍ଧ ହୋଇଥିଲେ ମଧ୍ୟ ସେ ବୁଲେଟପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ ସୁରକ୍ଷିତ ଅଛନ୍ତି।ପରେ ହ୍ୱାଇଟ୍ ହାଉସରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀକୁ ଟ୍ରମ୍ପ ସମ୍ବୋଧିତ କରିଥିଲେ। ସେ ପ୍ରଥମେ ଗୁଳି ଶବ୍ଦକୁ କୌଣସି ଟ୍ରେ ପଡ଼ିଯିବାର ଶବ୍ଦ ବୋଲି ଭାବିଥିଲେ ବୋଲି କହିଥିଲେ। ସେ ନିଜ କାର୍ଯ୍ୟକୁ ବିପଜ୍ଜନକ ବୋଲି ସ୍ୱୀକାର କରିବା ସହ ଆମେରିକାବାସୀଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ନିଜର ମତଭେଦ ସମାଧାନ କରିବାକୁ ନିବେଦନ କରିଛନ୍ତି। ଏହି ଡିନରଟି ଆସନ୍ତା ୩୦ ଦିନ ମଧ୍ୟରେ ପୁନର୍ବାର ଆୟୋଜିତ ହେବ ବୋଲି ସେ ଘୋଷଣା କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଏବଂ ତାଙ୍କ ପରିବାର ସୁରକ୍ଷିତ ଥିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏହାକୁ କଡ଼ା ଭାଷାରେ ନିନ୍ଦା କରାଯିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଏବଂ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେନ୍‌ବମ୍ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଟ୍ରମ୍ପଙ୍କ ଉପରେ ଏହା ତୃତୀୟ ଆକ୍ରମଣ ଉଦ୍ୟମ। ପୂର୍ବରୁ ପେନସିଲଭାନିଆ ଏବଂ ଫ୍ଲୋରିଡାରେ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରାଯାଇଥିଲା।

### ଆକ୍ରମଣକାରୀକୁ 'ଲୋନ୍ ୱୁଲ୍ଫ'...

ଆକ୍ରମଣକାରୀ ଜଣକ ଏକାଧିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସୁରକ୍ଷା ଯାଞ୍ଚ କେନ୍ଦ୍ର ଉପରକୁ ଆକ୍ରମଣ କରିଥିଲେ। ଆକ୍ରମଣକାରୀ ଜଣେ ସିକ୍ରେଟ ସର୍ଭିସ୍ ଏଜେଣ୍ଟଙ୍କ ଉପରକୁ ଅତି ନିକଟରୁ ଗୁଳି ଚଳାଇଥିଲେ। ସୌଭାଗ୍ୟବଶତଃ, ବୁଲେଟପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ ଏଜେଣ୍ଟ ଜଣକ ରକ୍ଷା ପାଇଯାଇଛନ୍ତି ଏବଂ ତାଙ୍କ ଅବସ୍ଥା ଏବେ ସୁସ୍ଥ ରହିଛି। ଆକ୍ରମଣ ପରେ ବଲ୍ ରୁମ୍ ଭିତରେ ଉପସ୍ଥିତ ୨,୬୦୦ ଅତିଥିଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଏବଂ ଲୋକମାନେ ଟେବୁଲ୍ ତଳେ ଆଶ୍ରୟ ନେଉଥିବା ଦେଖାଯାଇଥିଲା।

ପୋଲିସ ଆକ୍ରମଣକାରୀକୁ କାଲିଫର୍ଣ୍ଣିଆର ୩୧ ବର୍ଷୀୟ କୋଲ୍ ଟୋମାସ୍ ଆଲେନ୍ ଭାବେ ଚିହ୍ନଟ କରିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ସେ ଜଣେ ଶିକ୍ଷକ ହୋଇଥାଇପାରନ୍ତି ଏବଂ ସେହି ହୋଟେଲର ଜଣେ ଅତିଥି ଭାବେ ରହିଥିଲେ। ୱାସିଂଟନ୍ ପୋଲିସ ତାଙ୍କ ନିକଟରୁ ଏକ ସଟଗନ୍, ଏକ ହ୍ୟାଣ୍ଡଗନ୍ ଏବଂ ଏକାଧିକ ଛୁରୀ ଜବତ କରିଛି। ଘଟଣା ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ ଆକ୍ରମଣକାରୀକୁ ଜଣେ "ଲୋନ୍ ୱୁଲ୍ଫ' (ଏକାକୀ ଆକ୍ରମଣକାରୀ) ଏବଂ ଜଣେ ଅସୁସ୍ଥ ବ୍ୟକ୍ତି ବୋଲି ବର୍ଣ୍ଣନା କରିଛନ୍ତି। ସେ ନିଜେ ଏହି ଆକ୍ରମଣର ଲକ୍ଷ୍ୟ ଥିଲେ ଅନୁମାନ କରୁଥିବା କହିଛନ୍ତି। ଏଥିସହ ସେ ହୋଟେଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାର ତଦନ୍ତ ଏବେ ଏଫବିଆଇର ଆତଙ୍କବାଦ ନିରୋଧୀ ୟୁନିଟ୍ ଦ୍ୱାରା କରାଯାଉଛି। ୨୦୨୪ରେ ଟ୍ରମ୍ପଙ୍କ ଉପରକୁ ହୋଇଥିବା ଦୁଇଟି ହତ୍ୟା ଉଦ୍ୟମ ପରେ ଏହି ଘଟଣା ସୁରକ୍ଷା ବ୍ୟବସ୍ଥାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି। ସୂଚନାଯୋଗ୍ୟ ଯେ, ଏହି ୱାସିଂଟନ୍ ହିଲଟନ୍ ହୋଟେଲରେ ୧୯୮୧ରେ ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରିଗାନଙ୍କୁ ମଧ୍ୟ ହତ୍ୟା କରିବାକୁ ପ୍ରୟାସ କରାଯାଇଥିଲା।

### ଦିଲ୍ଲୀରେ ସ୍ୱିସ୍ ବିମାନରେ...

ନିଷ୍ପତ୍ତି ନେଇଥିଲେ। ବିମାନରେ ୪ ଜଣ ଶିଶୁଙ୍କୁ ମିଶାଇ ମୋଟ ୨୨୮ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଥିଲେ। ଜରୁରୀକାଳୀନ ସ୍ଲାଇଡ୍ ଏବଂ କିଛି କ୍ଷେତ୍ରରେ ସିଡ଼ି ସାହାଯ୍ୟରେ ସମସ୍ତଙ୍କୁ ବିମାନରୁ ବାହାର କରାଯାଇଥିଲା। ଏହି ଉଦ୍ଧାର ପ୍ରକ୍ରିୟା ସମୟରେ ୬ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ବିମାନର ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଦୁର୍ଘଟଣା ଯୋଗୁଁ ସମ୍ପୃକ୍ତ ରନୱେକୁ କିଛି ସମୟ ପାଇଁ ବନ୍ଦ ରଖାଯାଇଥିଲା। ଏହି ଘଟଣା ପରେ ସ୍ୱିସ୍ ଏୟାରଲାଇନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଛି। କମ୍ପାନୀ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଯାତ୍ରୀଙ୍କ ସୁରକ୍ଷା ସେମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରଭାବିତ ଯାତ୍ରୀମାନଙ୍କ ପାଇଁ ହୋଟେଲ ରହଣି ଏବଂ ବିକଳ୍ପ ବିମାନର ବ୍ୟବସ୍ଥା କରାଯାଉଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଏୟାରଲାଇନ୍ସର ବୈଷୟିକ ବିଶେଷଜ୍ଞମାନେ ସୁଇଜରଲ୍ୟାଣ୍ଡରୁ ଦିଲ୍ଲୀ ଆସି ତଦନ୍ତ ଆରମ୍ଭ କରିବେ।

### ଆଜି ଜାଳିବ...

ଏଥିପାଇଁ ୨୮ ତାରିଖରୁ ତାତିରେ ବ୍ରେକ ଲାଗିବାର ସହ ବିଜୁଳି ଘଡ଼ଘଡ଼ିର ବିପଦ ବଢ଼ିଯିବ। ଏମିତି କି ୨୯ ଏପ୍ରିଲରୁ ମେ' ୨ ମଧ୍ୟରେ ରାଜ୍ୟରେ ବଡ଼ଧରଣର କାଳ ବୈଶାଖୀ ହେବା ନେଇ ଆଶଙ୍କା କରାଯାଇଛି। କାଳବୈଶାଖୀ ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ଅନେକ ସ୍ଥାନରେ ପବନର ବେଗ ୫୦-୬୦ କିମି ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହିଛି। ଏହାସହିତ ୨୭ଠାରୁ ପ୍ରାୟ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା କରାଯାଇଛି। ତେଣୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଏନେଇ ପାଣିପାଗ ବୈଜ୍ଞାନିକ ସଞ୍ଜିବ ଦ୍ୱିବେଦୀ କହିଛନ୍ତି, ଟ୍ରଫ୍ ଲାଇନ୍ ସହ ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହୁଛି। ପ୍ରଭାବରେ ବର୍ଷାର ପରିମାଣ ବଢିବ ବୋଲି ପୂର୍ବାନୁମାନ କରାଯାଉଛି। ସେହିପରି ବର୍ଷା ସମୟରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ୫୦ରୁ ୬୦ ସର୍ବାଧିକ ୭୦ କିମି ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। କାଳବୈଶାଖୀ ଯୋଗୁଁ ୨ରୁ ୩ ଦିନ ଭିତରେ ରାଜ୍ୟରେ ତାପମାତ୍ରା ୨ ରୁ ୪ ଡିଗ୍ରୀ ହ୍ରାସ ପାଇବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପଟେ ବିଭିନ୍ନ ମଡେଲ୍ ଅନୁଯାୟୀ ୧-୬ ଜୁନ୍ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳରେ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହା ସ୍ୱାଭାବିକ ସମୟ ହୋଇଥିବାରୁ ଏହା ପୂର୍ବରୁ ବିଭିନ୍ନ ସ୍ଥାନରେ ପ୍ରାକ ମୌସୁମୀ ବର୍ଷାର ସମ୍ଭାବନା ରହୁଛି। ସାଧାରଣତଃ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ୧ ଜୁନ ବେଳକୁ କେରଳ ଉପକୂଳ ଛୁଇଁଥାଏ। ଏହାର ଠିକ ୧୦ ରୁ ୧୨ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ମଧ୍ୟକୁ ପ୍ରବେଶ କରିଥାଏ। ଚଳିତବର୍ଷ ଏହି ପ୍ରକ୍ରିୟା ସ୍ୱାଭାବିକ ସମୟରେ ହେବା ନେଇ ମଡେଲ ଗୁଡିକ ପ୍ରାକ୍ ଆକଳନ କରୁଛନ୍ତି।

### ପୁଣି କାୟା ମେଲାଇଲାଣି...

ଏହି ଅଭିଯାନର ସୁଫଳ ଦେଖିବାକୁ ମିଳିଥିଲା। ୨୦୧୯ ମସିହାରେ ଏହି ସଂଖ୍ୟା ଆହୁରି କମିଥିଲା ଏବଂ ସେହିବର୍ଷ ମାତ୍ର ୩୯, ୫୫୬ଜଣ ରୋଗୀ ଚିହ୍ନଟ ହୋଇଥିଲେ। ସେହିପରି ୨୦୨୦ ମସିହାରେ ୪୧,୭୩୯ ଜଣ, ୨୦୨୧ ମସିହାରେ ୨୫ହଜାର ୫୨୫ ଜଣ ଏବଂ ୨୦୨୨ରେ ୨୩ ହଜାର ୭୭୦ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ହେଲେ ଏହା ପରଠାରୁ ରୋଗୀ ସଂଖ୍ୟା ପୁଣି ବଢ଼ି ଚାଲିଛି। ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ, ୨୦୨୩ ମସିହାରେ ରାଜ୍ୟରେ ୪୧ ହଜାର ୯୭୩ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବାବେଳେ, ୨୦୨୪ ମସିହାରେ ୬୮ ହଜାର ୬୩୯ ଜଣ ଏବଂ ୨୦୨୫-୨୬ରେ ୬୧ ହଜାର୧୩୭ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୫୫ଲକ୍ଷ କୀଟନାଶକ ସ୍ପ୍ରେ ମଶାରି ବଣ୍ଟନ କରାଯାଇଥିଲା। ଏଗୁଡ଼ିକର ଗୁଣବତ୍ତା ସରି ଯାଇଥିବାରୁ ଏବେ କାମରେ ଆସିପାରୁନାହିଁ। ମ୍ୟାଲେରିଆ ରୋଗୀସଂଖ୍ୟା ବୃଦ୍ଧିକୁ ନେଇ ସରକାର ଚିନ୍ତାରେ ଥିବାବେଳେ ସାଧାରଣ ଲୋକଙ୍କ ସଚେତନତା ଆଡ଼କୁ ବି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ରୋଗୀ ସଂଖ୍ୟା ବଢୁଥିବା ବେଳେ ପରୀକ୍ଷା ମଧ୍ୟ ଜୋର୍‌ଦାର୍ କରାଯାଉଛି। ବାର୍ଷିକ ରକ୍ତ ନମୁନା ପରୀକ୍ଷା ହାର ୨୦୨୫ରେ ୨୩.୨୧ ପ୍ରତିଶତକୁ ବୃଦ୍ଧି ପାଇଛି।୨୦୨୪ରେ ଏହି ହାର ୨୨.୪୯ ପ୍ରତିଶତ ଥିଲା। କେବଳ ସେତିକି ନୁହେଁ; ୨୦୩୦ସୁଦ୍ଧା ରାଜ୍ୟକୁ ମ୍ୟାଲେରିଆମୁକ୍ତ କରିବାକୁ ସରକାର ଯୋଜନା ରଖିଛନ୍ତି। ସେଥିପାଇଁ ଦୁର୍ଗମ ଅଞ୍ଚଳରେ ୮୫୩ ଜଣ ଚିକିତ୍ସା କର୍ମୀଙ୍କୁ ନିୟୋଜିତ କରାଯାଇଛି। ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ହସ୍ପିଟାଲ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ୬୬ଟି ମ୍ୟାଲେରିଆ ସେଣ୍ଟିନେଲ୍ ସାଇଟ୍ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ୪୮ ୯୦୫ଜଣ ଆଶାକର୍ମୀଙ୍କୁ ବିଭିନ୍ନ ଗ୍ରାମରେ ନିୟୋଜିତ କରାଯାଇଛି। ୨୦୨୨ରୁ ୨୦୨୭ ଯାଏ 'ଦମନ' ଯୋଜନାକୁ ବୃଦ୍ଧି କରାଯାଇ ୫୦ କୋଟି ବ୍ୟୟବରାଦ ହୋଇଛି। ବୌଦ୍ଧ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡ଼ା, ମାଲକାନଗିରି, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କେନ୍ଦୁଝରେ ଭଳି ୨୧ଟି ଜିଲ୍ଲାରେ ମ୍ୟାଲେରିଆ ସକ୍ରିୟ ରହିଥିବାରୁ ସେଠାରେ କୀଟନାଶକ ସ୍ପ୍ରେ ମଶାରି ବଣ୍ଟନ ଚାଲିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି।

ଅପରପକ୍ଷେ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରତିକ୍ରିୟା ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି ରୋଗକୁ ରୋକାଯାଇପାରିବ ଏବଂ ପରାସ୍ତ କରାଯାଇ ପାରିବ। ଓଡ଼ିଶା ନିଜ 'ଦମନ' ପଦକ୍ଷେପ ଫଳରେ ମ୍ୟାଲେରିଆ ନିରାକରଣରେ ପୂର୍ବରୁ ଉଦାହରଣ ସୃଷ୍ଟି କରିପାରିଛି। ଦୃଢ଼ ପଦକ୍ଷେପ ଦ୍ୱାରା ଏହି ରୋଗର ନିରାକରଣ କରାଯାଇପାରିବ ବୋଲି ପ୍ରମାଣିତ ହୋଇଥିବା ନବୀନ ଉଲ୍ଲେଖ କରିଛନ୍ତି।

### ଅତ୍ୟଧିକ ବିପଦ ଜୋନ୍‌ରେ...

ସ୍ୱାଭାବିକ ଠାରୁ ୪.୫ ରୁ ୬.୪ ଡିଗ୍ରୀ ସେଲସିୟସ୍ ଅଧିକ ହେଲେ ତାହାକୁ 'ଉଷ୍ମ ରାତି' ବର୍ଗୀକୃତ କରାଯାଇଥାଏ। ଏହି ପାର୍ଥକ୍ୟ ଅଧିକ ହେଲେ ତାହାକୁ 'ଗମ୍ଭୀର" ବା 'ଅତି ଗମ୍ଭୀର' ବର୍ଗରେ ସାମିଲ କରାଯାଇଥାଏ। ଦିନ ସମୟରେ ଖରା ତାତି ୪୦ ଡ଼ିଗ୍ରୀ ଅତିକ୍ରମ କଲେ ତାହାକୁ ଗ୍ରୀଷ୍ମ ଲହର ବୋଲି କୁହାଯାଉଥିଲା। ଖରାଦିନେ ଖରାବେଳେ ଘରୁ ନ ବାହାରିବା, ଛାଇରେ ରହିବା, ପର୍ଯ୍ୟାପ୍ତ ପାଣି ପିଇବା, ଘରୁ ବାହାରିବା ବେଳେ ଛତା ଧରି ବାହାରିବା ପାଇଁ ପରାମର୍ଶ ଦିଆଯାଉଥିଲା। ମାତ୍ର ଉଷ୍ମ ରାତିରେ ବାହାର ଅପେକ୍ଷା ଘର ହିଁ ବେଶୀ ବିପଦ ଡ଼ାକିଥାଏ। ସାରା ଦିନ କଂକ୍ରିଟ୍ କାନ୍ଥ ଓ ସିମେଣ୍ଟ ଛାତ ସାରା ଦିନ ସୂର୍ଯ୍ୟକିରଣ ଶୋଷଣ କରେ। ସୂର୍ଯ୍ୟାସ୍ତ ପରେ ସେହି ଗରମ ଧୀରେଧୀରେ ବାହାରକୁ ବାହାରିଥାଏ। ରାତି ଅଧରେ ବି ଘରର କାନ୍ଥ ଗରମ ଲାଗେ, ପଙ୍ଖାରୁ ବି ଗରମ ପବନ ବର୍ଷେ। ୨୦୨୫ ରେ ପ୍ରକାଶିତ ଏକ ସାଇନ୍ସ ଡାଇରେକ୍ଟ ରିପୋର୍ଟ ଅନୁସାରେ ୧୯୮୦ ରୁ ୨୦୨୦ ମଧ୍ୟରେ ଭାରତରେ ଗରମ ରାତି ସଂଖ୍ୟା ପ୍ରତି ଦଶନ୍ଧିରେ ୮ ଦିନ ବୃଦ୍ଧି ପାଇଛି। ଉତ୍ତର-ପୂର୍ବ, ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ ଭାରତରେ ଏହା ଲୋକଙ୍କୁ ଅଧିକ ପ୍ରଭାବିତ କରିଛି।। ଶକ୍ତି, ପରିବେଶ ଏବଂ ଜଳ ପରିଷଦ (ସିଇଇଡବ୍ଲୁ) ଅନୁଯାୟୀ ଦେଶର ପ୍ରମୁଖ ସହରଗୁଡ଼ିକରେ ଉଷ୍ମ ରାତି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଗତ ଦଶନ୍ଧି ମଧ୍ୟରେ ଦେଶର ୭୦% ଜିଲ୍ଲାରେ ଉଷ୍ମ ଦିବସ ସଂଖ୍ୟା ୨୮% ଓ ଉଷ୍ମ ରାତି ସଂଖ୍ୟା ୧୨% ବୃଦ୍ଧି ପାଇଛି।

ଏହି ରିପୋର୍ଟ ଅନୁସାରେ ୨୦୨୫ରେ ମୁମ୍ବାଇରେ ୧୫, ବେଙ୍ଗାଲୁରୁରେ ୧୧, ଭୋପାଳରେ ୭, ଜୟପୁରରେ ୭,ଦିଲ୍ଲୀରେ ୬ ଉଷ୍ମ ରାତି ଅନୁଭୂତ ହୋଇଛି। ଓଡ଼ିଶାର ଖୋର୍ଦ୍ଧା, ବଲାଙ୍ଗୀର, ତାଳଚେର, ସମ୍ବଲପୁର ଆଦି ଜିଲ୍ଲାରେ ପୂର୍ବାପେକ୍ଷା ଅଷ୍ଟ ଉଷ୍ମରାତି ଅନୁଭୂତ ହୋଇଛି। ବଢୁଥିବା ରାତିର ଉତ୍ତାପ ପାଇଁ କଂକ୍ରିଟ କୋଠା ଓ ରାସ୍ତାଘାଟକୁ ଦାୟୀ କରାଯାଉଛି। କଂକ୍ରିଟ ଓ ସିମେଣ୍ଟ କାନ୍ଥ ଓ ଘର ଗରମକୁ ଘଣ୍ଟାଘଣ୍ଟା ବାନ୍ଧିରଖେ। ସହରାଞ୍ଚଳର ଉଚ୍ଚ ଅଟ୍ଟାଳିକାଗୁଡ଼ିକ ବାୟୁ ପ୍ରବାହକୁ ଅବରୋଧ କରି ତାପକୁ ବୃଦ୍ଧି କରେ। ଯାହାକୁ 'ସହରୀ ତାପ ଦ୍ୱୀପ' ବୋଲି ଅଭିହିତ କରାଯାଇଥାଏ। ଭୋପାଳ, ଭୁବନେଶ୍ୱର, କଟକ ଭଳି ଦ୍ରୁତ ଗତିରେ ବଢୁଥିବା ସହରରେ, ରାତିରେ ପ୍ରତି ଦଶନ୍ଧିରେ ଏହି ପ୍ରଭାବ ବିଶେଷ ବୃଦ୍ଧି ପାଇଛି। ସିଇଇଡ଼ବ୍ଲୁ ରପୋର୍ଟ ଅନୁସାରେ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, କାନପୁର, ଗୁରୁଗ୍ରାମ, ଲକ୍ଷ୍ନୌ, ଭୁବନେଶ୍ୱର ପରି ସହରାଞ୍ଚଳର ଲୋକମାନେ ଏଥିରେ ବିଶେଷ ପ୍ରଭାବିତ ହୋଇଛନ୍ତି।

ଶକ୍ତି, ପରିବେଶ ଏବଂ ଜଳ ପରିଷଦ (ସିଇଇଡ଼ବ୍ଲୁ) ରିପୋର୍ଟ ଅନୁଯାୟୀ, ରାତିର ଗରମ ଏକ "ନୀରବ ହତ୍ୟାକାରୀ" ଭାବରେ କାର୍ଯ୍ୟ କରିଥାଏ। ଶରୀରର ଶୀତଳୀକରଣ ପ୍ରଣାଳୀ ଭାଙ୍ଗିଯାଏ। ରାତିରେ ବାହାରେ ଥଣ୍ଡା ହେଲେ, ଶରୀର ସୁସ୍ଥ ହେବା ପାଇଁ ସମୟ ପାଏ। କିନ୍ତୁ ଯଦି ରାତିର ତାପମାତ୍ରା ହ୍ରାସ ପାଏନାହିଁ, ତେବେ ଶରୀର ଅସୁସ୍ଥ ଅନୁଭବ କରେ। ଏହାକୁ "ତାପ ଚାପ" କୁହାଯାଏ। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ତାପ ଚାପ ଯୋଗୁଁ ଗ୍ରୀଷ୍ମ ରାତିରେ ହୃଦଘାତ ଆଶଙ୍କା ୬ ଗୁଣ ବୃଦ୍ଧି ପାଇଥାଏ। ଶରୀର ରାତିରେ ଥଣ୍ଡା ହୁଏ ନାହିଁ, ହୃଦୟକୁ ଶରୀରର ତାପମାତ୍ରା କମ କରିବା ପାଇଁ ନିରନ୍ତର ଅତିରିକ୍ତ ପରିଶ୍ରମ କରିବାକୁ ପଡ଼ିଥାଏ। ଏହା ରକ୍ତଚାପ ବୃଦ୍ଧି କରେ ଓ ଶୋଇବା ସମୟରେ 'ନୀରବ ହୃଦଘାତ' ହୋଇଥାଏ। ସେହିପରି ନିଦ୍ରା ହ୍ରାସ ଓ ବୃକକ୍ ଉପରେ ପ୍ରଭାବ ଶରୀର ଉପରେ ଗୁରୁତର ପ୍ରଭାବ ପକାଇଥାଏ।

### ତ୍ରୁଟିପୂର୍ଣ୍ଣ ଚିକିତ୍ସା...

କଠୋର୍ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ।

ଖବର ପାଇ ବାସୁଦେବପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଡାକ୍ତରଖାନା ଛକରେ ରାସ୍ତାରୋକ କରିଥିବା ବେଳେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଆଡିସ୍‌ନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ ଓ ଜିଲ୍ଲା ମେଡିକାଲ ଅଫିସର୍ ଡା. ମିନତି ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣର ପ୍ରତିଶ୍ରୁତି ଦେବା ପରେ ଦୀର୍ଘ ୬ ଘଣ୍ଟା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ଅମାନିଆ ଇସ୍କନ

# ପୁଣି ଆମେରିକା, ଅଷ୍ଟ୍ରେଲିଆରେ ଗଡ଼ାଇଲା ରଥ

ପୁରୀ, ୨୬।୪ (ସମିସ): ଅମାନିଆ ଇସ୍କନ। ଅଦିନିଆ ରଥଯାତ୍ରାକୁ ନେଇ ଯେତେ ଯାହା କହିଲେ ବି କିଛି ଶୁଣିବାକୁ ନାରାଜ। ଶାସ୍ତ୍ରୀୟ ମତ ଏପରିକି ଆଇନଗତ ଧମକ ଦେଲେ ବି ମାନୁନାହିଁ। ଅମାନିଆ ଇସ୍କନ୍ କରୁଛି ମନମାନି। ବାରମ୍ବାର ଚେତାବନୀ ଓ ବାରଣ ସତ୍ତ୍ୱେ ପୁଣି ଅଦିନିଆ ରଥଯାତ୍ରାର ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ ଶନିବାର ଆମେରିକା ଓ ଅଷ୍ଟ୍ରେଲିଆରେ ଅତିଥିରେ ରଥ ଗଡ଼ାଇଛି ଇସ୍କନ। ନିକଟରେ ଆମେରିକାର ଟେକ୍ସାସ୍ ସହରସ୍ଥିତ ଡଲାସରେ 'ଫେଷ୍ଟିଭାଲ୍ ଅଫ୍ ଜୟ' ଏବଂ ଅଷ୍ଟ୍ରେଲିଆର ବ୍ରିସବେନରେ 'ଫେଷ୍ଟିଭାଲ୍ ଅଫ୍ ଚାରିୟଟ୍' ନାଁରେ ରଥଯାତ୍ରା କରିଥିଲା। ଏବେ ପୁଣି ହୋଷ୍ଟନ୍ ସହରରେ ଅଦିନିଆ ରଥଯାତ୍ରା କରିଛି।

ଗଜପତି ଦିବ୍ୟସିଂହ ଦେବ ବାରମ୍ବାର ଏ ନେଇ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଗତ ଏପ୍ରିଲ ୧୧ ତାରିଖରେ ଗଜପତି ଦିବ୍ୟସିଂହ ଦେବ ଏକ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ, ଇସ୍କନ ସଂସ୍ଥା ଶ୍ରୀକ୍ଷେତ୍ର ବା ମୂଳପୀଠ ପରମ୍ପରାର ବ୍ୟତିକ୍ରମ କରୁଛନ୍ତି। ଗତବର୍ଷ ମଧ୍ୟ ଇସ୍କନ୍ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା କରାଯାଇଛି। ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ବହୁ ଆଚାର୍ଯ୍ୟ ଶାସ୍ତ୍ରୀୟ ମତ ଆଧାରରେ ଆଷାଢ଼ ଶୁକ୍ଳ ଦ୍ୱିତୀୟରେ ରଥଯାତ୍ରା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଇସ୍କନର ଅଦିନିଆ ରଥଯାତ୍ରା ରୋକିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁଦାୟିତ୍ୱ ରହିଛି। ଗଜପତି ଦିବ୍ୟସିଂହଦେବ ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଥିଲେ। ଏହା ସତ୍ତ୍ୱେ ଇସ୍କନ୍ ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାର ଓ ଗଜପତି ମହାରାଜାଙ୍କୁ ଭ୍ରୂକ୍ଷେପ ନକରି ଅଦିନିଆ ରଥଯାତ୍ରା କରିଛି। କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ଏଭଳି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ସେବାୟତ ଦାବି କରିଛନ୍ତି। ଇସ୍କନ୍‌ର ଅଦିନିଆ ରଥଯାତ୍ରାକୁ ନେଇ ଭକ୍ତ, ସେବାୟତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଇସ୍କନର ଏପରି ମନମାନିକୁ ବିରୋଧ କରି ଏହାକୁ ବନ୍ଦ କରିବା ପାଇଁ ସମସ୍ତେ ଆଗେଇ ଆସନ୍ତୁ ବୋଲି ଛତିଶା ନିଯୋଗ ପକ୍ଷରୁ ଆହ୍ୱାନ ଦିଆଯାଇଛି। ନିକଟରେ ଐକ୍ୟମଣ୍ଡଳୀ ବୈଠକରେ ମଧ୍ୟ ଗଜପତି ମହାରାଜା ଏନେଇ ଇସ୍କନ୍ ଉପରେ ବର୍ଷିଥିଲେ। ଆଗାମୀ ଦିନରେ ଇସ୍କନ୍‌ର ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ପ୍ରକ୍ରିୟା ଜାରି ରହିବା ସହ ଶେଷରେ ଆଇନର ଆଶ୍ରୟ ନିଆଯିବ କହିଥିଲେ ଗଜପତି ମହାରାଜା ଦିବ୍ୟସିଂହଦେବ।

ସୂଚନାଥାଉ କି, ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବଡ଼ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ଓହ୍ଲାଇ ଆସନ୍ତି ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ଭାଇ, ଭଉଣୀଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଯାଆନ୍ତି ଶ୍ରୀଗୁଣ୍ଡିଚା ମନ୍ଦିର।

## ପ୍ଲଟ୍ ବ୍ୟବସାୟୀ ସୁଧୀର ହତ୍ୟା ଘଟଣା

# କେମିତି ମାରିଥିଲେ, ଦେଖାଇଲେ



ବ୍ରହ୍ମପୁର, ୨୬।୪ (ସମିସ): ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅପହରଣ ପରେ କିଭଳି ହତ୍ୟା କରାଯାଇଥିଲା, ତାହାର ଡେମୋ ଦେଖାଇଛନ୍ତି ୫ ଅଭିଯୁକ୍ତ। ଗିରଫ ମୋଟ ୯ ଜଣଙ୍କ ମଧ୍ୟରୁ ଗୋପାଳପୁର ଥାନା ପୁଲିସ ୫ଜଣଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି। ଆଜି ୫ ଅଭିଯୁକ୍ତଙ୍କୁ ନେଇ କ୍ରାଇମ ସ୍ପଟକୁ ନେଇଥିଲା।

ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ତଥା ସୁଧୀରଙ୍କ ଝିଆରୀ ନିବେଦିତାଙ୍କ ପୁରୁଷ ବନ୍ଧୁ କାଳୁ ଚରଣ ପ୍ରଧାନଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବଣଗାଁ ନିକଟସ୍ଥ ଭଲିବଲ କୋର୍ଟକୁ ଅଣାଯାଇଥିଲା। ଅପହରଣ ପୂର୍ବରୁ ସେଠାରେ କିଭଳି ସୁଧୀରଙ୍କ ଗତିବିଧି ଉପରେ ନଜର ରଖି ରେକି କରାଯାଇଥିଲା ସେ ନେଇ କାଳୁ କହିଥିଲା। ପରେ ପୁଣି ପୃଥକ ଭାବେ ଅନ୍ୟତମ ଅଭିଯୁକ୍ତ ତଥା ଉତ୍ତରପ୍ରଦେଶର ସାର୍ପ ସୁଟର ସୂର୍ଯ୍ୟ ପ୍ରତାପ ସିଂଙ୍କୁ ମଧ୍ୟ ଅପହରଣ ସ୍ଥଳକୁ ନେଇଥିଲା ପୁଲିସ। ସେଠାରେ କାଳୁ ସୁଧୀରଙ୍କ ସମ୍ପର୍କରେ ରେକି କରି ସୂର୍ଯ୍ୟଙ୍କୁ ଖବର ଦେବା ପରେ ସୂର୍ଯ୍ୟ ଓ ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ଜିତୁନ ପଲେଇ କିଭଳି ବୋଲେରୋ ଗାଡ଼ିରେ ସୁଧୀରଙ୍କୁ ଅପହରଣ କରିଥିଲେ ସେ ସମ୍ପର୍କିତ ଡେମୋ ଦେଖାଇଥିଲା ସୂର୍ଯ୍ୟ। ପରେ ୫ ଅଭିଯୁକ୍ତଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବୁଗୁଡ଼ା ରାମପାଦ ଜଙ୍ଗଲକୁ ନେଇ ସେଠାରେ କିପରି ନିର୍ଯାତନା ସହ ଫାଙ୍କା ଗୁଳିଚାଳନା କରିଥିଲେ ସେସବୁର ସୂଚନା ଦେଇଥିଲେ ଅଭିଯୁକ୍ତ। ପରିଶେଷରେ ସୋରଡ଼ାରୁ ୨୦କିଲୋମିଟର ଦୂରରେ ଥିବା ଜଙ୍ଗଲରେ ମୃତଦେହକୁ କିଭଳି କାରରେ ନେଇ ଫିଙ୍ଗି ଫେରାର ହୋଇଥିଲେ ସେନେଇ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ ୫ ଅଭିଯୁକ୍ତ।

ସୁଧୀରଙ୍କ ହତ୍ୟା ଘଟଣାର କ୍ରାଇମ ସିନ୍ ରିକ୍ରିଏସନ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଲାଗିଥିଲା ଲୋକଙ୍କ ପ୍ରବଳ ଭିଡ଼। ଅଭିଯୁକ୍ତଙ୍କୁ କଠୋରରୁ ଅତି କଠୋର ଦଣ୍ଡବିଧାନ କରି ସୁଧୀରଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ହୋଇଛି ସବୁ ମହଲରେ ଦାବି। ସୁଧୀର କେବଳ ଜଣେ ଭଲ ବ୍ୟବସାୟୀ ନଥିଲେ ବରଂ ଜଣେ ଭଲ ଭଲିବଲ ଖେଳାଳି। ଗତ କିଛିବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରେ ମଧ୍ୟ ଉତ୍ତମ ଖେଳ ପ୍ରଦର୍ଶନ କରି ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଥିଲେ। ଭଲିବଲ ଖେଳରେ ସମଗ୍ର ଗଞ୍ଜାମରେ ରହିଛି ତାଙ୍କର ସ୍ୱତନ୍ତ୍ର ପରିଚୟ। ତାଙ୍କ ହତ୍ୟାକାରୀଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ନୁହେଁ ବରଂ ଆଣ୍ଠେଇ ଆଣ୍ଠେଇ ଥାନାରୁ ଅପହରଣ ସ୍ଥଳକୁ ଆଣି ପୁଲିସ କ୍ରାଇମ ସିନ୍ ରିକ୍ରିଏସନ କରିବା କଥା ବୋଲି କହିଛନ୍ତି ସୁଧୀରଙ୍କ ଆତ୍ମୀୟ ଓ ପରିଜନ। ଅଭିଯୁକ୍ତଙ୍କୁ ୩ଦିନିଆ ରିମାଣ୍ଡ ଆଣିଥିବା ବେଳେ ଗୋଟିଏ ଦିନରେ ୫ଘଣ୍ଟାରୁ ଅଧିକ ସମୟ ଜେରା ଓ କ୍ରାଇମ ସିନ୍ ରିକ୍ରିଏସନରେ ବିତିଯାଇଛି। ଆସନ୍ତା କାଲି ଅଭିଯୁକ୍ତଙ୍କୁ ଜେରା ପରେ ରିମାଣ୍ଡ ଅବଧି ଶେଷ ସହିତ ପୁଣି କୋର୍ଟରେ ହାଜର କରି ଜେଲ ହଜାତକୁ ପଠାଇବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଖୁବଶୀଘ୍ର ଅଭିଯୁକ୍ତ ତୁଷାର, ନିବେଦିତା ଓ ଶୁଭମଙ୍କ ସମେତ ଅନ୍ୟ ୪ଜଣ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ନେବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି।

## ଏମ୍‌କେସିଜିରେ ଆରମ୍ଭ ହେଲା ୧୦ଶଯ୍ୟା ବିଶିଷ୍ଟ ଏମ୍‌ଏନ୍‌ସିୟୁ

# ଏକାଠି ଚିକିତ୍ସିତ ହେବେ ମା' ଓ ନବଜାତକ

ବ୍ରହ୍ମପୁର,୨୬।୪(ସମିସ): ଏମ୍‌କେସିଜି ମେଡ଼ିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ଏମଏନସିୟୁ(ମାତୃ ଓ ନବଜାତ ଶିଶୁ କେୟାର ୟୁନିଟ) ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ଏମଏନସିୟୁ ସେବାର ଶୁଭାରମ୍ଭ କରିଥିବା ବେଳେ ଏଣିକି ଉଭୟ ମା' ଓ ଶିଶୁ ଏକାଠି ଚିକିତ୍ସା ସେବା ପାଇପାରିବେ। ରାଜ୍ୟରେ ଅନ୍ୟ କୌଣସି ସରକାରୀ ହସ୍ପିଟାଲରେ ମାତୃ ଓ ନବଜାତ ଶିଶୁଙ୍କ କେୟାର ୟୁନିଟ୍ ନ ଥିବା ବେଳେ ଏମ୍‌କେସିଜି ମେଡ଼ିକାଲରେ ଏହି ସେବା ପ୍ରଥମ କରି ଆରମ୍ଭ ହୋଇଛି। ଏଥିନିମନ୍ତେ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଏନଏଚଏମ ବା ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ୟୁନିସେଫ ପକ୍ଷରୁ ପ୍ରଦାନ କରାଯାଇଛି।

### ଭିତ୍ତିଭୂମି ଯୋଗାଇଲା ଏନ୍‌ଏଚ୍‌ଏମ୍ ଓ ୟୁନିସେଫ

ଗୁରୁତର ଶିଶୁଙ୍କ ନିମନ୍ତେ ଫଟୋ ଥେରାପି ୟୁନିଟ୍ ସହ ମା'ଙ୍କ ପାଇଁ ଉନ୍ନତମାନର କିଚେନର ବ୍ୟବସ୍ଥା କରାଯାଇଛି। ଏଭଳି ଭାବେ ନୂତନ ମାତୃ ଓ ନବଜାତ ଶିଶୁ କେୟାର ୟୁନିଟରେ ଆବଶ୍ୟକ ସମସ୍ତ ଉପକରଣ ଉପଲବ୍ଧ ହୋଇଛି। ସେହିପରି ଉଭୟ ମା' ଓ ଶିଶୁଙ୍କ ଚିକିତ୍ସା ପାଇଁ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ଓ ଶିଶୁରୋଗ ବିଭାଗର ଡାକ୍ତରଙ୍କୁ ଏଠାରେ ନିୟୋଜିତ କରାଯିବ। ଏହି ୟୁନିଟ୍ କାର୍ଯ୍ୟକ୍ଷମ ଦ୍ୱାରା ଉଭୟ ମା' ଓ ଶିଶୁ ଏକାସାଙ୍ଗରେ ଗୋଟିଏ ସ୍ଥାନରେ ଚିକିତ୍ସିତ ହୋଇପାରିବେ। ଫଳରେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି।

ପୂର୍ବରୁ ମେଡିକାଲରେ ନବଜାତଙ୍କ ଚିକିତ୍ସା ନିମନ୍ତେ ଏସଏନସିୟୁ (ସ୍ୱତନ୍ତ୍ର ନବଜାତ ଯତ୍ନ ୟୁନିଟ୍) ରହିଥିବା ବେଳେ ଏଠାର ଗୁରୁତର ନବଜାତ ଶିଶୁଙ୍କ ଚିକିତ୍ସା କରାଯାଏ। କିନ୍ତୁ ଏହି ସମୟରେ ଉକ୍ତ ଶିଶୁଙ୍କ ମା'ମାନଙ୍କ ରହିବା ଏବଂ ଚିକିତ୍ସା ନିମନ୍ତେ କୌଣସି ବ୍ୟବସ୍ଥା ନଥିଲା। ଏଭଳି କ୍ଷେତ୍ରରେ ଉଭୟ ମା' ଓ ଶିଶୁଙ୍କୁ ପୃଥକ ପୃଥକ ବିଭାଗରେ ରଖି ଚିକିତ୍ସା କରାଯାଉଥିଲା।

**AFFIDAVIT**

By virtue of an Affidavit sworn before the R. Das Exective Magistrate, Bhubaneswar, Dated: 23.04.2026, I, **Malati Dash**, W/o.: Late Sukadev Dash, Permanent Resident of At/PO.: Kendrapara, Odisha, PIN-754217, declare that I have changed my minor son's name from Somjeet Dash to **Soumyajit Dash.** Henceforth, he shall be known as **Soumyajit Dash** for all purposes.

**Malati Dash**

**କୋରେଇରେ ପାଣି ପାଇଁ ହାହାକାର**

# ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲାନି

କୋରେଇ, ୨୬ ।୪(ସମିସ):



ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ପୂର୍ବ ସରକାରଙ୍କ ସମୟରେ ୫ବର୍ଷ ତଳେ କୋରେଇରେ ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖରସ୍ରୋତା ଓ ବୈତରଣୀ ନଦୀରୁ ପାଣି ଉଠାଯାଇ ସ୍ଥାନେ ସ୍ଥାନେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ମାଧ୍ୟମରେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଥିଲା। ସେଥିପାଇଁ ବିଭିନ୍ନ ସ୍ଥାନରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ହୋଇଛି। ଗାଁକୁ ପାଣି ପାଇପ ବିଛାଯାଇଛି। ତେବେ, ଏହା ଦୀର୍ଘ ଦିନ ହେଲା ଅସମ୍ପୂର୍ଣ ହୋଇ ପଡିରହିଛି। ଏବେ ସୁଦ୍ଧା ସବୁ ଗାଁକୁ ପାଣି ପାଇପ ସଂଯୋଗ ହୋଇ ପାରିନାହିଁ। ଯେଉଁଠି ବି ହୋଇଛି ରକ୍ଷଣାବେକ୍ଷଣ ଅଭାବ ଓ ଦୀର୍ଘ ଦିନ ଧରି ଏହା ପଡି ରହିବା ଫଳରେ କେଉଁଠି ପାଇପ ନଷ୍ଟ ହୋଇ ଗଲାଣି ତ ଆଉ କେଉଁଠି ଚୋରି ହେଲାଣି। ଓଭରହେଡ୍ ପାଣିଟାଙ୍କି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। କୋରେଇରେ ଅଧିକାଂଶ ପଞ୍ଚାୟତରେ ଗ୍ରୀଷ୍ମ ଦିନେ ଜଳ ସଙ୍କଟ ଦେଖା ଦେଇଥାଏ। ଏପରିକି କେତେକ ସ୍ଥାନରେ ଟ୍ୟାଙ୍କର ଯୋଗେ ଲୋକଙ୍କୁ ପାଣି ଯୋଗାଇ ଦିଆଯାଇଥାଏ। ରଗଡି ଅଞ୍ଚଳର ତଳଗଡ଼, ଖମିଗାଁ, ପୂର୍ବକୋଟ, ଗଜେନ୍ଦ୍ରପୁର ତଥା କୋରେଇର ଅନ୍ୟାନ୍ୟ ସ୍ଥାନରେ ଚାଲିଥିବା ପାଣିଟାଙ୍କି କାର୍ଯ୍ୟ ସମ୍ପୂର୍ଣ ହୋଇଥଲେ ହେଁ ଆନୁଷଙ୍ଗିକ କାର୍ଯ୍ୟ ଅଧାରେ ରହିଛି। ପଚ୍ଛିକୋଟ ପଞ୍ଚାୟତ ଗୟଳଗଡିଆ ନିକଟରେ ବାସ କରୁଥିବା ପରିବାରର ଝିଅବୋହୂ ଅଧ କିଲୋମିଟର ଦୂରରେ ପରିତ୍ୟକ୍ତ ମେଲା ମୁକୁଳା ଅବସ୍ଥାରେ ଥିବା ଏକ ପୁରାତନ କୂଅର ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଆଜିକା ଦିନରେ ବି ଲୋକଙ୍କର ଏହି ଅବସ୍ଥା। ନିକଟରେ ଥିବା ଖମିଗାଁ ଯେଉଁଠି ତିନିଶହ ପରିବାର ବାସ କରିଥିବାବେଳେ ଅର୍ଦ୍ଧାଧିକ ଦଳିତ ବର୍ଗର। ଏଠାରେ ପିଇବା ପାଣି ସମସ୍ୟା ଉତ୍କଟ। ଗ୍ରାମରେ ଯେଉଁ ନଳକୂପ ରହିଛି ଗୋଟିଏ ଦୁଇଟି ଛାଡି ଦେଲା ପରେ ଅନ୍ୟ ନଳକୂଅ ପାଣି ପିଇବା ଉପଯୋଗୀ ନୁହେଁ। ଏଥିପାଇଁ ଲୋକଙ୍କୁ ପିଇବା ପାଣି ସଂଗ୍ରହରେ ହୀନସ୍ତା ହେବାକୁ ପଡୁଛି। ଲୋକଙ୍କୁ ଦୂରତା ପାଇଁ ସାଇକେଲ ଓ ଭାରରେ ପାଣି ବୋହିକି ନେବାକୁ ପଡୁଛି। ମହିଳାଙ୍କୁ ବି ପାଣି ନେବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଦୂଷିତ ପାଣି ପାଇଁ କିଡନୀ ରୋଗରେ ତିନିଚାରି ବର୍ଷରେ ଏଠାରେ ପାଞ୍ଚରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ଏକାଧିକ ଆକ୍ରାନ୍ତ ଅଛନ୍ତି। ଅଭିଯୋଗ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ନମୁନା ପରୀକ୍ଷା ସମୟରେ ଏହା ଦୂଷିତ ଥିବା ଜଣାପଡ଼ିଥିଲା। ପାନୀୟଜଳ ଦୂଷିତ କାରଣରୁ କିଛି ଦିନ ତଳେ କୋରେଇରେ ଝାଡାବାନ୍ତି ବ୍ୟାପକ ରୂପ ଧାରଣ କରିଥିଲା। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବାର ଆବଶ୍ୟକତା ରହିଛି। ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟରେ ଯେଉଁଠି ଠିକାଦାର ଅବହେଳା କରୁଛନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯାନୁଷ୍ଠାନ ଗ୍ରହଣ କରାଯିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟରେ ବିଳମ୍ବ କାରଣରୁ ଏଠାରେ ଲୋକଙ୍କୁ ମେଗା ପାନୀୟଜଳ ସୁବିଧା କେବେ ମିଳିବ ତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଲୋକମାନେ ଯେଭଳି ମେଗା ପାନୀୟଜଳର ସୁବିଧା ଖୁବଶୀଘ୍ର ପାଇପାରିବେ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ରେଳ ଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ଭଦ୍ରକ,୨୬।୪(ସମିସ): ରବିବାର ସକାଳୁ ଭଦ୍ରକ ରେଳ ଷ୍ଟେସନ ଡଗରାସାହି ଏଲ୍‌ସି ଗେଟ୍ ନିକଟରେ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ଭଦ୍ରକ ରେଳବାଇ ପୁଲିସ ଉଦ୍ଧାର କରିଛି। ମୃତକଙ୍କ ବୟସ ୪୦ରୁ ୪୫ ବର୍ଷ ବୟସ ହେବ ବୋଲି ଅନୁମାନ କରାଯାଉଛି। ସେ ଏକ ଟି-ସାର୍ଟ ଓ ଟ୍ରାକ୍‌ସୁଟ୍ ପରିଧାନ କରିଛନ୍ତି। ସୂଚନାନୁଯାୟୀ, ଟ୍ରେନ୍ ନମ୍ବର-୦୧୯୩୦, ଭିଭିଏଲ୍ ଝାନ୍ସୀ ସମର ଏକ୍ସପ୍ରେସ୍‌ଟି ବାଲେଶ୍ୱର ଅଭିମୁଖେ ଯାଉଥିବାବେଳେ ରବିବାର ସକାଳେ ସମ୍ପୃକ୍ତ ଯୁବକ ଜଣକ ଟ୍ରେନ୍‌ରୁ ଖସି ତଳେ ପଡ଼ିଯାଇଥିଲେ। ଏ ସମ୍ପର୍କରେ ରେଳ ମଦର ଅଭିଯୋଗରେ ଭଦ୍ରକ ରେଳବାଇ ପୁଲିସକୁ ଖବର ମିଳିଥିଲା। ତେବେ ସମ୍ପୃକ୍ତ ଯୁବକ ଜଣକ ଖସି ପଡ଼ିଛନ୍ତି କି ଟ୍ରେନ୍‌ରୁ ଡେଇଁ ପଡ଼ିଛନ୍ତି ଏହା ସ୍ପଷ୍ଟ ହୋଇନି। ଭଦ୍ରକ ରେଳବାଇ ପୁଲିସ ଘଟଣାସ୍ଥଳରୁ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଘଟଣାରେ ଏକ ଅପମୃତ୍ୟୁ ମାମଲା(ନଂ-୩୨/୨୬) ରୁଜୁ କରିଛି।

## ବନ୍ତ ଛକରେ କାର୍ ଜାଳିଦେଲେ ଦୁର୍ବୃତ୍ତ



ଭଦ୍ରକ,୨୬।୪(ସମିସ): ଭଦ୍ରକର ବନ୍ତ ଛକରେ କେହି ଦୁର୍ବୃତ୍ତ ରବିବାର ଭୋର୍ ସମୟରେ ଏକ ଅଜଣା କାର୍‌କୁ ନିଆଁ ଲଗାଇ ଜାଳି ଦେଇଛନ୍ତି। କେଉଁ କାରଣରୁ କାର୍‌ରେ ନିଆଁ ଲାଗିଲା, କିଏ ଓ କାହିଁକି ନିଆଁ ଲଗାଇଲା ତାକୁ ନେଇ ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ ଭଦ୍ରକ ଟାଉନ ପୁଲିସ ଏହାର ଖୋଳତାଡ଼ ଆରମ୍ଭ କରିଛି। ଏହି ଘଟଣାରେ କେହି ଗିରଫ ହୋଇ ନ ଥିବାବେଳେ କାର୍‌ଟି କାହାର ବୋଲି କେହି ଦାବିଦାର୍ ମଧ୍ୟ ନାହାନ୍ତି। କୌଣସି ଲୋକ ଏହି ଘଟଣାରେ ଥାନାରେ କିଛି ଅଭିଯୋଗ କରିନାହାନ୍ତି ବୋଲି ଟାଉନ୍ ଥାନା ଆଇଆଇସି ପ୍ରଭଂଶ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି କାର୍‌ରେ ୫ଟି ଗୋରୁ ଚାଲାଣ ହେଉଥିଲା ଓ ଗୋରୁଙ୍କୁ ବାହାରକୁ ବାହାର କରି ସେଥିରେ ନିଆଁ ଲଗାଇ ଦିଆଯାଇଥିବା ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଚାର ହେଉଛି।

## ୧୫ ଲିଟର ଆସ୍କାଫର୍ଟି ଜବତ; ଅଭିଯୁକ୍ତ ଗିରଫ

ତିହିଡ଼ି/ଦୋଲସାହି,୨୬।୪(ସମିସ): ତିହିଡ଼ି ଥାନାର ପ୍ରଥମ ମହିଳା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ଯୋଗଦାନ ପରେ ବେଆଇନ ନିଶା ବେପାର କରୁଥିବା ବେପାରୀଙ୍କ ମଧ୍ୟରେ ଛନକା ପଶିଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, ତିହିଡ଼ି ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବେଆଇନ ବେସରକାରୀ ଦେଶୀ ମଦ ଓ ସରକାରୀ ଦେଶୀ ମଦ (ଆସ୍କାଫର୍ଟି) ବେଆଇନ ଭାବେ ଖୁଲମ୍‌ଖୁଲା ବେପାର ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତିହିଡ଼ି ଥାନା ଅଧିକାରିଣୀଙ୍କ ନିର୍ଦ୍ଦେଶରେ ତିହିଡ଼ି ପୁଲିସର ଏକ ଟିମ୍ ଦୋଲସାହିଠାରେ ଛକିଥିଲେ। ଦୋଲସାହି ଗ୍ରାମର ବାସୁଦେବ ବେହେରାଙ୍କଠାରୁ ୧୫ ଲିଟର ସରକାରୀ ଦେଶୀ ମଦ ନେଉଥିବାବେଳେ ତାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି।



## ବାରୋ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ଘଟଣାରେ ୪ ଗିରଫ

ତିହିଡ଼ି,୨୬।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ବାରୋ ପଞ୍ଚାୟତ କାର୍ଯ୍ୟାଳୟରୁ ବିଭିନ୍ନ ସାମଗ୍ରୀ ଚୋରି ଘଟଣାରେ ତିହିଡ଼ି ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାରୋ ଗ୍ରାମର ବାବୁଲି ଦାସଙ୍କ ପୁଅ ଦୀପୁ ଓରଫ ଜଗନ୍ନାଥ ଦାସ ଓ କମଳାକାନ୍ତ ଦାସଙ୍କ ପୁଅ ପାପୁ ଓରଫ ପ୍ରଶାନ୍ତ ଦାସ, ଆରସା ଗ୍ରାମର ସ୍ୱର୍ଗତ ଲକ୍ଷ୍ମୀଧର ଦାସଙ୍କ ପୁଅ ଲମ୍ବୋଦର ଦାସ ଓ ନନ୍ଦପୁର ଗ୍ରାମର ଜବର ସାହାଙ୍କ ପୁଅ ଗୋରା ସାହାକୁ ଗିରଫ କରାଯାଇଛି। ଦୀପୁ ଓରଫ ଜଗନ୍ନାଥଙ୍କ ନାମରେ ପୂର୍ବରୁ ଆହୁରି ଦୁଇଟି ମାମଲା ଥିବା ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ବାରୋ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ବିଭିନ୍ନ ନଳକୂଅ ଯନ୍ତ୍ରାଂଶ ଓ ଅନ୍ୟ କେତେକ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା।



## ପକ୍ଷୀର ମନକଥା ବୁଝନ୍ତି ପକ୍ଷୀରାଣୀ ମାମାଲି



ବାରିକପୁର,୨୬।୪(ସମିସ): କରୋନା ମହାମାରୀ ସମୟରେ ଯେତେବେଳେ ସାରା ବିଶ୍ୱର ମଣିଷ ସମାଜ ସ୍ତବ୍ଧ ଓ ନିରବ ହୋଇଯାଇଥିଲା ସେତେବେଳେ ନୀରିହ ପଶୁପକ୍ଷୀଙ୍କ କଥା ପଚାରେ କିଏ। ଠିକ୍ ଏହି ସମୟରେ ପଶୁପକ୍ଷୀଙ୍କ ମନକଥା ବୁଝିବାକୁ ଆଗକୁ ପାଦ ବଢ଼ାଇଥିଲେ ୭/୮ ବର୍ଷର ଛୋଟ ଝିଅଟିଏ। ଉଦୁଉଦିଆ ଖରାବେଳେ ବୁଲା ଗାଈଗୋରୁଙ୍କ ପାଇଁ ରାସ୍ତା ପାର୍ଶ୍ୱରେ ରଖୁଥିଲେ ପାଣି ମାଠିଆ ଓ ପକ୍ଷୀଙ୍କ ପାଇଁ ଗଛ ଡାଳରେ ବାନ୍ଧି ଦେଉଥିଲେ ଖାଦ୍ୟ ପୁଡ଼ିଆ। ସେବେଠାରୁ ଆଜି ଯାଏଁ ଏହା ତାଙ୍କ ପାଇଁ ପାଲଟିଛି ନିଶା। ଆଜି ବି ଡହଡହ ଗ୍ରୀଷ୍ମରେ ପୂର୍ବ ଭଳି ନିଜ ଦାୟିତ୍ୱକୁ ବଜାୟ ରଖିଛନ୍ତି ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ପକ୍ଷୀରାଣୀ ଭାବେ ପରିଚିତ ମାମାଲି ପଣ୍ଡା।

କରୋନାବେଳେ ପଶୁପକ୍ଷୀଙ୍କ ପାଇଁ ସ୍ୱେଚ୍ଛାକୃତ ସେବା ଆରମ୍ଭ କରି ଚର୍ଚ୍ଚାକୁ ଆସିଥିଲେ ମାମାଲି। ସେହିଦିନଠାରୁ ପ୍ରତ୍ୟେକ ବର୍ଷ ଖରା ୨ମାସ ନିଜ ଗାଁ ସରପଦାଠାରୁ ବୟାବନାପୁର ଯାଏଁ ହାଇଲେଭୁଲ କେନାଲ ରାସ୍ତା ପାର୍ଶ୍ୱରେ ଥିବା ଗଛ ଡାଳରେ ପକ୍ଷୀଙ୍କ ପାଇଁ ପ୍ଲାଷ୍ଟିକ୍ ପାତ୍ର ବାନ୍ଧି ସେଥିରେ ଖାଦ୍ୟ ଓ ପାନୀୟ ଯୋଗାଇ ଦେଉଛନ୍ତି ମାମାଲି। ଅବଶ୍ୟ ଏଥିରେ ତାଙ୍କ ବାପା-ମାଆ ପୂର୍ଣ୍ଣ ସହଯୋଗ କରୁଛନ୍ତି। ପଶୁପକ୍ଷୀଙ୍କୁ ସ୍ୱେଚ୍ଛାକୃତ ସେବା ପ୍ରଦାନ କରୁଥିବା ହେତୁ ବିଗତ ୫/୬ ବର୍ଷ ଭିତରେ ବିଭିନ୍ନ ଅନୁଷ୍ଠାନରୁ ତାଙ୍କୁ ଅଜସ୍ର ଶ୍ରଦ୍ଧା ଓ ସମ୍ମାନ ମିଳିଛି। ଲୋକମାନଙ୍କର ଏହି ଭଲପାଇବା ଓ ଶ୍ରଦ୍ଧା ସମ୍ମାନ ତାଙ୍କୁ ସେବା ପାଇଁ ପ୍ରେରଣା ଯୋଗାଉଛି ବୋଲି କହିଛନ୍ତି ପକ୍ଷୀ ରାଣୀ ମାମାଲି। ପଶୁପକ୍ଷୀଙ୍କ ପାଇଁ ଉତ୍ସର୍ଗୀକୃତ ମାମାଲିଙ୍କୁ ଯଦି ସରକାରୀସ୍ତରରେ ସହଯୋଗ ମିଳନ୍ତା ତା'ହେଲେ ସେ ଆହୁରି ସେବାନୁବ୍ରତୀ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ବାଉଁଶବାଡ଼ି ହନୁମାନ ବିଗ୍ରହ ପ୍ରତିଷ୍ଠାରେ ପ୍ରଣବ ପ୍ରକାଶ ସାମିଲ



କୟାଁଗୋଲା, ୨୬।୪(ସମିସ): ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତର ବାଉଁଶବାଡ଼ି ଗ୍ରାମରେ ସଙ୍କଟ ମୋଚନ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ବ୍ୟାପି ଏହି ଉତ୍ସବରେ ରବିବାର ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ସାମିଲ ହୋଇ ବଜରଙ୍ଗବଲୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଗ୍ରାମର ମଙ୍ଗଳ କାମନା କରିଥିଲେ। ଏହି ଅବସରରେ କଳସ ଶୋଭାଯାତ୍ରା ଝୁମ୍ପୁରୀ ନିକଟସ୍ଥ ପୁଣ୍ୟ ବୈତରଣୀ ନଦୀରୁ ଶ୍ରଦ୍ଧାଳୁମାନେ ୧୦୮ କଳସ ଯାତ୍ରା କରି ପାଣି ଆଣିଥିଲେ। ଆଜି ଦ୍ୱିତୀୟ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଗ୍ରାମବାସୀ ତଥା କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ବାଉଁଶବାଡ଼ି ତାରିଣୀ ଛକରୁ ଗ୍ରାମ ମେଳଣ ପଡ଼ିଆ ଯଜ୍ଞସ୍ଥଳକୁ ବାଇକ ରାଲିରେ ପାଛୋଟି ଆଣି ସମ୍ବର୍ଦ୍ଧନା କରିଥିଲେ। ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ଡାହାଣହତା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ ସହ ଶତାଧିକ ବିଜେଡ଼ି କର୍ମୀ ଯୋଗ ଦେଇଥିଲେ। ବହୁ ସଂଖ୍ୟାରେ ମହିଳା ପୁରୁଷ ତାଙ୍କୁ ସାକ୍ଷାତ କରିବାକୁ ଆସିଥିଲେ। ବାଉଁଶବାଡ଼ି ଗ୍ରାମର ପୟୋଧର ଦାସ, ଧର୍ମପତ୍ନୀ ସିପ୍ରା ଦାସ, ସଂକଳ୍ପଧାରୀ ପୂଜା କର୍ମରେ ବସିଥିଲେ। ପୂଜକ ଶରତଚନ୍ଦ୍ର ଶତପଥୀ ସହ ପଣ୍ଡିତମାନେ ମନ୍ତ୍ରଧ୍ୱନି ଉଚ୍ଚାରଣ କରିଥିଲେ। ସନ୍ଧ୍ୟାରେ ପ୍ରବଚନ ହେବା ସହ ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରଯାଇଥିଲା। ଗ୍ରାମର ଶଶଧର ଦାସ, ପିୟବ୍ରତ ଦାସ, ଗଣେଶ ବେହେରା, ରଞ୍ଜନ ମହାନ୍ତି, ଶୁଭପ୍ରକାଶ ଦାସ, ସୁବାଶିଷ ଦାସ, ସନ୍ତୋଷ ଦାସ, ଗଣେଶ ବେହେରା ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ପ୍ରାଦେଶିକ ମେଧା ପରୀକ୍ଷାରେ ୨ ଛାତ୍ରୀଙ୍କ ସଫଳତା

ସହିଦ ନଗର,୨୬।୪(ସମିସ): ଓଡ଼ିଶା ଶିକ୍ଷା ବିକାଶ ସମିତି ଦ୍ୱାରା ଆୟୋଜିତ ପ୍ରାଦେଶିକ ମେଧା ପରୀକ୍ଷା ୨୦୨୫-୨୬ରେ ୨ ମେଧାବୀ ଛାତ୍ରୀ ଚମତ୍କାର ସଫଳତା ହାସଲ କରି ଅସୁରାଳି ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ଅସୁରାଳି ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ରୀ ସ୍ନେହା ସାମନ୍ତ ସାରା ଓଡ଼ିଶାରେ ୨ୟ ସ୍ଥାନ ଅଧିକାର କରିଥିବାବେଳେ ୯୧% ପ୍ରତିଶତ ନମ୍ବର ରଖି ରେକର୍ଡ କରିଛନ୍ତି। ସେ ବ୍ୟାଙ୍କ ମ୍ୟାନେଜର ବିଭୁପ୍ରସାଦ ସାମନ୍ତ ଓ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ତ୍ରିପାଠୀଙ୍କ ସୁକନ୍ୟା। ସେହିଭଳି ଉକ୍ତ ବିଦ୍ୟାଳୟର ଅନ୍ୟତମ ମେଧାବୀ ଛାତ୍ରୀ ରୀତିକୃଷ୍ଣା ପଣ୍ଡା ମଧ୍ୟ ସାରା ଓଡ଼ିଶାରେ ୯ମ ସ୍ଥାନ ଅଧିକାର କରି ଗୌରବ ଆଣିଛନ୍ତି। ସେ କଟସାହି ବଉଳନାଳି ଶାସନର ବାସିନ୍ଦା ଏବଂ ଆଇନଜୀବୀ ସ୍ନେହାଶିଷ ପଣ୍ଡା ଓ ଶାଖା ଡାକ ଅଧିକାରିଣୀ ତିଳୋତ୍ତମା ମିଶ୍ରଙ୍କ କନିଷ୍ଠା କନ୍ୟା। ସେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ କୃତିକୃଷ୍ଣା ପଣ୍ଡାଙ୍କ ଭଉଣୀ ମଧ୍ୟ ଅଟନ୍ତି। ଏହି ସଫଳତା ପାଇଁ ଦୁଇ ଛାତ୍ରୀ ନିଜ ପ୍ରଧାନ ଗୁରୁଜୀ, ମନୋରଞ୍ଜନ ଗୁରୁଜୀଙ୍କ ସହିତ ସମସ୍ତ ଗୁରୁଜୀ ଓ ଗୁରୁମା'ଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଅଞ୍ଚଳର ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।



## ଓସ୍ତପାଳ ପଞ୍ଚାୟତରେ ବିଜେଡିର କର୍ମୀ ସମାବେଶ



ଦାନଗଦି, ୨୬।୪(ସମିସ): ଦାନଗଦି ବ୍ଲକ୍ ଅନ୍ତର୍ଗତ ଓସ୍ତପାଳ ପଞ୍ଚାୟତରେ ବିଜେଡ଼ି ଦଳ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ସଂଗଠନକୁ ଆହୁରି ସୁଦୃଢ଼ କରିବା ଓ ମୂଳ ଭିତ୍ତିକୁ ଶକ୍ତିଶାଳୀ କରିବା ପାଇଁ ଆଲୋଚନା କରିଛନ୍ତି। ଏହି ବୈଠକରେ ବ୍ଲକ ଯୁବ ବିଜେଡ଼ି ସଭାପତି ଜୟପ୍ରକାଶ ସାହୁ, ବିଜେଡ଼ି ଜିଲ୍ଲା ଉପସଭାପତି ଲୋକନାଥ ଧୀର, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ବରିଷ୍ଠ ନେତା ପଞ୍ଚାନନ ଜେନା, ବିଦ୍ୟାଧର ନାୟକଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ଯୋଗ ଦେଇଥିଲେ।

**ଯୋଜନାକୁ ୬ ବର୍ଷ ପୂରିଲା**

# କାମରେ ଲାଗୁନି ଗୋଷ୍ଠୀ ପରିମଳ କେନ୍ଦ୍ର



ବନ୍ତ/ଆଗରପଡ଼ା,୨୬।୪(ସମିସ): ଆଉ ଏକ ନୂତନ ଆର୍ଥିକ ବର୍ଷ ଆରମ୍ଭ ହେବା ସହିତ ଯୋଜନାକୁ ୬ ବର୍ଷ ପୂରିଯିବା ପରେ ମଧ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟରେ ନିର୍ମିତ ଗୋଷ୍ଠୀ ପରିମଳ କେନ୍ଦ୍ର କାମରେ ନ ଲାଗିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ।

୨୦୨୦-୨୧ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ଗରିବ ରୋଜଗାର ଯୋଜନାରେ ଗୋଷ୍ଠୀ ପରିମଳ କେନ୍ଦ୍ରମାନ ନିର୍ମାଣ କରାଯାଇଥିଲା। ନିର୍ମାଣକୁ ୬ ବର୍ଷ ପୂରିଯାଇଥିଲେ ସୁଦ୍ଧା ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣାଧୀନ କେନ୍ଦ୍ରଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଉକ୍ତ ଯୋଜନାର ସଫଳ ରୂପାୟଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଦାହରଣ ସ୍ୱରୂପ କାଦବରାଙ୍ଗ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ, ପୁରୁଷଣ୍ଡ ପଞ୍ଚାୟତର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ନିକଟରେ, ଆଡ଼ିଆ ପଞ୍ଚାୟତର ଅଡାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ, ଓଡ଼ଙ୍ଗ ପଞ୍ଚାୟତର ସତିସାବିତ୍ରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏହିପରି ବିଭିନ୍ନ ସ୍ଥାନରେ ନିର୍ମିତ ଗୋଷ୍ଠୀ ପରିମଳ କେନ୍ଦ୍ରମାନ ଅନ୍ୟତମ। ଉକ୍ତ କେନ୍ଦ୍ରଗୁଡ଼ିକର ନିର୍ମାଣ ସରିଥିଲେ ସୁଦ୍ଧା ଏହା କେଉଁ କାରଣରୁ ବ୍ୟବହାର କରାଯାଉନାହିଁ। ଉକ୍ତ କେନ୍ଦ୍ରର ଦାୟିତ୍ୱ କିଏ ବହନ କରୁଛନ୍ତି ଏହା ଜାଣିବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ଏହାର ସନ୍ତୋଷଜନକ ଉତ୍ତର ମିଳିପାରୁନାହିଁ। ତେଣୁ ନିର୍ମାଣ ସରିବାର ବର୍ଷାଧିକ କାଳ ପରେ ମଧ୍ୟ କେନ୍ଦ୍ରଗୁଡ଼ିକ ବ୍ୟବହାର ନ ହୋଇ ପଡ଼ିରହିଥିବା ଯୋଗୁଁ ଏହା ବ୍ୟବହାର ହେବା ବେଳକୁ ପୁନଃ ମରାମତି ମାଗିବା ପରିସ୍ଥିତି ସୃଷ୍ଟି ହେବାର ସୂଚନା ମିଳୁଛି। ତେଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ବନ୍ଦ ହୋଇ ପଡ଼ିଥିବା କେନ୍ଦ୍ରଗୁଡ଼ିକ ପୁନଃ ମରାମତି ମାଗିବା ପୂର୍ବରୁ କିପରି ବ୍ୟବହାର ହୋଇପାରିବ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

**ଝୁଣ୍ଟୁଛି ହରିଶ୍ଚନ୍ଦ୍ର ଯୋଜନା**

# ୨ ବର୍ଷ ପରେ ବି ମିଳିନି ମୃତକଙ୍କ ପରିବାରକୁ ସହାୟତା ରାଶି

## ଅନୁଦାନ ଯୋଗାଇ ଦେବାକୁ ସରପଞ୍ଚ ସଙ୍ଘର ଦାବି

ଦଶରଥପୁର,୨୬।୪(ସମିସ):

ଜନସାଧାରଣଙ୍କ କଲ୍ୟାଣ ପାଇଁ ସରକାର ବିଭିନ୍ନ ପ୍ରକାରର ଯୋଜନା କରିଛନ୍ତି। ହରିଶ୍ଚନ୍ଦ୍ର ସହାୟତା ଯୋଜନା ହେଉଛି ସରକାରଙ୍କ ମହତ୍ୱକାଂକ୍ଷୀ ଯୋଜନା। ଯେଉଁ ଯୋଜନାରେ ଗରିବ ଓ ଅସହାୟ ପରିବାର ସଦସ୍ୟଙ୍କୁ ମୃତକଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ତୁରନ୍ତ ସହାୟତା ପ୍ରଦାନ କରାଯାଇଥାଏ। ତେବେ ପାଖାପାଖି ୨ ବର୍ଷ ହେବ ଦଶରଥପୁର ବ୍ଲକରେ ଏହି ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଥିବା ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ଅଭିଯୋଗ ହୋଇଛି। ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ବ୍ଲକର ୩୫ଟି ପଞ୍ଚାୟତରେ ଥିବା ହିତାଧିକାରୀଙ୍କୁ ମିଳୁନାହିଁ। ବିଧି ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତତକ୍ଷଣାତ ମୃତକଙ୍କ ପରିବାର ଲୋକଙ୍କୁ ହରିଶ୍ଚନ୍ଦ୍ର ସହାୟତା ଅର୍ଥ ପ୍ରଦାନ କରାଯାଇଥାଏ; କିନ୍ତୁ ଦଶରଥପୁର ବ୍ଲକର ୩୫ ପଞ୍ଚାୟତରେ ଉକ୍ତ ସହାୟତା ପ୍ରଦାନରେ ପ୍ରାୟ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଅର୍ଥ ମିଳୁନାହିଁ। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଅର୍ଥ ପ୍ରଦାନ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଅନଲାଇନରେ ଆବେଦନ କରିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଏବେ ମୃତ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ପାଇ ଅନେକ ପଞ୍ଚାୟତରେ ସରପଞ୍ଚମାନେ ମୃତକଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଉପସ୍ଥିତ ହେବାକୁ ପଛଘୁଞ୍ଚା ଦେଉଥିବା କିଛି ସରପଞ୍ଚ ପ୍ରକାଶ କରିଛନ୍ତି। ହରିଶ୍ଚନ୍ଦ୍ର ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରତ୍ୟେକ ପଞ୍ଚାୟତରେ ୧୫ ହାଜର ଟଙ୍କାର ଏକ କର୍ପସ ପାଣ୍ଠି ମହଜୁଦ ରହିବାର ନିୟମ ଥିବା ସତ୍ତ୍ୱେ ବର୍ତ୍ତମାନ ସମ୍ପୃକ୍ତ ପାଣ୍ଠିରେ ଅର୍ଥ ନଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସରକାର ଓ ଜିଲ୍ଲା ପ୍ରଶାସନ ଏହି ଯୋଜନା ପ୍ରତି ଦୃଷ୍ଟି ଦେବା ସହିତ ଗରିବ ଓ ଅସହାୟ ପରିବାର ସଦସ୍ୟଙ୍କ ମୃତ୍ୟୁରେ ତତକ୍ଷଣାତ ସହାୟତା ରାଶି ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବାକୁ ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ନିରାକାର ସାହୁ, ହିମାଂଶୁ ନାୟକ, କୁଞ୍ଜବିହାରୀ ଦାସ, ସୁବାସ ଦେବତା, ଏସକେ ନାଦର, ପ୍ରଦୀପ ଜେନା, ଲିପିକା ମଲ୍ଲିକ, କାଞ୍ଚନବାଳା ପରିଡା, ପଦ୍ମାବତୀ ବିଶ୍ୱାଳ, ଲିପିକା ମଲ୍ଲିକ, ରାଜଶ୍ରୀ ସାମଲ, ବିଜୟଲକ୍ଷ୍ମୀ ଶତପଥୀ, ସଂଯୁକ୍ତା ମହାନ୍ତି, ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।

### ଆରଡ଼ି ପୀଠରେ ବାବାମଣିଙ୍କ ବାହାଘର; ମନ୍ଦିର ପ୍ରଶାସନର ଅଜବ ନିୟମ

# ଚାନ୍ଦବାଲିରେ ଚୟନ ହେବ ବର-କନ୍ୟା ପିତା !

ଭଦ୍ରକ/ଆରଡ଼ି, ୨୬।୪(ସମିସ)



ଆରଡ଼ି ପୀଠର ବାବା ଆଖଣ୍ଡଳମଣିଙ୍କ ଚଳିତ ଶିବ ବିବାହ ଉତ୍ସବ ଆସନ୍ତା ଜୁନ୍ ୧୯ରେ ଅନୁଷ୍ଠିତ ହେବ। ବୈଦିକ ରୀତିନୀତି ଅନୁଯାୟୀ, ଆସନ୍ତା ମେ' ୧ରେ ପବିତ୍ର ଚନ୍ଦନ ପୂର୍ଣ୍ଣିମା ଦିନ ଲଗ୍ନଥାଳ ଉଠା ନୀତି ରହିଛି। ଏଥିପୂର୍ବରୁ ମନ୍ଦିରର ପରମ୍ପରା ଅନୁଯାୟୀ, ମନ୍ଦିର କାର୍ଯ୍ୟାଳୟରେ ବର ପିତା ଓ କନ୍ୟା ପିତା ଚୟନ କାର୍ଯ୍ୟ ହୋଇଥାଏ। ହେଲେ ମନ୍ଦିର ପ୍ରଶାସନର ଅଜବ ନିୟମ ଅନୁଯାୟୀ, ଚଳିତ ବର୍ଷ ବର ପିତା ଓ କନ୍ୟା ପିତା ଚୟନ ଚାନ୍ଦବାଲିରେ କରାଯିବ ବୋଲି ଡାକବାଜି ଯନ୍ତ୍ର ଦ୍ୱାରା ପ୍ରସାରଣ କରାଯାଇଛି। ଯାହାକୁ ନେଇ ମନ୍ଦିରର ବରିଷ୍ଠ ସେବାୟତ ନିନ୍ଦା କରିବା ସହ ବାବାଙ୍କ ମନ୍ଦିରରେ ପରମ୍ପରା ଓ ରୀତିନୀତିକୁ ପ୍ରଶାସନ ମନଇଚ୍ଛା କ୍ଷୁଣ୍ଣ କରୁଛି ବୋଲି କହିଛନ୍ତି। ଯାହାକୁ ନେଇ ଅଗଣିତ ଶୈବ ଭକ୍ତଙ୍କ ମନରେ କୋଠାର ଆଘାତ ଆଣିଛି।

ବାବାଙ୍କ ମହିମା ଓ ଅପାର କରୁଣା ପାଇଁ ପ୍ରତିଦିନ ତଥା ବିଭିନ୍ନ ପର୍ବପର୍ବାଣିରେ ହଜାର ହଜାର ଭକ୍ତ ପୀଠକୁ ଆସିଥା'ନ୍ତି। ହେଲେ ପ୍ରଶାସନ କାର୍ଯ୍ୟ ବ୍ୟସ୍ତତା ଓ ସୁରକ୍ଷା ଆଳ ଦେଖାଇ ବାବାଙ୍କ ଅନେକ କାର୍ଯ୍ୟ ଚାନ୍ଦବାଲି ଓ ଭଦ୍ରକରେ କରିବା ଠିକ୍ ନୁହେଁ ବୋଲି ଭକ୍ତ ମହାସଂଘ କହିଛି। ହିନ୍ଦୁ ଦେବୋତ୍ତର ବିଭାଗ ଦ୍ୱାରା ବାବାଙ୍କ ମନ୍ଦିରରେ ପ୍ରଚଳିତ ୧୯୪୫ ମସିହା ଖସଡ଼ା ଅନୁଯାୟୀ, ବାବାଙ୍କ ମନ୍ଦିରରେ ଅନୁଷ୍ଠିତ ହେଉଥିବା ପର୍ବପର୍ବାଣି ଓ ସମସ୍ତ ବୈଠକ ମନ୍ଦିର ପରିସରରେ ହେବା ପାଇଁ ଉଲ୍ଲେଖ ରହିଥିବାବେଳେ କାହିଁକି ପ୍ରଶାସନ ବାରମ୍ବାର ସ୍କିମ୍ ଉଲ୍ଲଂଘନ କରି ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଛି ତାହା ସାଧାରଣ ଭକ୍ତ ଓ ସେବାୟତଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତ ବର୍ଷ ବର ପିତା ଓ କନ୍ୟା ପିତା ଚୟନ କାର୍ଯ୍ୟ ଯଦି ଆରଡ଼ି ପୀଠରେ କରା ନ ଯାଏ, ତାହେଲେ ସେବାୟତମାନେ ଅସହଯୋଗ କରିବେ ବୋଲି କହିଛନ୍ତି। ଏ

**ଆରଡ଼ି ପୀଠରେ ଚୟନ ନହେଲେ ସେବାୟତ ସହଯୋଗ କରିବେନି**

**ପରମ୍ପରା ଭଙ୍ଗ କରୁଛି ମନ୍ଦିର ପ୍ରଶାସନ: ବରିଷ୍ଠ ସେବାୟତ**

ସଂକ୍ରାନ୍ତରେ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇଙ୍କୁ ପଚାରିବାରୁ ଉପଜିଲ୍ଲାପାଳ ଓ ତହସିଲ୍‌ଦାରଙ୍କ ସରକାରୀ କାର୍ଯ୍ୟ ଓ ଜନଗଣନା କାର୍ଯ୍ୟ ଚାଲୁଥିବାରୁ ଚଳିତ ବର୍ଷ ଚାନ୍ଦବାଲିରେ ବର ପିତା ଓ କନ୍ୟା ପିତା ଚୟନ ପାଇଁ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲ୍ଲାପାଳଙ୍କର ନିର୍ଦ୍ଦେଶ ରହିଛି।

## ଜଗନ୍ନାଥ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ



**ବନ୍ତ/ଆଗରପଡ଼ା, ୨୬।୪(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ବରକୋଣା ଗ୍ରାମର ଜଗନ୍ନାଥ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗ୍ରାମ୍ୟ ପୁଷ୍କରିଣୀରୁ ୩୧ଟି କଳସ ଘଟଉତ୍ତୋଳନ କରାଯାଇ ବାଜା ବାଣ ରୋଷଣିରେ ଗ୍ରାମ ବଜାର ପରିକ୍ରମା ପୂର୍ବକ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ପୂଜକ କୃପାସିନ୍ଧୁ ପଣ୍ଡା, ସର୍ବେଶ୍ୱର ପଣ୍ଡା, ଗୌରାଙ୍ଗ ମିଶ୍ର, କେଶବ ଚନ୍ଦ୍ର ପାଣିଗ୍ରାହୀ, ସୂର୍ଯ୍ୟପୂଜା, ଗୋ ପୂଜା, ଅଙ୍କୁରାରୋପଣ, ଗୀତାଯଜ୍ଞ ସମେତ ବିଭିନ୍ନ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ କର୍ତ୍ତା ଗଜେନ୍ଦ୍ର ସେଠୀ, କୁମୁଦିନୀ ସେଠୀ, ବିଷ୍ଣୁପ୍ରିୟା ସେଠୀ, ସଦାନନ୍ଦ ଜେନା, ପ୍ରେମାନନ୍ଦ ସେଠୀ, ମମତା ବେହେରା, ପ୍ରତିମା ବେହେରା, ବାସନ୍ତୀ ସ୍ୱାଇଁ, ଚନ୍ଦନା ଜେନା, ସନ୍ଧ୍ୟାରାଣୀ ଜେନା, ଅରୁଣିଲତା ବେହେରା, ବନିତା ଜେନା, ଜଞ୍ଜାଳି ଜେନା, ମଧୁସ୍ମିତା ବେହେରା, ଜ୍ୟୋତିରେଖା ଜେନା କାର୍ଯ୍ୟ ତୁଲାଇଥିଲେ। ରବିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ପ୍ରତିମା ଜେନା, ମୋନାଲିସା ଜେନା, ମିନତୀ ଜେନା, ମଳୟ ଜେନା, ସତ୍ୟଭାମା ଜେନା, ସ୍ୱର୍ଣ୍ଣପ୍ରଭା ଜେନା, ଖୁସି ଜେନା, ଯଶୋଦା ଜେନା, ଲିପି ଜେନା, ଦିବ୍ୟଜ୍ୟୋତି ଜେନା, ସୁମତି ଜେନା, ମା' ତାରିଣୀ ଟେଣ୍ଟ ହାଉସ୍‌ର ଶଶିକାନ୍ତ ସ୍ୱାଇଁଙ୍କ ସମେତ ବରକୋଣା, କୁଳିପଦୀ, ରାମପୁର ଗ୍ରାମର ଗ୍ରାମବାସୀ ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ଜଗନ୍ନାଥ ମନ୍ଦିର ପ୍ରାକ୍ତନ ସ୍ୱାସ୍ଥ୍ୟ ବିଭାଗ ଅଧିକାରିଣୀ ଜପାମାଳୀ ସେଠୀଙ୍କ ଉଦ୍ୟମରେ ୨୦୨୧ରେ ପ୍ରତିଷ୍ଠା ହୋଇଥିଲା।

## ମହାଦେବଙ୍କ ବାର୍ଷିକ ପୂଜା ଉତ୍ସବ



**ବାରିକପୁର, ୨୬।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ସାରଣାସ୍ଥିତ ବାବା ଶରଣେଶ୍ୱର ମହାଦେବଙ୍କ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁଷ୍କରିଣୀରୁ ଘଟ ଉତ୍ତୋଳନ ହେବା ସହିତ ପୀଠରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ମୁଖ୍ୟ ପୂଜକ ବାସୁଦେବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗୁରୁ ପୂଜା, ସୂର୍ଯ୍ୟ ପୂଜା, ମହାଦେବଙ୍କ ସ୍ନାନ, ଅଭିଷେକ, ଗୀତା ପାଠ, ହୋମଯଜ୍ଞ ଓ ଅନ୍ୟାନ୍ୟ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ସହଯୋଗୀ ଭାବେ ଦିଲ୍ଲୁ ମିଶ୍ର ଓ ରୁଦ୍ର ପାଣି ବୈଦିକ ରୀତିନୀତି ଅନୁଯାୟୀ ମହାଦେବଙ୍କୁ ପୂଜା କରିଥିଲେ। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ହରେକୃଷ୍ଣ ବାରିକ ଓ ସସ୍ମିତା ବାରିକ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ ପୂଜା ନୀତିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଦିବସଭରି ବୈଦିକ ଉତ୍ସବକୁ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## 'ତାଓ'ର କାର୍ଯ୍ୟକାରଣୀ ବୈଠକ ଓ ଶପଥପାଠ




**ଭଦ୍ରକ, ୨୬।୪(ସମିସ):** ତାଏକ୍ୱୋଣ୍ଡୋ ଆସୋସିଏସନ ଅଫ୍ ଓଡ଼ିଶା (ତାଓ) ରାଜ୍ୟ ସଙ୍ଘର କାର୍ଯ୍ୟକାରିଣୀ ସାଧାରଣ ପରିଷଦ ବୈଠକ ରବିବାର ଚରମ୍ପାସ୍ଥିତ ମେଘା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୯ ତାରିଖରେ ହୋଇଥିବା ସାଧାରଣ ପରିଷଦ ବୈଠକରେ ନିର୍ବାଚନ ଅଧିକାରୀ ଅଧିବକ୍ତା ରୋହିତ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ନିର୍ବାଚନରେ ନିର୍ବାଚିତ ସଦସ୍ୟମାନଙ୍କୁ ରବିବାର ସମ୍ବର୍ଦ୍ଧନା ଦେବା ସହ ଶପଥପାଠ କରାଯାଇଥିଲା। ସଭାପତି ଭାବେ ଓଡ଼ିଶା କ୍ରିକେଟ ଆସୋସିଏସର ପୂର୍ବତନ ସଭାପତି ଧିରେନ ପଲାଇ, କାର୍ଯ୍ୟକାରୀ ସଭାପତି ଅଧିବକ୍ତା ଯତିକାନ୍ତ ନାୟକ, ଉପସଭାପତି ରମେଶ ପ୍ରଧାନ, ରମେଶ ଜେନା, ସାଧାରଣ ସମ୍ପାଦକ ଭାବେ ରବିନାରାୟଣ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଭାବେ ଯୋଗେଶ୍ୱର ମହନ୍ତ, କୋଷାଧ୍ୟକ୍ଷ ଭାବେ ବିଦ୍ୟାଧର ବାରିକ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଧିବକ୍ତା ପବନ ଶର୍ମା, ଡ. ତରୁଣ ବେହେରା, ରବିନାରାୟଣ ଓଝା, ସୁଧାକର ଜେନା, ରାଜେଶ ବିଶ୍ୱାଳ, ବିଶାଲ ଲଖାନୀ, ଅଜୟ ଧଳ, ଆଦ୍ୟାଶା ଦାସ ଶପଥପାଠ କରିଥିଲେ। ଶେଷରେ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

### ପ୍ରଥମ 'ବୈଶାଖୀ ମେଳା-୨୦୨୬' ଉଦ୍‌ଘାଟିତ

# ଶତବର୍ଷର ଓଡ଼ିଶାରେ ଭଦ୍ରକର ସ୍ମୃତି ଅନନ୍ୟ



**ଭଦ୍ରକ, ୨୬।୪(ସମିସ):** ଭଦ୍ରକୀୟ ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ଅନନ୍ୟ ମହାପର୍ବ ବୈଶାଖୀ ମେଳା-୨୦୨୬ ରବିବାରଠାରୁ ଐତିହାସିକ ନେହେରୁ ଷ୍ଟାଡିୟମ୍ ପରିସରରେ ଆରମ୍ଭ ହୋଇଯାଇଛି। ମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ 'ଶହେବର୍ଷର ଓଡ଼ିଶା-୨୦୩୬ ଓ ଭଦ୍ରକ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଓଡ଼ିଶା ଗଠନ ଶତବର୍ଷ ପୂର୍ତ୍ତି ଆଡ଼କୁ ଅଗ୍ରସର ହେଉଥିବାବେଳେ ଭଦ୍ରକର ସଂସ୍କୃତି ଓ ସ୍ୱାଭିମାନ ସାରା ରାଜ୍ୟ ପାଇଁ ଏକ ମାର୍ଗଦର୍ଶକ ସଦୃଶ। ଆଜିର ବୈଶାଖୀ ମେଳା କେବଳ ଏକ ଉତ୍ସବ ନୁହେଁ, ବରଂ ଆମ କଳା, ସାହିତ୍ୟ ଓ ଐତିହ୍ୟକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାର ଏକ ସାରସ୍ୱତ ସେତୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଡ. ଅମୂଲ୍ୟ କୁମାର ନାୟକ ଓ ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ଯୋଗଦେଇଥିଲେ। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣରେ ଭଦ୍ରକର ଭୂମିକା ଓ ବିକାଶର ରୂପରେଖ ସମ୍ପର୍କରେ ଆଜି ଚିନ୍ତନ କରାଯିବାର ବେଳ ଉପଗତ ବୋଲି ମତବ୍ୟକ୍ତ କରିଥିଲେ। ବୈକୁଣ୍ଠ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ବୈଶାଖୀ ମେଳା କମିଟିର କାର୍ଯ୍ୟକାରୀ ସମ୍ପାଦକ ରୂପକ ବିହାରୀ ରାୟ ଅତିଥି ପରିଚୟ ଓ ରଞ୍ଜିତ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ନାୟକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧିବକ୍ତା ଗଦାଧର ବଳ, ସାହିତ୍ୟିକ ଶାନ୍ତନୁ ରାଉତ, ବସୁମିତ୍ରା ସାହୁ, ଲଲାଟେନ୍ଦୁ ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ୍, କବି ମାନସ ପଣ୍ଡା, କୈଳାସ ମହାପାତ୍ର, ସୁଶାନ୍ତ ମହାପାତ୍ର, ଇନ୍ଦ୍ରମଣି ପଣ୍ଡା, ମନୋରଞ୍ଜନ ଦାସ, ଲୋକନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ ଯେ, ରବିବାରଠାରୁ ଆରମ୍ଭ ହୋଇ ଏହି ମେଳା ଆସନ୍ତା ମେ' ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ବିଭିନ୍ନ ମନୋହରି ଦୋକାନ ସହିତ ପାରମ୍ପରିକ ଓଡ଼ିଆ ଖାଦ୍ୟ ଷ୍ଟଲ୍, ହସ୍ତଶିଳ୍ପ ଓ କାରୁକାର୍ଯ୍ୟ, ଗୃହ ଉପକରଣ, ମହିଳାଙ୍କ ପ୍ରସାଧନୀ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷ ପ୍ରତିଷ୍ଠାନ, ଖେଳଣା ସାମଗ୍ରୀ ଓ ବିଭିନ୍ନ ଦୋଳି ଇତ୍ୟାଦି ପାଖରେ ଜନଗହଳି ଦୃଶ୍ୟମାନ ହୋଇଥିଲା। ଭଦ୍ରକର ସର୍ବପ୍ରଥମ ଐତିହ୍ୟସମ୍ପନ୍ନ ଓ ସଂସ୍କୃତିର ଏହି ମହାକୁମ୍ଭକୁ ଜିଲ୍ଲାବାସୀ ସ୍ୱାଗତ କରିବା ସହ ସମସ୍ତଙ୍କ ମଧ୍ୟରେ ଖୁବ୍ ଉତ୍ସାହ ପରିଲକ୍ଷିତ ହୋଇଛି।

## ସଡ଼କ ଦୁର୍ଘଟଣାରେ ୨ ଗୁରୁତର

**ବାରିକପୁର, ୨୬।୪(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଛତାବର ଟୋଲ୍ ଗେଟ୍ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୨ଜଣ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ରବିବାର ମଧ୍ୟାହ୍ନ ୧୨.୩୦ରେ ୨ଜଣ ଯୁବକ ଏକ ବାଇକ୍‌ରେ କଟକ ପଟୁ ଭଦ୍ରକ ଅଭିମୁଖେ ଆସୁଥିଲେ। ଟୋଲ୍‌ଗେଟ୍‌ର ଅନତିଦୂର ଡାହାଲାସ୍ଥିତ ରାଜପଥ ଉପରେ ବେଆଇନ ଭାବେ ଠିଆ ହୋଇଥିବା ଏକ ମାଲ୍‌ବାହୀ ଟ୍ରକ୍‌କୁ ବାଇକ୍‌ଟି ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ୨ଜଣଙ୍କୁ ଭଦ୍ରକ ମେଡିକାଲ ପଠାଯାଇଛି। ଗୁରୁତର ୨ଜଣଙ୍କ ମଧ୍ୟରୁ ଜଗନ୍ନାଥ ବିଶ୍ୱାଳ (୪୫) ପୁରୀ ଅଞ୍ଚଳର ହୋଇଥିବାବେଳେ ରଞ୍ଜିତା ଜେନା (୩୫)ଙ୍କ ଘର ଭଦ୍ରକ ଅଢ଼ାଳପଙ୍କ ବୋଲି ଜଣାପଡ଼ିଛି। ଏଠାରେ ସୂଚିତ ଭଣ୍ଡାରିପୋଖରୀ ତହସିଲ ଛକଠାରୁ ଆଖୁଆପଦା ଯାଏଁ ରାଜପଥ ପାର୍ଶ୍ୱରେ ଥିବା ହୋଟେଲ ଓ ଢାବା ଯୋଗୁଁ ଗାଡ଼ିଗୁଡ଼ିକ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଛିଡ଼ା ହେଉଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି।

## ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



**ଅସୁରାଳି, ୨୬।୪(ସମିସ):** ଓଡ଼ିଆ ଯାତ୍ରା ଜଗତର ଜଣେ ଅନନ୍ୟ ସାଧକ ତଥା ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ସ୍ମୃତି ଚିରସ୍ଥାୟୀ କରିବା ପାଇଁ ଭଦ୍ରକ ଜିଲ୍ଲାରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି ଜୋର୍‌ଦାର୍ ହୋଇଛି। ଓଡ଼ିଆ ଯାତ୍ରାକୁ ଏକ ନୂତନ ଦିଶା ଦେଖାଇଥିବା ଏହି ମହାନ କଳାକାରଙ୍କ ଅବଦାନ ଆଜି ବି ଜନମାନସରେ ଅଭୁଲା ହୋଇ ରହିଥିବାବେଳେ, ସରକାରୀସ୍ତରରେ ତାଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ନେଇ ବିଭିନ୍ନ ମହଲରୁ ସ୍ୱର ଉତ୍ତୋଳନ କରାଯାଇଛି। ଭଦ୍ରକ ସହରର କୌଣସି ପ୍ରମୁଖ ସ୍ଥାନ ବା ଜିଲ୍ଲା ସଦର ମହକୁମାରେ ରଘୁନାଥ ପଣ୍ଡାଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ତାଙ୍କର ସାଧନା ପୀଠ 'ଆନନ୍ଦ ବଜାର'ଠାରେ ଏକ ସ୍ମୃତି ପାଠାଗାର ନିର୍ମାଣ ପାଇଁ ଦାବି ହୋଇଛି। ତାଙ୍କର ଜନ୍ମ ଓ ଶ୍ରାଦ୍ଧ ଦିବସକୁ ସରକାରୀସ୍ତରରେ ପାଳନ କରିବା ସହ ସାହିତ୍ୟ ଓ ସଂସ୍କୃତି ବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

## ଜୁଆଖେଳ ବିବାଦରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ

**ଅସୁରାଳିରେ ଉତ୍ତେଜନା; ଦୁଇ ଗୁରୁତର**

**ଧୂଷୁରୀ, ୨୬।୪(ସମିସ):** ଜୁଆ ଖେଳକୁ କେନ୍ଦ୍ରକରି ପୂର୍ବରୁ ସୃଷ୍ଟି ହୋଇଥିବା ବିବାଦ ରବିବାର ଉଗ୍ରରୂପ ନେଇଛି। ଅସୁରାଳିରେ ଦୁଇ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିବା ସହିତ ଆକ୍ରମଣ ପ୍ରତି ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି।

କିଛିଦିନ ତଳେ ଧାମନଗର ବ୍ଲକ ଫତେପୁର ପଞ୍ଚାୟତସ୍ଥିତ ପତ୍ରିବିନ୍ଧାଠାରେ ଅପେରା ପରିବେଷଣ ହୋଇଥିଲା। ଯାତ୍ରାବେଳେ ଏଠାରେ ଜୁଆ ଖେଳ ଚାଲୁଥିଲା। ଏହାକୁ ନେଇ ଗଣ୍ଡଗୋଳ ମଧ୍ୟ ହୋଇଥିଲା। ଧୂଷୁରୀ ପୁଲିସ ଏହି ଘଟଣାରେ ଜଣକୁ ନେଇ ଅଟକ ରଖିଥିଲା ଏବଂ ଏହି ବିବାଦର ସମାଧାନ ପାଇଁ ଉଭୟ ପକ୍ଷର ଭଦ୍ରବ୍ୟକ୍ତି ଶନିବାର ସକାଳେ ବସିବା ପାଇଁ ଆସନ୍ତା ସୋମବାରକୁ ଦିନ ଧାର୍ଯ୍ୟ କରିଥିଲେ। ରବିବାର ପୂର୍ବାହ୍ଣରେ ଧର୍ମାଗତପୁର ପତ୍ରିବିନ୍ଧା ଅଞ୍ଚଳର ଶଶଧର ରାଉତ(୩୯) ତାଙ୍କର ପତ୍ନୀ ଛବିରାଣୀଙ୍କ ସହ ଅସୁସ୍ଥ ଥିବା ୧୫ ଦିନର ଶିଶୁକୁ ଧରି ଔଷଧ ନେବାକୁ ଅସୁରାଳି ଆସିଥିଲେ। ସ୍ୱାମୀ-ସ୍ତ୍ରୀ ଓ ଶିଶୁକୁ ଧରି ଏକ ଦୋକାନ ପାଖରେ ଛିଡ଼ା ହୋଇଥିବାବେଳେ ସ୍ଥାନୀୟ ମଳିକ ସାହିର ଶରତ ମଳିକ, ସତ୍ୟବାନ ମଳିକ, ରାଜେଶ ମଳିକ ଏବଂ ରଞ୍ଜନ ମଳିକ ସେଠାରେ ପହଞ୍ଚି ଗାଳିଗୁଲଜ କରିବା ସଙ୍ଗେ ସଙ୍ଗେ ଶଶଧରଙ୍କୁ ଆକ୍ରମଣ କରି ନଗଦ ଟଙ୍କା, ମୋବାଇଲ୍ ଫୋନ୍ ଆଦି ଛଡ଼ାଇ ନେବା ସହିତ ତାଙ୍କ ସ୍ତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣା ଜଣାପଡ଼ିବା ପରେ ପ୍ରତିପକ୍ଷର କିଛି ବ୍ୟକ୍ତି ଅସୁରାଳି ବଜାରରେ ସଂଘବଦ୍ଧ ହୋଇ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏମାନେ ପ୍ରତିପକ୍ଷର ଏକ ଅଟୋ ଭଙ୍ଗାରୁଜା କରିବା ସହ ସତ୍ୟାନନ୍ଦ ମଳିକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଗୁରୁତର ଶଶଧର ଏବଂ ସତ୍ୟାନନ୍ଦ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷରୁ ଦୁଇଟି ଏତଲା ଗ୍ରହଣ କରି ଦୁଇଟି ପୃଥକ୍ ମାମଲା ୧୯୮/୨୦୨୬ ଓ ୧୯୯/୨୦୨୬ ରୁଜୁ କରି ତଦନ୍ତ ଚଳାଇଛନ୍ତି।

## ମନ୍ଦିର ପୂଜକଙ୍କ ପରଲୋକ



**ବାରିକପୁର, ୨୬।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଗ୍ରାମର ବରିଷ୍ଠ ପୂଜକ ମାଗୁଣି ଦାଶଙ୍କ ପରଲୋକ ହୋଇଯାଇଛି। ସେ ବୟସାଧିକ କାରଣରୁ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିବାବେଳେ ଗତ ଶନିବାର ରାତିରେ ପରଲୋକ ଗମନ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ-ବୋହୂ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ମଶାଣିରେ ପାର୍ଥିବ ଶରୀର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ମହେନ୍ଦ୍ର ମୁଖାଗ୍ନି ଦେଇଛନ୍ତି। ସ୍ୱର୍ଗତ ଦାସ ମାଗୁଣିଆ ନନା ଭାବେ ବେଶ୍ ପରିଚିତ ଥିଲେ। ନିକଟସ୍ଥ ରାଢୋ ଗାଁର ଗ୍ରାମଦେବତୀ ଓ ବାବା ବିଶ୍ୱେଶ୍ୱରଙ୍କ ପୂଜକ ଭାବେ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ସେ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମରେ ହରିବଂଶଠାରୁ ପଞ୍ଚାନନ ମେଳା ଯାଏଁ ସବୁଠି ସମସ୍ତଙ୍କ ଆଗ ଡାକ ଥିଲେ ମାଗୁଣିଆ ନନା। ତାଙ୍କ ବିୟୋଗରେ ମାଳଦା ସମେତ ରାଢୋ ଅଞ୍ଚଳରେ ମଧ ଶୋକର ଛାୟା ଖେଳିଯାଇଛି।

### ନଦୀବନ୍ଧ ସୁରକ୍ଷା ପାଚେରି ନିର୍ମାଣ ନିମ୍ନମାନର ଅଭିଯୋଗ

# ବିଭାଗୀୟ ଅଧିକାରୀ ଅନୁପସ୍ଥିତ; ବୈଷୟିକ ମାନଦଣ୍ଡକୁ ଜଳାଞ୍ଜଳି

ଦୋବଲ, ୨୬।୪(ସମିସ)



**ନିର୍ମାଣସ୍ଥଳରେ ଲାଗିନି କୌଣସି ସୂଚନାଫଳକ**

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ମଲ୍ଲିମାହାରା ଏସ୍‌କେପର ପଶ୍ଚିମ ପାର୍ଶ୍ୱ ନଦୀବନ୍ଧର ବାମ ପଟେ ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ସୁରକ୍ଷା ପାଚେରି ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ୨୦ ମିଟର ଲମ୍ବର ପ୍ଲେନ୍ କଂକ୍ରିଟ ଗ୍ରାଭିଟି ରିଟେନିଂ ୱାଲ୍‌ରେ ବୈଷୟିକ ଜ୍ଞାନକୌଶଳକୁ ଅଣଦେଖା କରି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ମଲ୍ଲିମାହାରା ଏସ୍‌କେପ୍ ଦେଇ ବର୍ଷା ଦିନେ ହଜାର ହଜାର ଘନଫୁଟ୍ ବନ୍ୟା ଜଳ ପ୍ରବାହିତ ହୋଇଥାଏ। ଅତୀତରେ ଜଳର ପ୍ରଖର ସ୍ରୋତ ଯୋଗୁଁ ଏସ୍‌କେପ୍‌ର ଆବଟମେଣ୍ଟ ୱାଲ୍ ବାରମ୍ବାର ଭୁଶୁଡ଼ିଛି। ନିକଟରେ ଏଠାରେ ଏକ କଂକ୍ରିଟ ପୋଲ ନିର୍ମାଣ ହୋଇଥିଲେ ସୁଦ୍ଧା ଜଳର ପ୍ରବାହ ଓ ବିପଦ ସମାନ ରହିଛି। ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ନଦୀବନ୍ଧ ସୁରକ୍ଷା ପାଇଁ ନିର୍ମାଣ ହେଉଥିବା ପାଚେରି ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ଏହି ସ୍ଥାନରେ ଜଳର ସ୍ରୋତ ଓ ଚାପକୁ ସହିବା ପାଇଁ ଅତିକମରେ ଏମ୍-୨୫ ଗ୍ରେଡ୍ କଂକ୍ରିଟ୍ ମିଶ୍ରଣ ବ୍ୟବହାର ହେବା କଥା। ମାତ୍ର କ୍ଷେତ୍ରସ୍ଥଳରେ ଠିକାଦାର ମନମୁଖୀ ଭାବେ ୧:୪:୬ (ସିମେଣ୍ଟ, ବାଲି ଓ ଚିପ୍ସ) ଅନୁପାତରେ କାମ କରୁଛନ୍ତି, ଯାହା ଗ୍ରାଭିଟି ୱାଲ୍‌ର ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଛି। ରବିବାର ସରକାରୀ ଛୁଟି ଦିନରେ କାମ ଚାଲିଥିବାବେଳେ ସେଠାରେ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ ଉପସ୍ଥିତ ନ ଥିବା ଜଣାପଡ଼ିଛି। ଏପରିକି ନିର୍ମାଣସ୍ଥଳରେ କୌଣସି ସୂଚନାଫଳକ ମଧ ଲଗାଯାଇ ନାହିଁ। ବୈଷୟିକ ମାନଦଣ୍ଡ ଅନୁଯାୟୀ ଏଭଳି ଜଳ ପ୍ରବାହିତ ଅଞ୍ଚଳରେ ଏମ୍-୨୫ ଗ୍ରେଡ୍ (୧:୧:୨) କିମ୍ବା ଅତିକମ୍‌ରେ ଏମ୍-୨୦ ଗ୍ରେଡ୍ (୧:୧.୫:୩) ବ୍ୟବହାର ହେବା ଉଚିତ୍। ତେବେ ଏଠାରେ ହେଉଥିବା ନିର୍ମାଣ କାମରେ ୧:୪:୬ର ମିଶ୍ରଣ ଅତ୍ୟନ୍ତ ଦୁର୍ବଳ। ନଦୀବନ୍ଧ ନିର୍ମାଣ ପାଇଁ ଉଚ୍ଚମାନର ଓପିସି କିମ୍ବା ଅନୁମୋଦିତ ସିମେଣ୍ଟ ବ୍ୟବହାର ହେବା କଥା, ମାତ୍ର କମ୍ପୋଜିଟ୍ ସିମେଣ୍ଟର ବ୍ୟବହାର ନିର୍ମାଣର ଦୃଢ଼ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପ୍ଲେନ୍ କଂକ୍ରିଟ ଗ୍ରାଭିଟି ୱାଲ୍‌ର ବେସ୍ ମାଟିର ଚାପ ଓ ଜଳର ପାର୍ଶ୍ୱ ଚାପକୁ ସହିବା ପାଇଁ ଯଥେଷ୍ଟ ଓସାରିଆ ହେବା ଦରକାର। ନିର୍ମାଣର ସ୍ଥାୟିତ୍ୱ ପାଇଁ ଅତିକମ୍‌ରେ ୧୪ରୁ ୨୧ ଦିନ ପର୍ଯ୍ୟନ୍ତ କାନ୍ଥକୁ ପାଣି ଦେଇ ଭିଜାଇ ରଖିବା ନିତାନ୍ତ ଆବଶ୍ୟକ, ନଚେତ୍ କଂକ୍ରିଟ୍‌ରେ ଫାଟ ସୃଷ୍ଟି ହେବ। ପାଚେରି ପଛପଟେ ଉତ୍ତମମାନର ଗୋଡ଼ି ଓ ବାଲି ଦ୍ୱାରା ପ୍ୟାକିଂ କରାଯିବା ଉଚିତ୍, ଯାହାଦ୍ୱାରା ଜଳ ନିଷ୍କାସନ ସହଜ ହେବ। ସେହିପରି କାନ୍ଥ ମଧ୍ୟରେ ପାଣି ଜମି ରହିବାକୁ ରୋକିବା ପାଇଁ ନିର୍ଦ୍ଧାରିତ ବ୍ୟବଧାନରେ ଛିଦ୍ର ରଖିବା ଜରୁରୀ। ସ୍ଥାନୀୟ ଲୋକଙ୍କ କହିବା କଥା, ଯଦି ସରକାରୀ ଟଙ୍କାରେ ଏଭଳି ନିମ୍ନମାନର କାମ ଜାରି ରହେ, ତେବେ ଆଗାମୀ ବନ୍ୟାରେ ଏହି ପାଚେରି ଧୋଇଯିବାର ସମ୍ଭାବନା ଅଧିକ। ଏଥିପ୍ରତି ଜଳ ସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ସେପଟେ ନିରୀକ୍ଷଣ ଦାୟିତ୍ୱରେ ଥିବା ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ କହିଛନ୍ତି ଯେ, ରବିବାର କାମ କରିବାକୁ ମନା ହୋଇଥିଲା। ତେବେ କାମର ମାନ ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ, ୨୬।୪(ସମିସ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ମାନସିକ ଅକ୍ଷମ ଓ ବୌଦ୍ଧିକ ଅକ୍ଷମ ନାଲ୍‌ସା ଯୋଜନା-୨୦୨୪ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ବ୍ଲକ ଲାଙ୍ଗୁଡ଼ିସ୍ଥିତ ବୀଣାପାଣି ହେଲେନ୍ କେଲର ଅନ୍ଧ, ମୁକ, ବଧୀର ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ଡ. ତାପସ କୁମାର ମହାନ୍ତି, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ମାଝୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହ୍ୱାଇଟ୍ ହାଉସ୍‌ରେ ସୁରକ୍ଷା ବିଭ୍ରାଟ

ୱାଶିଂଟନ୍,୨୬।୪(ଏଜେନ୍ସି):

ଆମେରିକା ରାଜଧାନୀର ସବୁଠାରୁ ପ୍ରତିଷ୍ଠିତ ସାମାଜିକ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ 'ହ୍ୱାଇଟ୍ ହାଉସ୍ ସମ୍ବାଦଦାତା ସମ୍ମିଳନୀ' କରେସପଣ୍ଡେଣ୍ଟ୍ସ ଡିନରରେ ଏକ ଭୟଙ୍କର ରକ୍ତପାତର ସାକ୍ଷୀ ହେବାରୁ ଅଳ୍ପକେ ବର୍ତ୍ତିଯାଇଛି। ଶନିବାର ରାତିରେ ୱାସିଂଟନ୍ ହଲ୍‌ଟନ୍ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଳିମାଡ଼ ହୋଇଛି। ଫଳରେ ସେଠାରେ ଉପସ୍ଥିତ ଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଏବଂ ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସମେତ ଅନେକ ଶୀର୍ଷ ଅଧିକାରୀଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ବାହାର କରାଯାଇଛି। ସ୍ଥାନୀୟ ସମୟ ଅନୁସାରେ ଗତରାତିର ଏହି ଭୋଜି କାର୍ଯ୍ୟକ୍ରମ ଚାଲିଥିବା ସମୟରେ ହୋଟେଲର ମୁଖ୍ୟ ସୁରକ୍ଷା ପ୍ରବେଶ ପଥ ନିକଟରେ ଗୁଳି ଶବ୍ଦ ଶୁଣାଯାଇଥିଲା। ମଞ୍ଚରେ ବସିଥିବା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଜଣେ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟ କିଛି ସୂଚନା ଦେବା ମାତ୍ରେ ତାଙ୍କୁ ତୁରନ୍ତ ସେଠାରୁ ବାହାର କରି ନିଆଯାଇଥିଲା। ଏହାର କିଛି ସମୟ ପରେ ଜୋରରେ ଗୁଳି ଫୁଟିବା ଶବ୍ଦ ଶୁଣାଯାଇଥିଲା। ଏଥିରେ ହଲ୍ ଭିତରେ ଥିବା ଅତିଥିମାନେ ଆତଙ୍କିତ ହୋଇ ଟେବୁଲ୍ ତଳେ ଆଶ୍ରୟ ନେଇଥିଲେ। ଉଦ୍ଧାର କାର୍ଯ୍ୟ ସମୟରେ ରାଷ୍ଟ୍ରପତି ଟ୍ରମ୍ପ ଝୁଣ୍ଟି ପଡ଼ିଥିବା ବେଳେ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟମାନେ ତାଙ୍କୁ ଉଠାଇ ନେଇଥିଲେ। ଅନ୍ୟପଟେ, ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଏଜେଣ୍ଟମାନେ ସିଧାସଳଖ ଚେୟାରରୁ ଉଠାଇ ବାହାରକୁ ନେଇଯାଇଥିଲେ। କେବଳ ଟ୍ରମ୍ପ ନୁହଁନ୍ତି, ଏରିକା କିର୍କ (ମୃତ ଚାର୍ଲି କିର୍କଙ୍କ ପତ୍ନୀ) ମଧ୍ୟ ଏହି ଘଟଣାରେ ଅତ୍ୟନ୍ତ ଭୟଭୀତ ହୋଇ କାନ୍ଦୁଥିବାର ଦେଖାଯାଇଥିଲା। ପୂର୍ବତନ ସ୍ୱାସ୍ଥ୍ୟ ସଚିବ ରବର୍ଟ ଏଫ୍. କେନେଡି ଜୁନିୟର ମଧ୍ୟ ଭୟଭୀତ ହୋଇପଡ଼ିଥିଲେ ଏବଂ ତାଙ୍କୁ ଧରାଧରି କରି ବାହାରକୁ ଅଣାଯାଉଥିବା ଦେଖିବାକୁ ମିଳିଥିଲା।

ସିକ୍ରେଟ୍ ସର୍ଭିସ୍ ଏବଂ ଏଫବିଆଇ ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ଗିରଫ କରିଥିବା ସୂଚନା ଦେଇଛନ୍ତି। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କାଲିଫର୍ନିଆର ଟୋରେନ୍ସ ନିବାସୀ ୩୧ ବର୍ଷୀୟ କୋଲ୍ ଟୋମାସ୍ ଆଲେନ୍ ଭାବେ ଚିହ୍ନଟ କରାଯାଇଛି। ଆଲେନ୍ ଜଣେ ମେକାନିକାଲ୍ ଇଞ୍ଜିନିୟରିଂ ସ୍ନାତକ ଏବଂ କମ୍ପ୍ୟୁଟର ସାଇନ୍ସରେ ମାଷ୍ଟର୍ସ କରିଛନ୍ତି। ତଦନ୍ତରୁ ଜଣାପଡିଛି ଯେ ସେ ଅକ୍ଟୋବର ୨୦୨୪ରେ କମଳା ହାରିସଙ୍କ ପ୍ରଚାର ଅଭିଯାନ



ପାଇଁ ୨୫ ଡଲାର ଦାନ କରିଥିଲେ। ପୋଲିସ ତାଙ୍କ ପାଖରୁ ଏକ ସର୍ଟଗନ୍, ଦୁଇଟି ଅନ୍ୟ ଅସ୍ତ୍ରଶସ୍ତ୍ର ଏବଂ ଅନେକ ଛୁରୀ ଜବତ କରିଛି। ସୂଚନା ଅନୁଯାୟୀ, ଆଲେନ୍ ସିଧାସଳଖ ଟ୍ରମ୍ପ ପ୍ରଶାସନର ଅଧିକାରୀମାନଙ୍କୁ ଟାର୍ଗେଟ କରିବାକୁ ଚାହୁଁଥିଲେ। ଆକ୍ରମଣ ସମୟରେ ଜଣେ ସିକ୍ରେଟ ସର୍ଭିସ୍ ଏଜେଣ୍ଟଙ୍କ ଜ୍ୟାକେଟରେ ଗୁଳି ବାଜିଥିଲା, କିନ୍ତୁ ସେ ସୁରକ୍ଷିତ ଥିବା ସୂଚନା ରହିଛି।

ଘଟଣାର କିଛି ସମୟ ପରେ ହ୍ୱାଇଟ୍ ହାଉସରେ ଏକ ସମ୍ବାଦଦାତା ସମ୍ମିଳନୀକୁ ସମ୍ବୋଧିତ କରି ଟ୍ରମ୍ପ ଆକ୍ରମଣକାରୀଙ୍କୁ ଜଣେ ଅସୁସ୍ଥ ବ୍ୟକ୍ତି ଏବଂ 'ଲୋନ୍ ୱୁଲ୍ଫ' ବୋଲି କହିଛନ୍ତି। ସେ ସିକ୍ରେଟ୍ ସର୍ଭିସର ସାହସିକତାକୁ ପ୍ରଶଂସା କରିବା ସହ କହିଛନ୍ତି ଯେ ଏଭଳି ଘଟଣା ତାଙ୍କୁ ଭୟଭୀତ କରିପାରିବ ନାହିଁ। ଟ୍ରମ୍ପ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆକ୍ରମଣକାରୀଙ୍କ ସହ ଇରାନର କୌଣସି ସମ୍ପର୍କ ଥିବା ପରି ମନେ ହେଉନାହିଁ। ସେ ଘୋଷଣା କରିଛନ୍ତି ଯେ ବାତିଲ ହୋଇଥିବା ଏହି ଭୋଜି କାର୍ଯ୍ୟକ୍ରମ ଆଗାମୀ ୩୦ ଦିନ ମଧ୍ୟରେ ପୁଣି ଆୟୋଜିତ ହେବ।

ଏହି ଆକ୍ରମଣକୁ ବିଶ୍ୱ ନେତାମାନେ କଠୋର ନିନ୍ଦା କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସ ମାଧ୍ୟମରେ କହିଛନ୍ତି ଯେ, "ରାଷ୍ଟ୍ରପତି ଟ୍ରମ୍ପ, ପ୍ରଥମ ମହିଳା ଏବଂ ଉପ-ରାଷ୍ଟ୍ରପତି ସୁରକ୍ଷିତ ଥିବା ଜାଣି ମୁଁ ଆଶ୍ୱସ୍ତ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ସେହିପରି କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନେ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଏହି ଘଟଣାକୁ ନିନ୍ଦା କରିବା ସହ ସମସ୍ତଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରିଛନ୍ତି।

ୱାସିଂଟନ୍ ହଲ୍‌ଟନ୍ ହୋଟେଲରେ ୧୯୮୧ରେ ତତ୍କାଳୀନ ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍‌ଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଥିଲା। ଏହି ଘଟଣା ପୂର୍ବରୁ ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରୀ କାରୋଲିନ୍ ଲିଭିଟ୍ ଏକ ସାକ୍ଷାତକାରରେ ଟ୍ରମ୍ପଙ୍କ ଭାଷଣକୁ ନେଇ କହିଥିଲେ ଯେ "ଆଜି ରାତିରେ ରୁମ୍ ଭିତରେ ଗୁଳି ଚାଲିବ' ଯାହାକି ଏକ ଅଳଙ୍କାରିକ ଶବ୍ଦ ଥିଲା। କିନ୍ତୁ ପ୍ରକୃତରେ ଗୁଳିକାଣ୍ଡ ହେବା ପରେ ତାଙ୍କର ଏହି ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ସିକ୍ରେଟ୍ ସର୍ଭିସ୍ ଏବଂ ଏଫବିଆଇ ଏହି ଘଟଣାର ଗଭୀର ତଦନ୍ତ କରୁଛନ୍ତି। ଏବଂ ହଲ୍‌ଟନ୍ ହୋଟେଲ ଚାରିପାଖରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## କଲମ୍ବିଆ ବସ୍ ବିସ୍ଫୋରଣ: ୧୩ ମୃତ



କଲମ୍ବିଆ,୨୬।୪(ଏଜେନ୍ସି): ଦକ୍ଷିଣ-ପଶ୍ଚିମ କଲମ୍ବିଆର କାଉକା ଅଞ୍ଚଳରେ ଏକ ଭୀଷଣ ବିସ୍ଫୋରଣ ଘଟି ଯାତ୍ରୀବାହୀ ବସରେ ଥିବା ୧୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୩୮ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଦେଶର ସେନା ମୁଖ୍ୟ ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ଭାବରେ ଅଭିହିତ କରିଛନ୍ତି। ହାଇୱେରେ ବସ୍‌ଟି ଯାଉଥିବା ସମୟରେ ବିସ୍ଫୋରଣ ଘଟାଯାଇଥିଲା। ଆହତଙ୍କ ମଧ୍ୟରେ ୫ ଜଣ ଶିଶୁ ରହିଥିବା ବେଳେ ମୃତକଙ୍କ ମଧ୍ୟରେ ଅନେକ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଲୋକ ଅଛନ୍ତି ବୋଲି ପ୍ରାଥମିକ ରିପୋର୍ଟରୁ ଜଣାପଡିଛି। କଲମ୍ବିଆ ସଶସ୍ତ୍ର ବାହିନୀର କମାଣ୍ଡର ଜେନେରାଲ ହ୍ୟୁଗୋ ଲୋପେଜ୍ ଏହି ଆକ୍ରମଣ ପାଇଁ ପୂର୍ବତନ ବିଦ୍ରୋହୀ ଗୋଷ୍ଠୀଙ୍କ ମଧ୍ୟରୁ ଏକ ଗୋଷ୍ଠୀ ତଥା ଏହାର ନେତା ଇଭାନ୍ ମୋର୍ଡିସ୍କଙ୍କୁ ଦାୟୀ କରିଛନ୍ତି। ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଏହି ଅଞ୍ଚଳରେ ଗତ ଦୁଇ ଦିନ ମଧ୍ୟରେ ପ୍ରାୟ ୨୬ଟି ହିଂସାତ୍ମକ ଘଟଣା ଘଟିଛି। ଯେଉଁଥିରେ ପୋଲିସ ଷ୍ଟେସନ ଏବଂ ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ୍ କରାଯାଇଛି। ଏହି ଅଞ୍ଚଳ ଡ୍ରଗ୍ ଚୋରା ଚାଲାଣ ପାଇଁ ଏକ ପ୍ରମୁଖ କେନ୍ଦ୍ର ପାଲଟିଛି।

## ସିକାଗୋ ହସ୍ପିଟାଲରେ ଗୁଳିକାଣ୍ଡ

ସିକାଗୋ,୨୬।୪(ଏଜେନ୍ସି): ଆମେରିକାର ସିକାଗୋ ସହରର ଏଣ୍ଡେଭର୍ ହେଲଥ୍ ସ୍ୱିଡିଶ୍ ହସ୍ପିଟାଲରେ ପୁଲିସ ହେପାଜତରେ ଥିବା ଜଣେ ଅଭିଯୁକ୍ତ ଗୁଳି ଚଳାଇବାରୁ ଜଣେ ପୁଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ଜଣେ ଅଧିକାରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ସମୟ ଶନିବାର ପୂର୍ବାହ୍ନରେ ଏହି ହିଂସାକାଣ୍ଡ ଘଟିଥିଲା। ପୁଲିସ ହେପାଜତରେ ଥିବା ଜଣେ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲକୁ ଅଣାଯାଇଥିଲା। ଅଭିଯୁକ୍ତ ଜଣଙ୍କୁ ଆଣିବା ସମୟରେ ସମସ୍ତ ସୁରକ୍ଷା ନିୟମ ଅନୁସରଣ କରାଯାଇଥିଲ। ହେଲେ ଅଭିଯୁକ୍ତ ଜଣକ ହଠାତ୍ ପୁଲିସ ଅଧିକାରୀଙ୍କ ଉପରକୁ ଗୁଳି ଚଳାଇ ହସ୍ପିଟାଲରୁ ଫେରାର ହୋଇଯାଇଥିଲା। ଏହି ଗୁଳିକାଣ୍ଡରେ ଦୁଇଜଣ ଅଧିକାରୀ ଗୁଳିବିଦ୍ଧ ହୋଇଥିଲେ। ସିକାଗୋ ପୁଲିସ ସୁପରିଟେଣ୍ଡେଣ୍ଟ ଲ୍ୟାରି ସ୍ନେଲିଂଙ୍କ ସୂଚନା ଅନୁଯାୟୀ, ଜଣେ ଅଧିକାରୀଙ୍କୁ ମୃତ ଘୋଷଣା କରାଯାଇଥିବା ବେଳେ ଅନ୍ୟ ଜଣେ ଅଧିକାରୀ ଏବେ ମଧ୍ୟ ଜୀବନ ସହ ସଂଗ୍ରାମ କରୁଛନ୍ତି। ଗୁଳିକାଣ୍ଡ ଘଟାଇ ଫେରାର ହୋଇଥିବା ଅଭିଯୁକ୍ତକୁ ପରବର୍ତ୍ତୀ ସମୟରେ ପୁଲିସ ଗିରଫ କରିବା ସହ ତା' ନିକଟରୁ ମାରଣାସ୍ତ୍ର ଜବତ କରିଛି।

## ଫଟୋ ସାମ୍ବାଦିକ ରଘୁ ରାୟଙ୍କ ପରଲୋକ

ନୂଆଦିଲ୍ଲୀ,୨୬।୪(ଏଜେନ୍ସି): ଭାରତୀୟ ଫଟୋ ସାମ୍ବାଦିକତା ଜଗତର ଜଣେ କିମ୍ବଦନ୍ତୀ ପୁରୁଷ ତଥା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ରଘୁ ରାୟଙ୍କ ରବିବାର ନୂଆଦିଲ୍ଲୀର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ଶ୍ରୀ ରାୟ ଦୀର୍ଘ ଦିନ ଧରି



କର୍କଟ ରୋଗ ଏବଂ ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟ ସମସ୍ୟା ସହ ଲଢୁଥିଲେ। ପୂର୍ବରୁ ସେ ପ୍ରୋଷ୍ଟେଟ୍ ଏବଂ ପେଟ କର୍କଟରୁ ସୁସ୍ଥ ହୋଇଥିଲେ ମଧ୍ୟ ନିକଟରେ ଏହି ମାରାତ୍ମକ ରୋଗ ତାଙ୍କ ମସ୍ତିଷ୍କକୁ ବ୍ୟାପିଯାଇଥିଲା। ଆଜି ଅପରାହ୍ଣ ୪ଟା ସମୟରେ ନୂଆଦିଲ୍ଲୀର ଲୋଧି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ତାଙ୍କ ବିୟୋଗରେ ସାମ୍ବାଦିକତା ଏବଂ କଳା ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି। ୧୯୪୨ରେ ଅବିଭକ୍ତ ପଞ୍ଜାବର ଝାଙ୍ଗ (ବର୍ତ୍ତମାନ ପାକିସ୍ତାନରେ) ଜନ୍ମିତ ଶ୍ରୀ ରାୟ, ନିଜ ବଡ଼ ଭାଇ ଏସ. ପଲ୍‌ଙ୍କ ପ୍ରେରଣାରେ ୧୯୬୦ ଦଶକରୁ ଫଟୋଗ୍ରାଫି ଆରମ୍ଭ କରିଥିଲେ। ୧୯୭୨ରେ ବାଂଲାଦେଶ ମୁକ୍ତି ସଂଗ୍ରାମ ଏବଂ ଶରଣାର୍ଥୀ ସମସ୍ୟାର ଉତ୍କୃଷ୍ଟ ଫଟୋ କଭରେଜ୍ ପାଇଁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ୧୯୯୨ରେ ଫଟୋଗ୍ରାଫର ଅଫ୍ ଦି ଇୟର (ଆମେରିକା) ଏବଂ ୨୦୦୯ରେ ଫ୍ରାନ୍ସ ସରକାରଙ୍କ ଦ୍ୱାରା ଅଫିସର ଦେଶ ଆର୍ଟ୍ସ ଏଟ୍ ଦେସ୍ ଲେଟ୍ରେସ୍ ସମ୍ମାନରେ ସେ ଭୂଷିତ ହୋଇଥିଲେ। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସରେ ଶୋକ ବ୍ୟକ୍ତ କରିଛନ୍ତି।

## ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହେଲା ରୁଷ ଦୂତାବାସ

ନୂଆଦିଲ୍ଲୀ,୨୬।୪(ଏଜେନ୍ସି): ଭାରତ ଓ ରୁଷିଆ ମଧ୍ୟରେ ଥିବା ବନ୍ଧୁତ୍ୱ ଏବେ ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଏକ ନୂତନ ଉଦାହରଣ ସୃଷ୍ଟି କରିଛି। ରବିବାର ଭାରତରେ ଅବସ୍ଥିତ ରୁଷ ଦୂତାବାସର ଅଧିକାରୀ ଓ କର୍ମଚାରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ କାର୍ଯ୍ୟକ୍ରମ 'ସ୍ୱଚ୍ଛ ଭାରତ ଅଭିଯାନ' ପ୍ରତି ସମର୍ଥନ ଜଣାଇ ଏକ ସ୍ୱେଚ୍ଛାକୃତ ସଫେଇ ଅଭିଯାନରେ ଅଂଶଗ୍ରହଣ କରିଛନ୍ତି। ଭାରତରେ ଅବସ୍ଥିତ ରୁଷର ରାଷ୍ଟ୍ରଦୂତ ଡେନିସ୍ ଆଲିପୋଭ୍ ନିଜେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେ ନିଜ ସହକର୍ମୀମାନଙ୍କ ସହ ମିଶି ଦୂତାବାସର ଆବାସିକ ପରିସର ଚାରିପାଖରେ ପଡ଼ିଥିବା ଆବର୍ଜନା ସଂଗ୍ରହ କରିବା ସହ ସେହି ଅଞ୍ଚଳକୁ ସଫା କରିଥିଲେ। ରୁଷର ନିଜସ୍ୱ ସ୍ୱେଚ୍ଛାସେବୀ ପ୍ରକଳ୍ପ "ୱି ଷ୍ଟାଣ୍ଡ ଫର କ୍ଲିନଲିନେସ୍'ର ଅଂଶବିଶେଷ ଭାବେ ଏହି ପଦକ୍ଷେପ ନିଆଯାଇଛି। ଏହି ସଫେଇ ଅଭିଯାନରେ ରୁଷର ଉପ-ରାଷ୍ଟ୍ରଦୂତ ରୋମାନ ବାବୁସ୍କିନଙ୍କ ସମେତ ଅନ୍ୟ ବରିଷ୍ଠ କୂଟନୀତିଜ୍ଞମାନେ ମଧ୍ୟ ସାମିଲ ହୋଇଥିଲେ।

## ଆଶଙ୍କାରେ ଇସ୍ରାଏଲ-ଲେବାନନ ଅସ୍ତ୍ରବିରତି

### ହିଜବୁଲ୍ଲା ଉପରେ ଭୀଷଣ ଆକ୍ରମଣ ପାଇଁ ନେତନ୍ୟାହୁଙ୍କ ନିର୍ଦ୍ଦେଶ

ଜେରୁଜେଲମ/ବେରୁତ, ୨୬।୪ (ଏଜେନ୍ସି): ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଏବେ ଭୁଶୁଡ଼ିବା ଅବସ୍ଥାରେ ପହଞ୍ଚିଛି। ଦକ୍ଷିଣ ଲେବାନନରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ପକ୍ଷରୁ ହିଜବୁଲ୍ଲା ଆଡ୍ଡାଗୁଡ଼ିକ ଉପରେ କରାଯାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ ପରେ ସମଗ୍ର ଅଞ୍ଚଳରେ ପୁଣି ଥରେ ଉତ୍ତେଜନା ପ୍ରକାଶ ପାଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ହିଜବୁଲ୍ଲା ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଲେବାନନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ରବିବାର ଦକ୍ଷିଣ ଲେବାନନର ବିନ୍ତ ଜବେଲ, ଟାୟର ଏବଂ ନବତିୟ ଜିଲ୍ଲାର ଅତିକମରେ ୪ଟି ସ୍ଥାନରେ ଇସ୍ରାଏଲ ପକ୍ଷରୁ କ୍ରମାଗତ ବିମାନ ଆକ୍ରମଣ କରାଯାଇଛି। ଇସ୍ରାଏଲ ସେନା କହିଛି ଯେ ସେମାନେ ହିଜବୁଲ୍ଲାର ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ଇରାନ ସମର୍ଥିତ ହିଜବୁଲ୍ଲା ଗୋଷ୍ଠୀ ଅସ୍ତ୍ରବିରତି ନିୟମ ଉଲ୍ଲଂଘନ କରିଛି। ଏଥିପାଇଁ ଇସ୍ରାଏଲ ଇରାନ ସମର୍ଥିତ ଏହି ଗୋଷ୍ଠୀକୁ ଦାୟୀ କରିଛି। ଆଇଡିଏଫ୍‌ର ସୂଚନା ଅନୁଯାୟୀ, ସେମାନେ ଦକ୍ଷିଣ ଲେବାନନରେ ୧୫ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ଏହା ସହିତ କ୍ୱାନ୍ତାରା ଅଞ୍ଚଳରେ ଇସ୍ରାଏଲୀ ସୈନ୍ୟଙ୍କ ଉପରକୁ ବିସ୍ଫୋରକ ଡ୍ରୋନ ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଇସ୍ରାଏଲୀ ସେନା ହିଜବୁଲ୍ଲାର ଏକ ଅସ୍ତ୍ରଶସ୍ତ୍ର ଭଣ୍ଡାରରୁ ଆଣ୍ଟି-ଟ୍ୟାଙ୍କ ମିସାଇଲ ଏବଂ କାଲାସନିକୋଭ ରାଇଫଲ ଜବତ କରିଥିବା ଦାବି କରିଛି। ହିଜବୁଲ୍ଲା ମୁଖ୍ୟ ନଇମ କାସେମ ଏହି ଅସ୍ତ୍ରବିରତିକୁ ଲେବାନନ ପାଇଁ ଏକ ଅପମାନ ବୋଲି କହିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ ଏହି ଚୁକ୍ତି କେବଳ ଏକପାଖିଆ ହୋଇପାରିବ ନାହିଁ ଏବଂ ସେମାନଙ୍କ ଯୁଦ୍ଧାସ୍ତ୍ର ଏବେ ବି ପ୍ରସ୍ତୁତ ଅଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଏହି ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଯାହାକୁ ନିକଟରେ କୂଟନୈତିକ ଆଲୋଚନା ପାଇଁ ଆଉ ତିନି ସପ୍ତାହ ବୃଦ୍ଧି କରାଯାଇଥିଲା। ତେବେ ବର୍ତ୍ତମାନର ଆକ୍ରମଣ ଏହି ନୂତନ ଏବଂ ଦୁର୍ବଳ ଅସ୍ତ୍ରବିରତିକୁ ସମ୍ପୂର୍ଣ୍ଣ ଭାବେ ବିପଦରେ ପକାଇଛି।

## ସନ୍ତାନକୁ ନେବା ପାଇଁ ପତ୍ନୀ ଓ ଶାଶୂଙ୍କୁ ହତ୍ୟା

ଉତ୍ତରପ୍ରଦେଶ,୨୬।୪(ଏଜେନ୍ସି): ସନ୍ତାନର ଅଧିକାରକୁ କେନ୍ଦ୍ର କରି ଉତ୍ତରପ୍ରଦେଶର ବଲିଆ ଜିଲ୍ଲାରେ ଏକ ଅମାନୁଷିକ କାଣ୍ଡ ଘଟିଛି। ଜଣେ ବ୍ୟକ୍ତି ନିଜ ପତ୍ନୀ ଓ ଶାଶୂଙ୍କୁ ଛୁରି ଭୁସି ହତ୍ୟା କରିଥିବା ବେଳେ ଶ୍ୱଶୁରଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଛି। ଅଭିଯୁକ୍ତ ଅମିତ ଗୁପ୍ତା ଶନିବାର ଭୋର ସମୟରେ ତାଙ୍କ ପତ୍ନୀ ପ୍ରୀତିଙ୍କ ବାପଘରେ ଅତର୍କିତ ଭାବେ ପହଞ୍ଚିଥିଲା। ନିଜ ସନ୍ତାନକୁ ସାଥିରେ ନେବାକୁ ଜିଦ୍ କରି ଅମିତ ତାଙ୍କ ପତ୍ନୀଙ୍କ ସହ ଯୁକ୍ତିତର୍କ କରିଥିଲେ। ମାତ୍ର ପ୍ରୀତି ସନ୍ତାନକୁ ହସ୍ତାନ୍ତର କରିବାକୁ ମନା କରିବାରୁ ଉତ୍ତ୍ୟକ୍ତ ହୋଇ ଅମିତ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲା। ଝିଅକୁ ବଞ୍ଚାଇବା ପାଇଁ ଆଗେଇ ଆସିଥିବା ଶାଶୂ ସୁଶୀଳା ଦେବୀଙ୍କୁ ମଧ୍ୟ ଅମିତ ହତ୍ୟା କରିଛି।

## ଭାଙ୍ଗରରୁ ୯ଟି ଜୀବନ୍ତ ବୋମା ଜବତ

### ପଶ୍ଚିମବଙ୍ଗରେ ରାଜନୈତିକ ଉଷ୍ମତା ବୃଦ୍ଧି

ପଶ୍ଚିମବଙ୍ଗ,୨୬।୪(ଏଜେନ୍ସି): ପଶ୍ଚିମବଙ୍ଗର ଭାଙ୍ଗର ଅଞ୍ଚଳରେ ପୁଲିସ ଏକ ସର୍ଚ୍ଚ ଅପରେସନ କରି ୯ଟି ଜୀବନ୍ତ ବୋମା ଜବତ କରିଛି। ଏହାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଇଣ୍ଡିଆନ ସେକୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ମଧ୍ୟରେ ରାଜନୈତିକ ବାଦବିବାଦ ଏବଂ କାଦୁଅ ଫିଙ୍ଗାଫିଙ୍ଗି ଚରମ ସୀମାରେ ପହଞ୍ଚିଛି। ଏହି ଘଟଣା ଭାଙ୍ଗରର ଉତ୍ତର କାଶୀପୁର ଥାନା ଅନ୍ତର୍ଗତ ଚେଲେଗୋଆଲିଆ ଅଞ୍ଚଳରେ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଜଣେ ଟିଏମସି କର୍ମୀଙ୍କ ବୋଲି କୁହାଯାଉଥିବା ଏକ ଘର ପଛପଟେ ଥିବା ବଗିଚାରୁ ଏହି ବିସ୍ଫୋରକ ଭର୍ତ୍ତି ବ୍ୟାଗ ମିଳିଛି। ନିର୍ବାଚନ ପୂର୍ବରୁ ଉତ୍ତେଜନା ଲାଗି ରହିଥିବା ବେଳେ ରବିବାର ଏହି ବୋମା ଗୁଡ଼ିକୁ ଉଦ୍ଧାର କରାଯାଇଛି। ଏହା ପୂର୍ବ ଦିନ ମଧ୍ୟ ଅଞ୍ଚଳରେ ଅନୁରୂପ ଘଟଣା ଘଟିଥିଲା। ଉତ୍ତର କାଶୀପୁର ପୋଲିସ ବୋମା ଗୁଡ଼ିକୁ ଜବତ କରିଥିବା ବେଳେ ବୋମା ନିଷ୍କ୍ରିୟକାରୀ ଦଳ ଏହାକୁ ନିଷ୍କ୍ରିୟ କରିବାରେ ନିୟୋଜିତ ଅଛନ୍ତି। ରାଜନୈତିକ ସ୍ତରରେ ଟିଏମ୍‌ସି ଏବଂ ଆଇଏସ୍‌ଏଫ୍ ପରସ୍ପର ଉପରେ ଦୋଷ ଲଦାଲଦି କରିଛନ୍ତି। ଅନ୍ୟପଟେ, ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ପୋଲିସ କମିଶନର, ଏସପି ଏବଂ ଥାନା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଘଟଣାରେ ସତର୍କ କରାଇ ଦେଇଛନ୍ତି। ନିର୍ବାଚନକୁ ଅବାଧ ଏବଂ ମୁକ୍ତ କରିବା ପାଇଁ କମିଶନ ପୋଲିସକୁ ୨୪ ଘଣ୍ଟା ମଧ୍ୟରେ ସମସ୍ତ ବିସ୍ଫୋରକ ଓ ଧମକପୂର୍ଣ୍ଣ ସାମଗ୍ରୀ ଜବତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ଏବଂ ସ୍ଥାନୀୟ ପୋଲିସ ସହ କେନ୍ଦ୍ରୀୟ ବାହିନୀ ମୁତୟନ ହୋଇଛନ୍ତି। ନିର୍ବାଚନ କମିଶନ ସ୍ପଷ୍ଟ କରିଛନ୍ତି ଯେ ଯଦି କୌଣସି ଅଧିକାରୀଙ୍କ ଅଞ୍ଚଳରେ ବିସ୍ଫୋରକ ମିଳେ କିମ୍ବା ହିଂସାକାଣ୍ଡ ଘଟେ, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଇରାନ ଆକ୍ରମଣ: ବ୍ୟାପକ କ୍ଷତିକୁ ଲୁଚାଉଛି ଆମେରିକା

ୱାଶିଂଟନ୍,୨୬।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଇରାନ-ଆମେରିକା ମଧ୍ୟରେ ସାମରିକ ସଂଘର୍ଷରେ ନୂଆ ବିବାଦ ଦେଖା ଦେଇଛି। ରିପୋର୍ଟ ଅନୁଯାୟୀ, ଆମେରିକାର ସାମରିକ ଭିତ୍ତିଭୂମି ଉପରେ ଇରାନର ପ୍ରତିରୋଧାତ୍ମକ ଆକ୍ରମଣ ଆମେରିକାର ପ୍ରଭୁତ କ୍ଷତି ସାଧନ କରିଛି। ପୂର୍ବରୁ ସାର୍ବଜନୀନ କରାଯାଇଥିବା ତଥ୍ୟ ଅପେକ୍ଷା ଏହା ଯଥେଷ୍ଟ ଅଧିକ ଏବଂ ଭୟଙ୍କର। ଇରାନ ଆକ୍ରମଣରେ ୭ଟି ମଧ୍ୟପ୍ରାଚ୍ୟ ଦେଶରେ ଥିବା ଆମେରିକାର ସାମରିକ ଘାଟିଗୁଡିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଯାହାର ମରାମତି ପାଇଁ ଶହ ଶହ କୋଟି ଡଲାର ଖର୍ଚ୍ଚ ହେବା ଅନୁମାନ କରାଯାଉଛି। ଗତ ଫେବୃଆରୀ ୨୮ ରେ ଆମେରିକା ଏବଂ ଇସ୍ରାଏଲର ମିଳିତ ବିମାନ ଆକ୍ରମଣ ଇରାନ ଉପରେ ଆରମ୍ଭ ହୋଇଥିଲା। ଏହାପରେ ଇରାନ ମଧ୍ୟ ସମାନ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି। ଇରାନର ଆକ୍ରମଣରେ ଆମେରିକାର କମାଣ୍ଡ ହେଡକ୍ୱାର୍ଟର, ବିମାନ ହ୍ୟାଙ୍ଗର, ଗୋଦାମ ଘର, ସାଟେଲାଇଟ୍ ଯୋଗାଯୋଗ ଭିତ୍ତିଭୂମି, ରନୱେ ଏବଂ ଅତ୍ୟାଧୁନିକ ରାଡାର ସିଷ୍ଟମ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ସରଞ୍ଜାମ ନଷ୍ଟ ହୋଇଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଆମେରିକାର ଶକ୍ତିଶାଳୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ ରହିଛି। ଏହାସତ୍ତ୍ୱେ ଇରାନ ନିଜର ଏକ ଅତି ପୁରୁଣା ଏଫ୍-୫ ଫାଇଟର ଜେଟ୍ ସହ ସଫଳତାର ସହ ଆକ୍ରମଣ କରିବାରେ ସକ୍ଷମ ହୋଇଛି। ଏତେ ବଡ଼ ଧରଣର କ୍ଷୟକ୍ଷତି ହୋଇଥିଲେ ସୁଦ୍ଧା ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ଏବଂ ଆମେରିକା ସେଣ୍ଟ୍ରାଲ କମାଣ୍ଡ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେବାକୁ ମନା କରିଦେଇଛନ୍ତି। ପେଣ୍ଟାଗନର ଏହି ନୀରବତାକୁ ନେଇ ରିପବ୍ଲିକାନ ସାଂସଦମାନେ ତୀବ୍ର ସମାଲୋଚନା କରିଛନ୍ତି। ଜଣେ କଂଗ୍ରେସ ସହାୟକଙ୍କ କହିବା ଅନୁଯାୟୀ, "ଆମେ ସପ୍ତାହ ସପ୍ତାହ ଧରି ତଥ୍ୟ ମାଗୁଥିଲେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳୁନାହିଁ। ଅନ୍ୟପକ୍ଷେ ପେଣ୍ଟାଗନ ଏକ ରେକର୍ଡ ସଂଖ୍ୟକ ବିଶାଳ ବଜେଟ୍ ଦାବି କରୁଛି'। ଏହି ରିପୋର୍ଟ ସାର୍ବଜନୀନ ହେବା ପରେ, ଇରାନ ଭଳି ପ୍ରତିପକ୍ଷ ଦେଶ ନିକଟରେ ଆମେରିକାର ସାମରିକ ଘାଟି ରଖିବାର ଯଥାର୍ଥତା ଏବଂ ସମ୍ଭାବ୍ୟ ବିପଦକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି। କ୍ଷୟକ୍ଷତିର ପରିମାଣ ଏବଂ ପୁନର୍ନିର୍ମାଣ ଖର୍ଚ୍ଚ ଆଗାମୀ ଦିନରେ ଆମେରିକାର ସାମରିକ ରଣନୀତି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ୭ ବିଦ୍ରୋହୀଙ୍କ ସଦସ୍ୟତା ବାତିଲ ପାଇଁ ଆପ୍‌ର ଆବେଦନ

ନୂଆଦିଲ୍ଲୀ,୨୬।୪(ଏଜେନ୍ସି):

ଆମ୍ ଆଦମୀ ପାର୍ଟି (ଆପ୍) ମଧ୍ୟରେ ସୃଷ୍ଟି ହୋଇଥିବା ଗୁରୁତର ରାଜନୈତିକ ସଙ୍କଟ ଏବେ ଆଇନଗତ ଲଢେଇ ଆଡ଼କୁ ମୁହାଁଇଛି। ବିଜେପିରେ ସାମିଲ ହୋଇଥିବା ଦଳର ୭ ଜଣ ରାଜ୍ୟସଭା ସାଂସଦଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ ଆପ୍ ରବିବାର ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ସିପି. ରାଧାକୃଷ୍ଣନଙ୍କ ନିକଟରେ ଏକ ଆବେଦନ ଦାଖଲ କରିଛି। ଗତ ଶୁକ୍ରବାର ଦିନ ଆପ୍‌ର ୭ ଜଣ ରାଜ୍ୟସଭା ସାଂସଦ ଦଳ ଛାଡ଼ି ବିଜେପି ସହ ମିଶ୍ରଣ କରିବାକୁ ଘୋଷଣା କରିଥିଲେ। ଏହି ସାଂସଦମାନଙ୍କ ମଧ୍ୟରେ ରାଘବ ଚଡ୍ଡା, ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ହରଭଜନ ସିଂ, ରାଜେନ୍ଦ୍ର ଗୁପ୍ତା, ସ୍ୱାତି ମାଲିୱାଲ ଏବଂ ବିକ୍ରମଜିତ ସାହନେ ରହିଛନ୍ତି। ଦଳର ଦୁଇ-ତୃତୀୟାଂଶ ସଭ୍ୟ ଏହି ନିଷ୍ପତ୍ତି ନେଇଥିବାରୁ ଏହା ଏକ ବୈଧ ମିଶ୍ରଣ ଏବଂ ସେମାନଙ୍କ ଉପରେ ଦଳବଦଳ ବିରୋଧୀ



ଆଇନ ଲାଗୁ ହେବ ନାହିଁ ବୋଲି ବିଦ୍ରୋହୀ ସାଂସଦମାନେ ଦାବି କରିଛନ୍ତି। ଆପ୍ ନେତା ତଥା ସାଂସଦ ସଞ୍ଜୟ ସିଂହ ରବିବାର ସୂଚନା ଦେଇଛନ୍ତି ଯେ, ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଏହି ଦଳବଦଳ ବେଆଇନ। ଏଣୁ ସମ୍ପୃକ୍ତ ସାଂସଦମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ୍। ଏହି ପ୍ରସଙ୍ଗରେ ଦଳ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ପୂର୍ବତନ ଲୋକସଭା ସଚିବ ପିଡିଟି ଆଚାର୍ଯ୍ୟଙ୍କ ଭଳି ସାମ୍ବିଧାନିକ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଛି।

ଅନ୍ୟପଟେ, ଦଳ ଛାଡ଼ିଥିବା ରାଘବ ଚଡ୍ଡା ଦଳ ମଧ୍ୟରେ ଥିବା ଅସନ୍ତୋଷ ଓ ଦୂରତାକୁ ନିଜ ନିଷ୍ପତ୍ତିର କାରଣ ବୋଲି କହିଥିବାବେଳେ ବିକ୍ରମଜିତ ସାହନେ ପଞ୍ଜାବର କୃଷି ସଙ୍କଟ ଓ ନିଶାଦ୍ରବ୍ୟ ସମସ୍ୟା ଭଳି ପ୍ରସଙ୍ଗ ଉଠାଇଛନ୍ତି। ଏହା ସହିତ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଏହି ସାଂସଦମାନଙ୍କୁ ପଦରୁ ହଟାଇବା ବା ଫେରାଇ ଆଣିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ କରିବାକୁ ସମୟ ମାଗିଛନ୍ତି। ସଞ୍ଜୟ ସିଂହ ଏହି ଘଟଣାକୁ ବିଜେପିର ଏକ ଷଡ଼ଯନ୍ତ୍ର ବୋଲି ଅଭିହିତ କରିବା ସହ ପଞ୍ଜାବରେ ଏହି ସାଂସଦମାନଙ୍କ ବିରୋଧରେ ଜନଅସନ୍ତୋଷ ପ୍ରକାଶ ପାଉଥିବା ଦାବି କରିଛନ୍ତି। ବର୍ତ୍ତମାନ ଏହି ମାମଲା ରାଜ୍ୟସଭା ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି।

### ବିଜେପିରେ ସାମିଲ ହେବା ଘଟଣା

## ପଞ୍ଜାବ ସରକାରଙ୍କ ସୁରକ୍ଷା ପ୍ରତ୍ୟାହାର ପରେ ହରଭଜନଙ୍କୁ ମିଳିଲା କେନ୍ଦ୍ରୀୟ ସୁରକ୍ଷା

ନୂଆଦିଲ୍ଲୀ,୨୬।୪(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା ରାଜ୍ୟସଭା ସାଂସଦ ହରଭଜନ ସିଂଙ୍କୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରୀୟ ସଂରକ୍ଷିତ ପୋଲିସ ବଳ (ସିଆର୍‌ପିଏଫ୍) ସୁରକ୍ଷା ଯୋଗାଇ ଦିଆଯାଇଛି। ପଞ୍ଜାବର ଆପ୍ ସରକାର ତାଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନେବା ପରେ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିବା ରବିବାର ସୂତ୍ରରୁ ପ୍ରକାଶ ପାଇଛି। ନିକଟରେ ହରଭଜନ ସିଂ ଆପ୍ ଛାଡି ବିଜେପିରେ ଯୋଗ ଦେଇଛନ୍ତି। ଏହା ପରେ ଶନିବାର ପଞ୍ଜାବର ଜଳନ୍ଧର ସ୍ଥିତ ତାଙ୍କ ବାସଭବନ ବାହାରେ ଆପ୍ କର୍ମୀମାନେ ତୀବ୍ର ବିରୋଧ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସମୟରେ ଉତ୍ତ୍ୟକ୍ତ କର୍ମୀମାନେ



ତାଙ୍କ ଘର କାନ୍ଥରେ 'ଗଦ୍ଦାର' (ବିଶ୍ୱାସଘାତକ) ବୋଲି ରଙ୍ଗରେ ଲେଖିଥିବା ଦେଖିବାକୁ ମିଳିଥିଲା। ପଞ୍ଜାବ ପୋଲିସ ଶନିବାର ହରଭଜନଙ୍କ ସୁରକ୍ଷାରେ ନିୟୋଜିତ ଥିବା ପ୍ରାୟ ୯ ରୁ ୧୦ ଅଧିକାରୀଙ୍କୁ ପ୍ରତ୍ୟାହାର କରିନେଇଥିଲା। ପରେ ତୁରନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ସିଆର୍‌ପିଏଫ୍ ସୁରକ୍ଷା ପ୍ରଦାନ କରାଯାଇଛି। ରବିବାର ତାଙ୍କ ଜଳନ୍ଧର ବାସଭବନ ବାହାରେ ସିଆର୍‌ପିଏଫ୍ କମାଣ୍ଡୋମାନେ ମୁତୟନ ହୋଇଥିବା ଦେଖାଯାଇଛି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୦୮ - ଲଣ୍ଡନରେ ଆଧୁନିକ ଅଲମ୍ପିକ୍ ଖେଳର ଉଦ୍‌ଘାଟନ।
- ୧୯୬୦- ନୂଆଦିଲ୍ଲୀରେ ନ୍ୟାସନ୍ୟାଲ୍ ଡିଫେନ୍ସ କଲେଜ ଖୋଲିଲା।
- ୧୯୭୨- ମହାକାଶଯାନ ଆପୋଲୋ-୧୬ ପୃଥିବୀ ପୃଷ୍ଠକୁ ଫେରିଲା।
- ୧୯୮୯ - ବାଂଲାଦେଶରେ ତୋଫାନରେ ୫୦୦ ଲୋକଙ୍କ ମୃତ୍ୟୁ।
- ୨୦୦୮ - ମରକ୍କୋରେ ଏକ ଗଦି ଫ୍ୟାକ୍ଟ୍ରିରେ ନିଆଁ ଲାଗିବାରୁ ୫୫ ଜଣ ଜୀବନ୍ତଦଗ୍ଧ।

## ଘାତକ 'ବ୍ଲଡ୍ କିକ୍' ଟ୍ରେଣ୍ଡ



ଆଜିକାଲିର ଯୁବପିଢ଼ିଙ୍କ ମଧ୍ୟରେ ଫ୍ୟାଶନ୍, ଟେକ୍ନୋଲୋଜି ଏବଂ ଜୀବନଶୈଳୀକୁ ନେଇ ଅନେକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳୁଛି। ହେଲେ ସୋସିଆଲ ମିଡିଆ ଯୋଗୁଁ ଅନେକ ଅଜବ ଟ୍ରେଣ୍ଡ ସବୁ ଦେଖିବାକୁ ମିଳୁଛି। ଏହା ସେମାନଙ୍କ ଜୀବନଶୈଳୀକୁ ପ୍ରଭାବିତ କରୁଛି। ଏହି କ୍ରମରେ ଏବେ ଯୁବପିଢ଼ିଙ୍କ ମଧ୍ୟରେ 'ବ୍ଲଡ୍ କିକ୍' ଟ୍ରେଣ୍ଡର ଆଦର ବଢ଼ିଛି। ଏଥିରେ ଯୁବପିଢ଼ି ନିଜ ଶରୀରରୁ ରକ୍ତ ବାହାର କରି ଏହାକୁ ପୁଣି ନିଜ ଶରୀରରେ ଇଞ୍ଜେକସନ୍ ମାଧ୍ୟମରେ ପ୍ରବେଶ କରାଉଛନ୍ତି। ଏପରି କରିବା ଦ୍ୱାରା ଯନ୍ତ୍ରଣା ଲାଘବ ହେବା ସହ ମାନସିକ ଶାନ୍ତି ମିଳୁଥିବା ସେମାନେ ବିଶ୍ୱାସ କରୁଛନ୍ତି। ଏନେଇ ଗାନ୍ଧୀ ମେଡିକାଲ କଲେଜ ଏବଂ ହମିଦିଆ ହସ୍‌ପିଟାଲର ଡାକ୍ତରଙ୍କ ଅନୁସାରେ, ନିକଟରେ ଏମିତି ଅନେକ ମାମଲା ସାମ୍ନାକୁ ଆସିଛି, ଯେଉଁଥିରେ ଯୁବପିଢ଼ିଙ୍କଠାରେ ନିଶାଗ୍ରସ୍ତ ଥିବାର ଲକ୍ଷଣ ଦେଖାଯାଉ ନ ଥିଲେ ବି ସେମାନଙ୍କ ଶରୀରରେ ଛୁଞ୍ଚି ଚିହ୍ନଗୁଡ଼ିକ ସ୍ପଷ୍ଟ ଭାବେ ଦେଖାଯାଉଛି। ଅଧିକାଂଶ ଯୁବକ ଚିନ୍ତା, ଏକଲାପଣ ଆଦି ଚାପରୁ ଆରାମ ପାଇଁ ଏହି ଉପାୟକୁ ଆପଣାଉଛନ୍ତି। ତେବେ ବାରମ୍ବାର ଶରୀରକୁ ରକ୍ତ ବାହାର କରିବା ଏବଂ ଇଞ୍ଜେକସନ୍ ଫୋଡ଼ିବା ଦ୍ୱାରା ଶରୀରରେ ସଂକ୍ରମଣ ଆଶଙ୍କା ଅଧିକ ଥାଏ। ଏହା ଭବିଷ୍ୟତରେ ଗମ୍ଭୀର ରୋଗ ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଏହା ଅତ୍ୟନ୍ତ ଚିନ୍ତାଜନକ। ଏଭଳି ଟ୍ରେଣ୍ଡ ଉଭୟ ଶରୀର ଏବଂ ମସ୍ତିଷ୍କକୁ ପ୍ରଭାବିତ କରିଥାଏ। ଯାହାକି ନିଶା ପରି ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯିବ। ଏହି ମାମଲା କେବଳ ଯୁବପିଢ଼ିଙ୍କ ମଧ୍ୟରେ ସୀମିତ ନାହିଁ, ବରଂ ସାମାଜିକ ଗଣମାଧ୍ୟମ ଜରିଆରେ ଏହି ଟ୍ରେଣ୍ଡ ଚାରିଆଡ଼େ ବ୍ୟାପିପାରେ। ଅଧିକରୁ ଅଧିକାଂଶ ଲୋକ ଏଥିରେ ପ୍ରଭାବିତ ହୋଇପାରନ୍ତି। ଏହି ପ୍ରକାର ଗତିବିଧି ସେପ୍‌ସିସ, ଏଚ୍‌ଆଇଭି ଏବଂ ହେପାଟାଇଟିସ୍ ପରି ଗମ୍ଭୀର ରୋଗ ଆଶଙ୍କାକୁ ବଢ଼ାଇପାରେ। କେବଳ ସେତିକି ନୁହେଁ, ବାରମ୍ବାର ଛୁଞ୍ଚି ଫୋଡ଼ିବା ଦ୍ୱାରା ସ୍ନାୟୁଗୁଡିକର କ୍ଷତି, ରକ୍ତଅଭାବ ଏବଂ ଅଙ୍ଗ ଉପରେ ଚାପ ପଡ଼ିପାରେ। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ଯଦି ଜଣଙ୍କ ବ୍ୟବହାରରେ ଅଚାନକ ପରିବର୍ତ୍ତନ ଦେଖାଯିବା ସହ ଶରୀରରେ ଛୁଞ୍ଚି ଦାଗ ଦେଖାଯାଉଛି ଏହାକୁ ଅଣଦେଖା ନ କରି ତୁରନ୍ତ ଡାକ୍ତରଙ୍କୁ ସମ୍ପର୍କ କରିବା ଜରୁରି। ଏହାସହ ସାମାଜିକ ଗଣମାଧ୍ୟମରେ ଦେଖାଯାଉଥିବା ପ୍ରତ୍ୟେକ ଟ୍ରେଣ୍ଡକୁ ଅନ୍ଧ ଭାବରେ ଗ୍ରହଣ କରିବା କେତେ ବିପଜ୍ଜନକ ହୋଇପାରେ ତାହା ଜାଣିବା ଆବଶ୍ୟକ।

## କାର୍ ପାଲଟିଲା ହେଲିକପ୍ଟର



ଉତ୍ତର ପ୍ରଦେଶ ଆଜମଗଡ଼ ଜିଲ୍ଲାରେ ଜଣେ ବ୍ୟକ୍ତି ନିଜ ସଉକକୁ ପୂରା କରିବା ଲାଗି ଯାହା କରିଛନ୍ତି, ତାହା ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ସଲମାନ ନାମକ ଏହି ବ୍ୟକ୍ତି ଜଣକ ନିଜର ପୁରୁଣା ନାନୋ କାର୍‌କୁ ହେଲିକପ୍ଟରରେ ରୂପାନ୍ତରିତ କରିଛନ୍ତି। ସେ କାର୍‌ର ଡିଜାଇନ୍‌କୁ ହେଲିକପ୍ଟରର ରୂପ ପ୍ରଦାନ କରିଛନ୍ତି। ସଲମାନ ଜଣେ ବଢ଼େଇ। ଏହାବାଦ୍ ତାଙ୍କୁ ପୁରୁଣା ଗାଡ଼ିକୁ ନୂଆ ଡିଜାଇନ୍ ଦେବାକୁ ଭଲ ଲାଗେ। ସେ ତାଙ୍କର ହେଲିକପ୍ଟର ସଉକକୁ ପୂରଣ କରିବା ପାଇଁ ତାଙ୍କ ପୁରୁଣା ନାନୋ ଗାଡ଼ିରେ ପରିବର୍ତ୍ତନ ଆଣିବାକୁ ଚାହିଁଲେ। ତେଣୁ ସେ ତାକୁ ହେଲିକପ୍ଟରରେ ରୂପାନ୍ତରିତ କରିଛନ୍ତି। ଅବଶ୍ୟ ଏହି ହେଲିକପ୍ଟର ପବନରେ ନ ଉଡ଼ିଲେ ବି ରାସ୍ତାରେ ଗଡୁଛି। ଯାହାକି କେବଳ ଲୋକଙ୍କ ଦୃଷ୍ଟିଆକର୍ଷଣ କରିନାହିଁ, ବରଂ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏହା ଭିତରୁ କାର୍ ଭଳି ଦେଖାଯାଉଥିଲେ ବି ବାହାରୁ ହେଲିକପ୍ଟର ଭଳି ଦିଶୁଛି। ହେଲିକପ୍ଟର ଭଳି ଏଥିରେ ପଙ୍ଖା ଥିବା ବେଳେ ଏହାକୁ ଆକର୍ଷଣୀୟ କରିବା ଲାଗି ସେ ସୁନ୍ଦର ଲାଇଟ୍ ଲଗାଇଛନ୍ତି। ଏଥିରେ ଡ୍ରାଇଭର ସହ ଆରାମରେ ଚାରି ଜଣ ଲୋକ ବସିପାରିବେ। ଏଥିରେ ଲୋକେ ବସି ସଡ଼କରେ ହେଲିକପ୍ଟରର ମଜା ନେଇ ପାରିବେ। ସେ ଏହାକୁ ତିଆରି କରିବା ପାଇଁ ପ୍ରାୟ ତିନି ଲକ୍ଷ ଟଙ୍କା କରିଛନ୍ତି। ଏହି ମଡେଲକୁ ଲୋକେ ମଧ୍ୟ ଖୁବ୍ ପସନ୍ଦ କରୁଛନ୍ତି। ଏପରିକି ଲୋକେ ଏହାକୁ ବାହାଘର ଲାଗି ବୁକିଂ କରୁଥିବା ସଲମାନ କହିଛନ୍ତି।

## ମଧୁବାଲାଙ୍କ ଭୂମିକାରେ ସାରା



ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର' ଓ 'ଧୁରନ୍ଧର: ଦ ରିଭେଞ୍ଜ' ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଛି। ଫିଲ୍ମରେ ସବୁ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ଛୁଇଁଛି। ଏହି ଫିଲ୍ମରେ ରଣବୀର ସିଂହଙ୍କ ବିପକ୍ଷରେ ଅଭିନୟ କରିଥିବା ଅଭିନେତ୍ରୀ ସାରା ଅର୍ଜୁନ୍ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସାରାଙ୍କ ଅଭିନୟ ଦେଖି ବଲିଉଡ୍‌ର ଅନେକ ଆଗଧାଡ଼ିର ନିର୍ଦ୍ଦେଶକ ତାଙ୍କ ଫିଲ୍ମରେ ବ୍ରେକ୍ ଦେବାପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ହିନ୍ଦୀ ସିନେମା ଇତିହାସର ସବୁଠାରୁ ସୁନ୍ଦର, ଆକର୍ଷଣୀୟ ଏବଂ ପ୍ରତିଭାଶାଳୀ ଅଭିନେତ୍ରୀ ମଧୁବାଲାଙ୍କ ବାୟୋପିକ୍ ଏବେ ସାରାଙ୍କ ହାତକୁ ଆସିଥିବା ଜଣାପଡ଼ିଛି। ତେବେ ଏହାର ପ୍ରିପ୍ରଡକ୍ସନ୍ କାମ ଆସନ୍ତା ଜୁଲାଇ ମାସରୁ ଆରମ୍ଭ ହେବ। ସଞ୍ଜୟ ଲୀଲା ଭଁସାଲି ଏହାର ପ୍ରଯୋଜନା ଦାୟିତ୍ୱ ହାତକୁ ନେବାକୁ ଚାହୁଁଥିବା ଜଣାପଡ଼ିଛି। ଜସ୍ମିତ୍ କେ. ରିନ୍ ଏହାର ନିର୍ଦ୍ଦେଶନା ଦେବେ। ଫିଲ୍ମରେ ସାରା ଅର୍ଜୁନ୍ ଲିଡ୍ ରୋଲରେ ନଜର ଆସିବେ। ହେଲେ ଏଥିରେ ଦିଲୀପ କୁମାର ଓ କିଶୋର କୁମାରଙ୍କ ଚରିତ୍ରରେ କିଏ ନଜର ଆସିବେ ତାହା ଜଣାପଡ଼ି ନାହିଁ। ଏହାପୂର୍ବରୁ ମଧୁବାଲା ଭୂମିକାରେ କିଆରା ଆଡଭାନୀ ନଜର ଆସିବେ ବୋଲି ଚର୍ଚ୍ଚା ହେଉଥିଲା।

## ସ୍ମୃତି

## ଗ୍ରହ ଦୋଷ ଦୂର କରିବ ବୃକ୍ଷ

**ବାସ୍ତୁ ଶାସ୍ତ୍ରରେ ନବଗ୍ରହ ସହ ସମ୍ବନ୍ଧିତ ଦୋଷକୁ ଦୂର କରିବା ଲାଗି କିଛି ବିଶେଷ ଏବଂ ପ୍ରଭାବଶାଳୀ ବୃକ୍ଷ ବିଷୟରେ କୁହାଯାଇଛି। ଏହି ଗଛ କେବଳ ଗ୍ରହ ଦୋଷ ଦୂର କରି ନ ଥାଏ, ବରଂ ଘରେ ସୁଖ ଶାନ୍ତି ବଜାୟ ରଖିବା ଦିଗରେ ଗୁରୁତ୍ୱ ବହନ କରେ। ତେବେ ଘରେ କେଉଁ ପ୍ରକାର ଗଛ ଲଗାଇଲେ କେଉଁ ଗ୍ରହ ଦୋଷ ଦୂର ହେବ, ସେ ସମ୍ପର୍କରେ ଜାଣିବା।**



**ସୂର୍ଯ୍ୟ:** ସୂର୍ଯ୍ୟଙ୍କୁ ଗ୍ରହଙ୍କ ରାଜା ବୋଲି କୁହାଯାଏ। ଜାତକରେ ସୂର୍ଯ୍ୟ ଦୁର୍ବଳ ଥିଲେ ଏବଂ ବୌଦ୍ଧିକ କ୍ଷମତା ତଥା ସ୍ମରଣଶକ୍ତି ବୃଦ୍ଧି କରିବାକୁ ଚାହୁଁଥିଲେ ଡିମିରି ଗଛ ଲଗାଇବା ଶୁଭ। ଏହାବାଦ୍ ନାଲି ଗୋଲାପ ଲଗାଇଲେ ମାନ ସମ୍ମାନ ବୃଦ୍ଧି ପାଏ।

**ଚନ୍ଦ୍ର:** ମାନସିକ ଶାନ୍ତି ଏବଂ ଭାବନାତ୍ମକ ସନ୍ତୁଳନ ପାଇଁ ଚନ୍ଦ୍ରଙ୍କୁ ଶୁଭ ବୋଲି କୁହାଯାଏ। ଚନ୍ଦ୍ର ଦୋଷ ଦୂର କରିବା ଏବଂ ଚିନ୍ତାରୁ ମୁକ୍ତି ପାଇବା ପାଇଁ ପଳାଶ ଗଛ ଲଗାଇବା ଉଚିତ। ଏହା ଅତ୍ୟନ୍ତ ଲାଭକାରୀ। ସେହିପରି ଏହାର ଅନ୍ୟତମ ବିକଳ୍ପ ହେଉଛି ମଲ୍ଲୀ ଗଛ ଏବଂ ଧଳା କନିଅର ଗଛ।

**ମଙ୍ଗଳ:** ମଙ୍ଗଳ ଗ୍ରହର ଶକ୍ତିକୁ ସକାରାତ୍ମକ ରଖିବା ଲାଗି ମନ୍ଦାର ଗଛ ଲଗାଇବା ଭଲ। ସେହିପରି ଲାଲ ଚନ୍ଦନ ଗଛ ଲଗାଇଲେ ଯଶ ଓ ପ୍ରତିଷ୍ଠା ବୃଦ୍ଧି ପାଏ।

**ବୁଧ:** ବ୍ୟବସାୟ, ବାଣୀ, ବୁଦ୍ଧିର କାରକ ବୁଧ ଗ୍ରହଙ୍କୁ ପ୍ରସନ୍ନ କରିବା ପାଇଁ ଚିରଇତା ଗଛକୁ ଶ୍ରେଷ୍ଠ ବୋଲି କୁହାଯାଏ। ଏହା ମାନସିକ ସ୍ପଷ୍ଟତା ପ୍ରଦାନ କରେ ଏବଂ ନିର୍ଣ୍ଣୟ ନେବା କ୍ଷମତାରେ ସୁଧାର ଆଣେ।

**ଗୁରୁ:** ଜ୍ଞାନ ଏବଂ ସୌଭାଗ୍ୟ ଲାଗି ଅଶ୍ୱତ୍ଥ ଗଛ ଉତ୍ତମ। ଏହି ବୃକ୍ଷରେ ତ୍ରିଦେବ ବାସ କରନ୍ତି। ଏହାର ମୂଳରେ ଜପଳ ଅର୍ପଣ କରିବା ଦ୍ୱାରା ଗୁରୁ ଗ୍ରହ ମଜଭୁତ ହୁଏ। ଏହାବାଦ୍ ଘରେ କଦଳୀ ତଥା ବେଲ ଗଛ ଲଗାଇଲେ ବି ଆର୍ଥିକ ସମୃଦ୍ଧି ଆସେ।

**ଶୁକ୍ର:** ଐଶ୍ୱର୍ଯ୍ୟ ଏବଂ ସୁଖ ସମୃଦ୍ଧି ଲାଗି ଡିମିରି ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଛି। ଏହା ପୂର୍ବଜନ୍ମ ଦୋଷ ଦୂର କରିବା ବିଶ୍ୱାସ ରହିଛି। ସୌନ୍ଦର୍ଯ୍ୟ ଏବଂ ପବିତ୍ରତା ଲାଗି ଧଳା କନିଅର ଏବଂ ତୁଳସୀ ଗଛ ଲଗାଇବା ଶୁଭ।

**ଶନି:** ଶନି ଗ୍ରହର କୁପ୍ରଭାବକୁ କମ୍ କରିବା ଲାଗି ସମି ଗଛ ଲଗାଇବା ଉତ୍ତମ। ବାସ୍ତୁ ଶାସ୍ତ୍ର ଅନୁସାରେ, ଏହାକୁ ମୁଖ୍ୟ ଦ୍ୱାରରେ ଲଗାଇଲେ ଧନ ବୃଦ୍ଧି ପାଏ। ଏହା ସହ ବିଗିଡ଼ି ଯାଉଥିବା କାମ ସଫଳ ହୁଏ।

**ରାହୁ:** ରାହୁ ଗ୍ରହର ନକାରାତ୍ମକତାକୁ ଦୂର କରିବା ଲାଗି ଚନ୍ଦନ ଗଛ ଲଗାଇବା ଭଲ। ଏହା ମାନସିକ ଚିନ୍ତା ଦୂର କରିଥାଏ। ଏହି ଗଛ ବଦଳରେ ନିମ୍ବ ଗଛ ଲଗାଇବାର ବିକଳ୍ପ ଅଛି।

**କେତୁ:** କେତୁ ଦୋଷ ଯୋଗୁଁ ଯେଉଁ ବାଧା ସୃଷ୍ଟି ହୁଏ, ତାହାକୁ ଦୂର କରିବା ପାଇଁ ଅଶ୍ୱଗନ୍ଧା ଗଛ ଲଗାଇବାକୁ ପରାମର୍ଶ ଦିଆଯାଏ। ଏହି ଗଛ ଆଧାତ୍ମିକ ଏକାଗ୍ରତା ବୃଦ୍ଧି କରେ। ଜୀବନରେ ସ୍ଥିରତା ଆଣେ।

## ମୋହିନୀ ଏକାଦଶୀ

**ଆଜି ହେଉଛି ପବିତ୍ର ମୋହିନୀ ଏକାଦଶୀ। ବୈଶାଖ ମାସ ଶୁକ୍ଳ ଏକାଦଶୀକୁ ମୋହିନୀ ଏକାଦଶୀ ଭାବେ ପାଳନ କରାଯାଏ। ଏହିଦିନ ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରିଥିଲେ। କୁହାଯାଏ, ଏହି ବ୍ରତ ପାଳନ କଲେ ପାପ କର୍ମ ଏବଂ ନିନ୍ଦା ଅପମାନରୁ ମୁକ୍ତି ମିଳିଥାଏ।**



ଏହି ବ୍ରତ କରିବା ଦ୍ୱାରା ମୋହ ବନ୍ଧନ ନଷ୍ଟ ହୋଇଥାଏ। ତା'ସହ ମନୋକାମନା ପୂରଣ ହୋଇଥାଏ। ଏହିଦିନ ସମୁଦ୍ର ମନ୍ଥନରୁ ବାହାରିଥିବା ଅମୃତକୁ ରାକ୍ଷସଙ୍କଠାରୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରିଥିଲେ। ସେବେଠୁ ଏହି ଦିନକୁ ମୋହିନୀ ଏକାଦଶୀ ଭାବେ ପାଳନ କରାଯାଇ ଆସୁଛି। ମାନ୍ୟତା ଅଛି, ଦେବୀ ସୀତାଙ୍କୁ ଖୋଜିବା ପାଇଁ ଶ୍ରୀରାମ ଏହି ବ୍ରତ ପାଳନ କରିଥିଲେ। ସେହିପରି ତାଙ୍କ ପରେ ମୁନି କୌଣ୍ଡିଲ୍ୟ ଏବଂ ଭଗବାନ ଶ୍ରୀକୃଷ୍ଣ କହିବା ପରେ ଯୁଧିଷ୍ଠିର ମଧ୍ୟ ଏହି ବ୍ରତ ପାଳନ କରିଥିଲେ। ଏହି ଦିନ ବ୍ରତ ରଖି ପୂଜା କଲେ ବ୍ରତଧାରୀଙ୍କ ସମସ୍ତ ମନୋକାମନା ପୂରଣ ହେବା ବିଶ୍ୱାସ ରହିଛି। ଅନ୍ୟପଟେ ଏହିଦିନ ଶ୍ରୀରାମ ପୁରୁଷୋତ୍ତମ ରୂପରେ ପୂଜା ପାଇବାର ବିଧି ଅଛି। ମୋହିନୀ ଏକାଦଶୀରେ ବ୍ରତ ରଖିଲେ ସମସ୍ତ ପାପରୁ ମୁକ୍ତି ମିଳେ ଏବଂ ଘରେ ଉନ୍ନତି ପରିଲକ୍ଷିତ ହୁଏ। ତେବେ ଏହାର ବ୍ରତ କଥାରେ ଜଣେ ଚଣ୍ଡାଳ ରାଜା ଆଉ ଜଣେ ମୋହିନୀ ରାଣୀଙ୍କ କାହାଣୀ ଅଛି। ଯାହାକି ଖୁବ୍ ରୋଚକପୂର୍ଣ୍ଣ।

## ଗୋ-ଦାନ ପରମ୍ପରା

**ହିନ୍ଦୁ ଧର୍ମରେ ଗୋମାତାଙ୍କ ସେବା କରିବା ଦ୍ୱାରା ପୁଣ୍ୟ ଫଳ ପ୍ରାପ୍ତି ହୁଏ। ସେହିପରି ଘରେ ଗାଈ ରହିବା ଅର୍ଥ ସମୃଦ୍ଧି ଏବଂ ଶାନ୍ତିକୁ ସୂଚାଏ। ତେବେ ଜୀବନର ଅନ୍ତିମ ସମୟରେ ଗୋ-ଦାନକୁ ପବିତ୍ର କର୍ମ ବୋଲି କୁହାଯାଏ। ଯଦି କୌଣସି ବ୍ୟକ୍ତି ନିଜ ଅନ୍ତିମ ସମୟରେ ଶ୍ରଦ୍ଧା ପୂର୍ବକ ଗାଈ ଦାନ କରନ୍ତି, ଯମଲୋକ କଷ୍ଟରୁ ରକ୍ଷା ମିଳୁଥିବା ବିଶ୍ୱାସ ଅଛି।**

ଶାସ୍ତ୍ର ଅନୁସାରେ, ଗୋମାତାଙ୍କଠାରେ ସମସ୍ତ ଦେବୀ ଦେବତା ବାସ କରନ୍ତି। ତେଣୁ କୌଣସି ବ୍ୟକ୍ତି ଗୋ-ଦାନ କଲେ କେବଳ ଦାନର ଫଳ ପ୍ରାପ୍ତି ହୁଏ ନାହିଁ, ବରଂ ଆଶୀର୍ବାଦ ପ୍ରାପ୍ତି ହୁଏ। ଗୋ-ଦାନ ଦ୍ୱାରା ପାପ ହ୍ରାସ ପାଏ ଏବଂ ଆତ୍ମାକୁ ଶାନ୍ତି ମିଳେ। ଗୋ-ଦାନ କରୁଥିବା ବ୍ୟକ୍ତି ସ୍ୱର୍ଗଲୋକ ପ୍ରାପ୍ତ କରନ୍ତି ବୋଲି କୁହାଯାଏ।



ସେହିପରି ଗୋ-ଦାନ କେବଳ ଗାଈ ଦାନ କରିବାକୁ ବୁଝାଏ ନାହିଁ। ଏହାର ବାସ୍ତବ ଅର୍ଥ ହେଉଛି ତ୍ୟାଗ କରିବା, ସେବା କରିବା ଓ ଦୟା ଦେଖାଇବା ତଥା ଅସହାୟ ଲୋକଙ୍କୁ ସାହାଯ୍ୟ କରିବା। ସେହିପରି ପ୍ରାଣୀଙ୍କ ସେବା କରିବା ସହ ଭଲ କାମରେ ଯୋଗଦାନ କରିବା ଉଚିତ। ତେଣୁ ଗୋ-ଦାନ କେବଳ ଏକ ଧାର୍ମିକ ବିଧାନ ନୁହେଁ, ବରଂ ଏହା ହେଉଛି ଏକ ଗଭୀର ଚିନ୍ତାଧାରାର ଅଂଶ। କର୍ମ ଜୀବନର ସବୁଠୁ ଅଧିକ ଗୁରୁତ୍ୱ ବହନ କରେ, ଏହା ଏହିକଥା ଶିଖାଏ।

## ଗଙ୍ଗା ମାତାଙ୍କ ନାମ ଜପର ଲାଭ

ଗଙ୍ଗାଜଳର ଗୋଟିଏ ବୁନ୍ଦାରେ ଘରର ବାସ୍ତୁ ଶୁଦ୍ଧ ହୋଇଥାଏ। ଏହା ସହ ନକାରାତ୍ମକତା ଦୂର ହୁଏ। ତେବେ ମା' ଗଙ୍ଗାଙ୍କ ନାମ ଜପ କରିବା ଦ୍ୱାରା ସମସ୍ତ ପାପ କ୍ଷୟ ହୁଏ। ସୁଖ, ସମୃଦ୍ଧି ବୃଦ୍ଧି ପାଏ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପ୍ରାପ୍ତି ହୁଏ।



- ଗଙ୍ଗା ମାତାଙ୍କ ନାମ ଜପ କରିବା ଦ୍ୱାରା ପାପରୁ ମୁକ୍ତି ମିଳେ।
- ଦେବୀ ଗଙ୍ଗାଙ୍କ ନାମ ଜପ କଲେ ମୋକ୍ଷ ପ୍ରାପ୍ତିର ରାସ୍ତା ଉନ୍ମୁକ୍ତ ହୁଏ।
- ସେହିପରି ଗଙ୍ଗା ମାତାଙ୍କ ନାମ ଜପ ଦ୍ୱାରା ଶାରୀରିକ କଷ୍ଟ ଏବଂ ଜୀବନର ବାଧା ଦୂର ହୁଏ।
- ମାତା ଗଙ୍ଗାଙ୍କ ନାମ ଜପ ଦ୍ୱାରା ସୌଭାଗ୍ୟ ବୃଦ୍ଧି ପାଏ।
- ମାନସିକ ଚିନ୍ତା ଦୂର ହୁଏ। ଜୀବନରେ ଖୁସି ଆସେ।
- ଗଙ୍ଗା ମାତାଙ୍କ ନାମ ଜପ ଦ୍ୱାରା ପୂର୍ବପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳେ।

## ରାବାଡାଙ୍କ ଘାତକ ବୋଲିଂ, ସୁଦର୍ଶନଙ୍କ ଦମ୍‌ଦାର ଅର୍ଦ୍ଧଶତକ

# ଚେନ୍ନାଇକୁ ହରାଇ ଗୁଜରାଟର ଚତୁର୍ଥ ବିଜୟ




ଚେନ୍ନାଇ,୨୬।୪(ଏଜେନ୍ସି)

କାଗିସୋ ରାବାଡା (୩/୨୫)ଙ୍କ ଘାତକ ବୋଲିଂ ଓ ସାଇ ସୁଦର୍ଶନ (୪୬ବଲ୍‌ରେ ୮୭ରନ୍)ଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୩୭ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ୮ ୱିକେଟରେ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରିଛି। ଏହା ଫଳରେ ୮ମ ମୁକାବିଲାରୁ ଚତୁର୍ଥ ବିଜୟ ସହ ଗୁଜରାଟ ପଏଣ୍ଟ ଟେବଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଚେନ୍ନାଇ ୮ମ ମ୍ୟାଚ୍‌ରୁ ୫ମ ବିଜୟ ସହ ପ୍ଲେ ଅଫ୍ ଖେଳିବା ନେଇ ଆଶଙ୍କା ମଧ୍ୟରେ ରହିଛି। ଏହି ମ୍ୟାଚ୍‌ରେ ଋତୁରାଜ ଗାଏକ୍‌ୱାଡଙ୍କ ଅପରାଜିତ ୭୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୫୮ ରନ୍ କରିଥିଲା। ଜବାବରେ ଗୁଜରାଟ ଟାଇଟାନ୍ସ ୧୬.୪ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟଲକ୍ଷ୍ୟରେ ପହଞ୍ଚିଥିଲା। ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ଘାତକ ବୋଲିଂ କରି ୪ ଓଭରରେ ୨୫ ରନ୍ ଦେଇ ୩ଟି ୱିକେଟ ନେଇଥିବା ଗୁଜରାଟର ରାବାଡାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍ ଜିତିବାକୁ ଗୁଜରାଟ ଆଗରେ ଚେନ୍ନାଇ ମାତ୍ର ୧୫୯ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ଟାର୍ଗେଟକୁ ପିଛା କରି ସାଇ ସୁଦର୍ଶନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଗୁଜରାଟ ୨୦ଟି ବଲ୍ ବାକିଥାଇ ସହଜରେ ୮ୱିକେଟରେ ମ୍ୟାଚ୍‌କୁ ଜିତିନେଇଥିଲା। ସୁଦର୍ଶନ ପ୍ରଥମ ୱିକେଟ ଭାଗୀଦାରିରେ ଶୁବମନ ଗିଲ୍‌ଙ୍କ ସହ ୩୯ବଲ୍‌ରୁ ୫୮ ଓ ଦ୍ୱିତୀୟ ୱିକେଟରେ ଜୋସ ବଟ୍ଲରଙ୍କ ସହ ୬୦ବଲ୍‌ରୁ ୯୭ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇବା ପରେ ଆଉଟ ହୋଇଥିଲେ। ସେ ୩୩ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲାବେଳେ ମୋଟ ୪୬ଟି ବଲ୍ ଖେଳି ୪ ଚୌକା ଓ ୭ ଛକା ସହ ୮୭ରନ୍‌ରେ ଆଉଟ ହୋଇଥିଲେ। ଦୁଇଦିନ ତଳେ ସେ ଆର୍‌ସିବି ବିପକ୍ଷରେ ଠିକ୍ ୧୦୦ ରନ୍ କରିଥିଲେ ମଧ୍ୟ ଦଳ ମ୍ୟାଚ୍ ହାରିଯାଇଥିଲା।




**ଆଜିର ଆଇପିଏଲ୍ ମ୍ୟାଚ୍**
**ଦିଲ୍ଲୀ ବନାମ ବେଙ୍ଗାଲୁରୁ**
**ଭେନ୍ୟୁ - ଦିଲ୍ଲୀ**
**ଖେଳ ଆରମ୍ଭ : ରାତି ୭.୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର**

ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଗିଲ୍ ୨୩ବଲ୍‌ରୁ ୩୩ ଓ ବଟ୍ଲର ୩୦ବଲ୍‌ରୁ ଅପରାଜିତ ୩୦ରନ୍ କରିଥିଲେ।

ପୂର୍ବରୁ କାଗିସୋ ରାବାଡାଙ୍କ ଘାତକ ବୋଲିଂ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପର କିଙ୍ଗ୍‌ସ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିଲା। ସଞ୍ଜୁ ସାମସନ ୧୧, ଉର୍ଭିଲ ପଟେଲ ୪, ସର୍ଫରାଜ ଖାନ୍ ୦ ଓ ଡିୱାଲ୍ଡ ବ୍ରେଭିସ୍ ୨ରନ୍‌ରେ ଆଉଟ ହେବା ଫଳରେ ଚେନ୍ନାଇ ୩୭ରନ୍‌ରେ ୪ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଗୋଟିଏ ପଟେ ତିଷ୍ଠି ରହିଥିବା ଅଧିନାୟକ ଋତୁରାଜ ଗାଏକ୍‌ୱାଡ ୫ମ ୱିକେଟରେ ଶିବମ ଦୁବେଙ୍କ ସହ ୪୩ବଲ୍‌ରୁ ୫୯ରନ୍ ଉଠାଇ ବିପର୍ଯ୍ୟୟର ଧାରାକୁ ଅଟକାଇଥିଲେ। ଏହା ପରେ କାର୍ତ୍ତିକ ଶର୍ମା (୯ବଲ୍‌ରେ ୧୫ରନ୍) ଓ ଜାମି ଓଭରଟନ୍ (୬ବଲ୍‌ରେ ୧୮ରନ୍)ଙ୍କ ଉପଯୋଗୀ ସହଯୋଗ ବଳରେ ଚେନ୍ନାଇ ୧୫୦ରନ୍ ଅତିକ୍ରମ କରିଥିଲା। ଶେଷଯାଏ ଆଉଟ ହୋଇ ନ ଥିବା ଗାଏକ୍‌ୱାଡ୍ ୬୦ବଲ୍‌ର ସାମ୍ନା କରି ୬ ଚୌକା ଓ ୪ ଛକା ସହ ଚଳିତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଗୁଜରାଟ ପକ୍ଷରୁ ରାବାଡାଙ୍କ ବ୍ୟତୀତ ଅର୍ଶାଦ୍ ଖାନ୍ ୪୩ରନ୍‌ରେ ୨ଟି ୱିକେଟ ପାଇଥିଲେ। ଚେନ୍ନାଇ ଇନିଂସର ୧୨ ଓଭର ଯାଏ ଗୁଜରାଟ ନିୟନ୍ତ୍ରଣରେ ରହିଥିଲା।

## ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ବେଙ୍ଗାଲୁରୁ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ହାଇଦରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଗୁଜରାଟ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ | ୭ | ୩ | ୪ | ୦ | ୬ | -୦.୧୮୪ |
| ମୁମ୍ବଇ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ* | ୭ | ୨ | ୫ | ୦ | ୪ | -୧.୨୭୭ |
| କୋଲକାତା* | ୭ | ୧ | ୫ | ୧ | ୩ | -୦.୮୭୯ |

■ **ଦୀପ୍ତି ଶର୍ମାଙ୍କୁ ୫ ୱିକେଟ**

## ଚତୁର୍ଥ ଟି-୨୦ରେ ଜିତିଲା ଭାରତ

ଜୋହାନ୍ସବର୍ଗ,୨୬।୪(ଏଜେନ୍ସି): ଦୀପ୍ତି ଶର୍ମାଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଶନିବାର ଖେଳାଯାଇଥିବା ଚତୁର୍ଥ ଟି-୨୦ ମୁକାବିଲାରେ ଭାରତ ମହିଳା ଦଳ ୧୪ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ପରାଜୟ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୩-୧ରେ ଆଗୁଆ ରହିଛି। ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍ ବେନୋନିରେ ଆସନ୍ତାକାଲି ସୋମବାର ଖେଳାଯିବ। ଏହି ମ୍ୟାଚରେ ୨୬ବଲ୍ ଖେଳି ଅପରାଜିତ ୩୬ରନ୍ କରିବା ସହ ଦକ୍ଷିଣ ଆଫ୍ରିକା ଇନିଂସରେ ୧୯ ରନ୍ ଦେଇ ୫ ୱିକେଟ ନେଇଥିବା ଦୀପ୍ତିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୧୮୫ ରନ୍ କରିଥିଲା। ଦଳପକ୍ଷରୁ ଜେମିମା ରୋଡ୍ରିଗ୍ସ୍ ସର୍ବାଧିକ ୪୩, ରିଚା ଘୋଷ ଅପରାଜିତ ୩୪, ଅନୁଷ୍କା ଶର୍ମା ୨୭ ଓ ହରମନପ୍ରୀତ୍ କୌର ୨୨ ରନ୍ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଭାରତୀୟ ବୋଲିଂର ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୧ ରନ୍ କରିପାରିଥିଲା।

■ **ମାରାଥନରେ ବିଶ୍ୱରେକର୍ଡ**

## ୨ଘଣ୍ଟାରୁ କମ୍ ସମୟ ନେଇ ଦୌଡ଼ିବାରେ ସେବାଷ୍ଟିଆନ ପ୍ରଥମ

ଲଣ୍ଡନ,୨୬।୪(ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ କେନିଆର ସେବାଷ୍ଟିଆନ ସାୱେ ଏଠାରେ ରବିବାର ଅନୁଷ୍ଠିତ ଲଣ୍ଡନ ମାରାଥନରେ ଟାଇଟଲ ବଜାୟ ରଖିଛନ୍ତି। କିନ୍ତୁ ଏହି ଦୂରତାକୁ ସେ ଏକ ଘଣ୍ଟା ୫୯ ମିନିଟ୍ ୩୦ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ଦୌଡାଳିଭାବେ ୨ଘଣ୍ଟାରୁ କମ୍ ସମୟରେ ଦୌଡି ବିଶ୍ୱରେକର୍ଡ କରିଛନ୍ତି। ଇଥିଓପିଆର ଚ୍ୟାଲେଞ୍ଜର ୟୋମିଫ କେଜେଲଚା ତାଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ସେ ଏକ ଘଣ୍ଟା ୫୯ମିନିଟ ୪୧ ସେକେଣ୍ଡରେ ଏହି ଦୂରତାକୁ ଅତିକ୍ରମ କରି ବିଶ୍ୱର ଦ୍ୱିତୀୟ ଦୌଡାଳି ଭାବେ ୨ ଘଣ୍ଟାରୁ କମ୍ ସମୟ ନେଇଥିଲେ। ଏମାନଙ୍କ ପୂର୍ବରୁ ମାରାଥନକୁ କେହି ୨ ଘଣ୍ଟାରୁ କମ୍ ସମୟରେ ଅତିକ୍ରମ କରିପାରି ନ ଥିଲେ। ଉଗାଣ୍ଡାର ଜ୍ୟାକବ କିପ୍‌ଲୋମୋ ୨ ଘଣ୍ଟା ୨୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଲଣ୍ଡନ ମାରାଥନ ଏହି ରେକର୍ଡ ଲାଗି ସ୍ମରଣୀୟ ହୋଇ ରହିବ।

**କେକେଆର୍ ବନାମ ଏଲଏସ୍‌ଜି**

## ମୋହସିନ ଖାନ୍‌ଙ୍କ ଘାତକ ବୋଲିଂ



ଲକ୍ଷ୍ନୌ,୨୬।୪(ଏଜେନ୍ସି): ବାମହାତୀ ଫାଷ୍ଟ ବୋଲର ମୋହସିନ ଖାନ୍‌ଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଏଲଏସ୍‌ଜି (ଲକ୍ଷ୍ନୌ ସୁପର ଜାଏଣ୍ଟସ) ବିପକ୍ଷ ଆଇପିଏଲ୍‌ର ୩୯ତମ ଲିଗ୍ ମ୍ୟାଚ୍‌ରେ କେକେଆର୍ (କୋଲକାତା ନାଇଟ୍ ରାଇଡର୍ସ) ଚରମ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍‌ରେ ୬ଫୁଟ ୩ ଇଞ୍ଚ ଉଚ୍ଚତା ବିଶିଷ୍ଟ ୟୁପିର ମୋହସିନ୍ ୪ ଓଭର ବୋଲିଂ କରି ୨୩ ରନ୍‌ରେ ୫ ୱିକେଟ ଅକ୍ତିଆର କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା କେକେଆର ଓଭର ଖେଳ ଶେଷ ସୁଦ୍ଧା ୭ ୱିକେଟ ହରାଇ ୯୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ରିଙ୍କୁ ସିଂ ୨୭ ଓ ସୁନୀଲ ନାରିନ୍ ୦ ରନ୍ କରି ଖେଳୁଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ କାମେରନ ଗ୍ରୀନ୍ ସର୍ବାଧିକ ୩୪ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆଜିଙ୍କ୍ୟା ରାହାଣେ ୧୦, ଟିମ୍ ସେଇଫର୍ଟ ୦, ଅବଷ୍ଟ୍ରକ୍ଟିଂ ଦ ଫିଲ୍ଡରେ ଆଉଟ ହୋଇଥିବା ଅଙ୍ଗକ୍ରିସ୍ ରଘୁବଂଶୀ ୯, ରୋଭମାନ ପାୱେଲ ୧, ରମଣଦୀପ ସିଂହ ୬ ଓ ଅନୁକୂଳ ରୟ ୦ ରନ୍‌ରେ ଆଉଟ ହୋଇଥିଲେ। ଏଲ୍‌ଏସ୍‌ଜି ପକ୍ଷରୁ ମୋହସିନ ୫ ୱିକେଟ ପରେ ଜର୍ଜ ଲିଣ୍ଡେଙ୍କୁ ଗୋଟିଏ ୱିକେଟ ମିଳିଥିଲା। ଏହି ମୁକାବିଲା ପୂର୍ବରୁ ଏଲଏସ୍‌ଜି ୭ଟି ମ୍ୟାଚ୍‌ରୁ ୨ଟିରେ ଜିତି ପଏଣ୍ଟ ଟେବଲର ୯ମ ଓ ଗୋଟିଏ ମ୍ୟାଚ ଜିତି କେକେଆର୍ ୧୦ମ ତଥା ଶେଷ ସ୍ଥାନରେ ରହିଥିଲା।

### ହାଇଦରାବାଦ୍‌ର ପଞ୍ଚମ ବିଜୟ

ଜୟପୁର: ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ ବ୍ୟର୍ଥ ହୋଇଛି। ଏଠାରେ ଶନିବାର ଖେଳାଯାଇଥିବା ଆଇପିଏଲ୍‌ର ୩୬ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ୫ ୱିକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ୬ ୱିକେଟରେ ୨୨୮ ରନ୍ କରିଥିଲା। ଜବାବରେ ଅଭିଷେକ ଶର୍ମା (୨୯ବଲ୍‌ରେ ୫୭ରନ୍) ଓ ଇଶାନ କିଶାନ (୩୧ବଲ୍‌ରେ ୭୪ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ସନରାଇଜର୍ସ ହାଇଦରାବାଦ୍ ୧୮.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ମ୍ୟାଚ୍ ପରେ ହାଇଦରାବାଦ ୮ମ ମ୍ୟାଚ୍‌ରୁ ପଞ୍ଚମ ବିଜୟ ହାସଲ କରି ରାଜସ୍ଥାନକୁ ପଛରେ ପକାଇ ପଏଣ୍ଟ ଟେବଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

## ମହେନ୍ଦ୍ରଗିରି ଦୁଃସାହସିକ କ୍ରୀଡ଼ା ଉଦ୍‌ଯାପିତ

ଭୁବନେଶ୍ୱର, ୨୬।୪ (ସମିସ): ଦୁଃସାହସିକ କ୍ରୀଡ଼ାକୁ ନେଇ ଓଡ଼ିଶାରେ ଦୁଇଦିନିଆ ପ୍ରତିଯୋଗିତା 'ମହେନ୍ଦ୍ରଗିରି ଇକୋ ଆଡଭେଞ୍ଚର ଫେଷ୍ଟ' ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ଗଜପତି ଜିଲ୍ଲାରେ ପୂର୍ବଘାଟ ପର୍ବତମାଳାରେ ଅବସ୍ଥିତ ମହେନ୍ଦ୍ରଗିରି ପର୍ବତଶୃଙ୍ଗରେ ଅନୁଷ୍ଠିତ ଏହି ଦୁଃସାହସିକ କ୍ରୀଡ଼ାରେ ଦେଶର ୧୫ଟି ରାଜ୍ୟର ୬୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଆୟୋଜକ ଓଡ଼ିଶାର ୩୧୨ଜଣ କ୍ରୀଡ଼ାବିତ ଏଥିରେ ଅଂଶଗ୍ରହଣ କରି ସେମାନଙ୍କ କ୍ରୀଡ଼ାକୌଶଳକୁ ପ୍ରଦର୍ଶନ କରିଥିଲେ। ଭୂପୃଷ୍ଠରୁ ୧୫୦୧ ମିଟର (୪,୯୨୫ ଫୁଟ) ଉଚ୍ଚରେ ଅବସ୍ଥିତ ରାଜ୍ୟର ଏହି ଦ୍ୱିତୀୟ ସର୍ବୋଚ୍ଚ ଶୃଙ୍ଗରେ ପ୍ରତିଯୋଗୀମାନେ ପ୍ରାକୃତିକ ପଥର ଉପରେ 'ବୋଲଡରିଂ' ପ୍ରତିଯୋଗିତାରେ ଭାଗନେଇଥିଲେ। ସେହିଭଳି ମାଉଣ୍ଟେନ ବାଇକିଂ, ରକ୍ କ୍ଲାଇମ୍ବି ଟ୍ରେକିଂ, ହିଲ ରନିଂ, ସ୍ଲାକଲାଇନିଂ, ଟ୍ରେକାଥନ (ପାହାଡ଼ ଶିଖର ପର୍ଯ୍ୟନ୍ତ ୭ କିମି ଦୌଡ ଆଦି), ରାପେଲିଂ ଓ ଡାଉନହିଲ୍ ସାଇକ୍ଲିଂ ଭଳି ଦୁଃସାହିକ କ୍ରୀଡ଼ାରେ ସାମିଲ ହୋଇଥିଲେ। ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ 'ବୋଲଡରିଂ' ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ୩ଟି ପଦକ ବିଜୟୀ ହୋଇଥିଲା। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି କାଂସ୍ୟ ପଦକ ରହିଥିଲା। ୧୬ ବର୍ଷରୁ କମ୍ ବାଳକ ବୋଲ୍ଡରିଂରେ ସାହିଲ କୁମାର ଦାସ ଓ ଦୁଷ୍ମନ୍ତ ହେମ୍ବ୍ରମ ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ବୟସ ବିଭାଗର ବାଳିକାରେ ଶ୍ରଦ୍ଧା ସୁମନ ୩ୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଝାଡ଼ଖଣ୍ଡ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ସହ ୩ଟି ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ରୂପେଶ ପାଣିଗ୍ରାହୀ, ଦାଶରଥୀ ଗମାଙ୍ଗୋ, ବିଭାଗୀୟ ପ୍ରମୁଖ ସଚିବ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରକାଶଯୋଗ୍ୟ, ଭୂ-ଆଧାରିତ ଦୁଃସାହସିକ କ୍ରୀଡ଼ା କାର୍ଯ୍ୟକଳାପକୁ ଅଗ୍ରସର କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ଫେବୃଆରୀରେ ଭାରତୀୟ ମାଉଣ୍ଟେନରିଂ ଫାଉଣ୍ଡେସନ (ଆଇଏମ୍‌ଏଫ୍) ସହ ଏମଓୟୁ ହୋଇଥିଲା। ଏହାର ୩ ମାସ ପରେ ମହେନ୍ଦ୍ରଗିରିରେ ପ୍ରଥମ ଭୂ-ଆଧାରିତ ଦୁଃସାହିକ କ୍ରୀଡ଼ା ଆୟୋଜିତ ହୋଇଯାଇଛି।



## ଆଇଟିଏଫ୍ ଜୁନିଅର ୱାର୍ଲ୍ଡ ଟେନିସ ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୪ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ରବିବାର ଜେ-୩୦ ଭୁବନେଶ୍ୱର ଆଇଟିଏଫ୍ ଜୁନିଅର ୱାର୍ଲ୍ଡ ଟେନିସ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଟେନିସ ସଂଘ (ଓଟିଏ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶ ଓ ବିଦେଶରୁ ୯୦ ବାଳକ ଓ ୭୪ ବାଳିକା ସହ ମୋଟ୍ ୧୬୪ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଅଷ୍ଟ୍ରେଲିଆ, ଆମେରିକା, ଚାଇନା ଓ ନେପାଳର ଖେଳାଳି ଆକର୍ଷଣରେ ରହିଛନ୍ତି। କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅନ୍ତର୍ଜାତୀୟ ଟେନିସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଟିଏ ସଭାପତି ଅସିତ୍ ତ୍ରିପାଠୀ, ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ, ଆଇଟିଏଫ୍ ପର୍ଯ୍ୟବେକ୍ଷକ ପ୍ରବୀଣ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ମେ ୨ ତାରିଖରେ ଉଦଯାପିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବାଳକ ଓ ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୋମବାରଠାରୁ ପ୍ରତିଯୋଗିତାର ମୁଖ୍ୟ ପର୍ଯ୍ୟାୟ ଆରମ୍ଭ ହେବ। ଏଥିରେ ଓଡ଼ିଶାର ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ, ଶ୍ରେୟାନ ପଟ୍ଟନାୟକ, ସୁୟାଶ ପଟ୍ଟନାୟକ, ଆୟୁଷ ପଟ୍ଟନାୟକ, ସେକ୍ ସଜଫା ୱାନିଆ, ସଂରଚନା ଦାସ, ସାନଭୀ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିବେ।




■ **ଶ୍ୟାମଳୀ ଦେ ସ୍ମାରକୀ ଚେସ୍**

## ଓମ୍‌ଆଦିତ୍ୟ ଟାଇଟଲ ବିଜୟୀ

ଭୁବନେଶ୍ୱର,୨୬।୪(ସମିସ): ଭୁବନେଶ୍ୱରର ଓମ୍‌ଆଦିତ୍ୟ ଖାଡଙ୍ଗା ୫ମ ଶ୍ୟାମଳୀ ଦେ ସ୍ମାରକୀ ଚେସ୍ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଓମ୍‌ଆଦିତ୍ୟ ଓ ଯାଜପୁରର ସଞ୍ଜୀବନ ନାୟକ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ଓମ୍‌ଆଦିତ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱରର ନଟବର ଦାସ ତୃତୀୟ, କେଭି ନଂ-୧'ର ସ୍ୱସ୍ତିକ ବେହେରା ଚତୁର୍ଥ, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ୍‌ର ମନୀଷ ରଞ୍ଜନ ଦାସ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ରସୁଲଗଡ ଏସ୍‌ବିଆଇ ଅଡିଟ ଅଫିସର ମ୍ୟାନେଜର ପ୍ରକାଶ ଚନ୍ଦ୍ର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ମାନବେଶ ଦେ ଓ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରିଥିଲେ।




## ନୀଳାଚଳ ଟ୍ରଫି କ୍ରିକେଟ ଉଦ୍‌ଘାଟିତ

# ପାୟୋନିୟରକୁ ହରାଇ ସେମିରେ ମୁକ୍ତେଶ୍ୱର




ପୁରୀ,୨୬।୪(ସମିସ): ପାୟୋନିୟର କ୍ଲବ୍ ପକ୍ଷରୁ ୧୭ତମ ନୀଳାଚଳ ଟ୍ରଫି ଆମନ୍ତ୍ରଣୀୟ କ୍ରିକେଟ ପ୍ରତିଯୋଗିତା ସ୍ଥାନୀୟ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍‌ରେ ରବିବାର ଆରମ୍ଭ ହୋଇଛି। ପୁରୀ ବିଧାୟକ ସୁନିଲ ମହାନ୍ତି, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମୁକାବିଲାରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ୪ ୱିକେଟରେ ଆୟୋଜକ ପାୟୋନିୟର କ୍ଲବ୍‌କୁ ପରାସ୍ତ କରି ସେମିରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ୪୪ ରନ୍ କରି ଅପରାଜିତ ରହିଥିବା ରମଣୀରଞ୍ଜନ ଜେନାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏସ୍‌ଏନ୍‌ଏମ୍ ଗ୍ରୁପ୍ ଅଫ କମ୍ପାନୀର ନିର୍ଦ୍ଦେଶକ ପ୍ରଗତି କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ମୟଙ୍କ ପଟ୍ଟନାୟକଙ୍କୁ ବେଷ୍ଟ ଇମ୍ପାକ୍ଟ ପ୍ଲେୟର ପୁରସ୍କାର ଦେଇଥିଲେ ଦେବଦତ୍ତ ମହାପାତ୍ର। ଆସନ୍ତାକାଲି ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ୍ ଓ କଟକର ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚର ବିଜେତା ସହ ମୁକ୍ତେଶ୍ୱର ଆସନ୍ତା ୨୮ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ମୁକାବିଲା କରିବ। ଉଦ୍‌ଘାଟନୀ ଉତ୍ସବର ଅନ୍ୟଅତିଥିମାନଙ୍କ ମଧ୍ୟରେ ନିଳାଚଳ ଟ୍ରଫି ଆୟୋଜକ କମିଟିର ଅଧ୍ୟକ୍ଷ ମାଧବ ଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ହରେଶ ମିଶ୍ର ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌କୁ ଚନ୍ଦ୍ରମୋହନ ବରାଳ ଓ ଦେବବ୍ରତ ଦାଶ ପରିଚାଳନା କରିଥିଲେ।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାୟୋନିୟର ୩୮ ଓଭରରେ ୧୭୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଶକ୍ତି ଦାସ ୩୨ ଓ ମୟଙ୍କ ପଟ୍ଟନାୟକ ୩୦ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଆଶୁତୋଷ ମାରାଣ୍ଡି ଓ ଚନ୍ଦ୍ରାଂଶୁ ବାଗେଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ୩୪ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରମଣୀ ରଞ୍ଜନ ଜେନା ସର୍ବାଧିକ ୪୪ ଓ ଦିନେଶ ମାଝୀ ៣୧ରନ୍ କରିଥିଲେ। ଆୟୋଜକ ଦଳର ଶକ୍ତି ଦାସଙ୍କୁ ୨ଟି ୱିକେଟ ମିଳିଥିଲା।

● **୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

## ରାୟଗଡ଼ାକୁ ୨୦୪ ରନ୍‌ରେ ହରାଇଲା କେନ୍ଦୁଝର







ଭୁବନେଶ୍ୱର,୨୬।୪(ସମିସ): ଓଡ଼ିଶା କ୍ରିକେଟ ସଂଘ ଆନୁକୂଲ୍ୟରେ ଚାଲିଥିବା ୧୬ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତାର ରବିବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏହା ମଧ୍ୟରୁ ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ସୋନପୁର ୮ ୱିକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। କଳାହାଣ୍ଡି ପ୍ରଥମେ ବ୍ୟାଟିଂ କରି ୪୯ରନ୍‌ରେ ଅଲ୍‌ଆଉଟ ହେବା ପରେ ସୋନପୁର ୧୨.୨ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳପକ୍ଷରୁ କଳିଙ୍ଗପଟନମ କୁମାର ୩ଟି ଓ ଭବତୋଷ ବିଶ୍ୱାଳ ୨ଟି ୱିକେଟ ପାଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ବଲାଙ୍ଗିର ୩ ୱିକେଟରେ ଜଗତସିଂହପୁରକୁ ହରାଇଦେଇଛି। ପ୍ରଥମେ ବ୍ୟାଟିଂ କରି ଜଗତସିଂହପୁର ୯ ୱିକେଟରେ ୧୬୨ ରନ୍ କରିବା ପରେ ବଲାଙ୍ଗିର ୪୫.୫ ଓଭରରେ ୭ ୱିକେଟ ହରାଇ ୧୬୮ ରନ୍ କରିଥିଲା। ବିଜୟୀ ବଲାଙ୍ଗିର ପକ୍ଷରୁ ସିଦ୍ଧେଶ୍ୱର ବାଗ୍ ସର୍ବାଧିକ ୬୪ ରନ୍ କରିଥିଲେ ଓ ସାଇ ପ୍ରକାଶ ବୁଡେକ ୩ଟି ୱିକେଟ ପାଇଥିଲେ। ଜଗତସିଂହପୁରର ବିଶ୍ୱପ୍ରକାଶ ସାମନ୍ତରାୟ ୪୫ରନ୍ କରିଥିଲାବେଳେ ରିହାନ ସାମଲ ଓ ସୋହେବ ଖାନ୍ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଅଡ଼ଶପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ତୃତୀୟ ତଥା ଶେଷ ମ୍ୟାଚ୍‌ରେ କେନ୍ଦୁଝର ୨୦୪ ରନ୍‌ରେ ରାୟଗଡାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ରାହୁଲଦେବ ନାଏକ ୧୨୪ ବଲ୍‌ରେ ଅପରାଜିତ ୧୦୬ ଓ ଯୋଗେଶ୍ୱର ମହନ୍ତ ୫୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ୬ ୱିକେଟରେ ୨୫୭ ରନ୍ କରିଥିଲା। ଜବାବରେ ରାୟଗଡା ୧୭.୩ ଓଭରରେ ମାତ୍ର ୫୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ କେନ୍ଦୁଝରର ଓମ୍‌ପ୍ରକାଶ ସେଠୀଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା। ରାୟଗଡାର ଶୁଭମ କନ୍ଧପାଣି ୨ଟି ୱିକେଟ ପାଇଥିଲାବେଳେ କୌଣସି ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS